CMYK

- Vol.- 46, Issue No. 92
- Thursday, 02 July 2026
- ଗୁରୁବାର, ୦୨ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ୧୨ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି
# 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନା ଆରମ୍ଭ

- କେ.ଜିରୁ ପି.ଜି ମାଗଣା ଶିକ୍ଷା
- ନାମଲେଖା ଫି' ପୂରା ଛାଡ଼
- ମଝିରୁ ପାଠ ଛାଡ଼ିବା ରୋକିବାକୁ ପ୍ରୟାସ
- ଅନଟନରୁ ଯୋଗ୍ୟ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ
- ୫ ବର୍ଷରେ ଖର୍ଚ୍ଚ ହେବ ୫,୪୬୭.୫୫ କୋଟି ଟଙ୍କା



ଭୁବନେଶ୍ୱର, ୧ ।୭(ନିପ୍ର): ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି ନାମରେ ରାଜ୍ୟ ସରକାର ଏକ ନୂତନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ କେ.ଜି ରୁ ପି.ଜି ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ କୌଣସି ଦେୟ ପଡିବ ନାହିଁ।ରାଜ୍ୟ ମନ୍ତ୍ରିମଣ୍ଡଳ (କ୍ୟାବିନେଟ)ର ୪୩ତମ ବୈଠକ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୮ ଟି ବିଭାଗର ୧୨ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି। ବୈଠକରେ ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧିକୁ ଅନୁମୋଦନ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ରାଜ୍ୟର ଜଣେ ବି ଛାତ୍ର କିମ୍ବା ଛାତ୍ରୀ ଆଉ ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ। କିମ୍ବା ପାଠପଢା ମଝିରୁ ପାଠ ଛାଡିବେ ନାହିଁ। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ଏହା ଏକ ଐତିହାସିକ ପଦକ୍ଷେପ। ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ବା ରେଗୁଲାର୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି' ଛାଡ଼ କରାଯିବ। ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ଏହା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଓଡ଼ିଶାରେ କିଣ୍ଡରଗାର୍ଟେନ୍ ବା କେଜିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପୂର୍ବରୁ ଦେୟମୁକ୍ତ ଥିଲା। ଆର୍ଥିକ ଅଭାବ ଅନଟନ ଯୋଗୁଁ ଯେପରି କୌଣସି ଯୋଗ୍ୟ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ଏହି ଯୋଜନାର ପରିକଳ୍ପନା କରାଯାଇଛି। ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଥମ ଆର୍ଥିକ ବର୍ଷରେ ୮୯୫.୫୭ କୋଟି ଟଙ୍କା ଏବଂ ୫ ବର୍ଷ ଅବଧି ମଧ୍ୟରେ ୫,୪୬୭.୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଞ୍ଜୁରି ଦେଇଛନ୍ତି। ଏହାଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ ଏବଂ ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ। ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ଓଡ଼ିଶା ଭିଜନ ୨୦୩୬ ଏବଂ ଓଡ଼ିଶା ଭିଜନ ୨୦୪୭ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ।

# ନବମ, ଦଶମ ପିଲାଙ୍କୁ ମିଳିବ ମଧ୍ୟାହ୍ନ ଭୋଜନ

- ୫ ବର୍ଷରେ ୪,୨୨୪.୪୬ କୋଟି ହେବ ଖର୍ଚ୍ଚ
- ତେଲ ନଦୀ ଉପରେ ନିର୍ମାଣ ହେବ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର
- ଆନୁଷ୍ଠାନିକ ଡିଲରମାନଙ୍କ ନିଯୁକ୍ତି ପ୍ରକ୍ରିୟା ସେପ୍ଟେମ୍ବର ୩୦ ଯାଏଁ ବୃଦ୍ଧି
- ଜୟଦେବ ବିହାରରୁ ନନ୍ଦନକାନନ ରୋଡ,୫୭୯କୋଟି ଟଙ୍କା ଖର୍ଚ୍ଚ ହେବ

ଭୁବନେଶ୍ୱର, ୧ ।୭: ରାଜ୍ୟ ସରକାର ସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇବା ପାଇଁ ଏହାର ପ୍ରମୁଖ କଲ୍ୟାଣ କାର୍ଯ୍ୟକ୍ରମକୁ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧ ଏପ୍ରିଲ ୨୦୨୫ରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଏବେ ପୂର୍ଣ୍ଣାଙ୍ଗ ରୂପରେ ଚାଲିଛି। ୫ବର୍ଷ ମୋଟ ୪,୨୨୪.୪୬ କୋଟି ଟଙ୍କା ବ୍ୟୟ ହେବ ଓ ୫୭.୪୧ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ।



କଳାହାଣ୍ଡି ଜିଲ୍ଲାର କେଶିଙ୍ଗା ବ୍ଲକ୍ ଅନ୍ତର୍ଗତ ଅମାଠ ଗ୍ରାମ ନିକଟରେ ମହାନଦୀର ଉପ ନଦୀ, ତେଲ ଜଳାଶୟ (ଇନ ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର) ନିର୍ମାଣ ହେବ । ଟ. ୨୫୬,୭୧, ୮୮,୪୪୩.୦୦ (ଦୁଇଶହ ଛପନ କୋଟି ଏକସ୍ତରୀ ଲକ୍ଷ ଅଠାଅଶି ହଜାର ଚାରିସହ ତେୟାଳିଶ ଟଙ୍କା) ଟେଣ୍ଡରଟିକୁ ଅନୁମୋଦନ କରାଯାଇଛି । ପିଡିଏସ୍ ଦୋକାନମାନଙ୍କରେ ବେସରକାରୀ ଡିଲରଙ୍କ ବଦଳରେ ଆନୁଷ୍ଠାନିକ ଡିଲରଙ୍କୁ ଅଗ୍ରାଧିକାର ଭିତ୍ତିରେ ନିୟୋଜିତ କରିବାର ସମୟ ସୀମା ୩୧ ମାର୍ଚ୍ଚ ୨୦୨୬ ଦିନ ସମାପ୍ତ ହୋଇ ସାରିଛି । ବେସରକାରୀ ଡିଲରଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲରମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ଆସନ୍ତା ୩୦.୦୯.୨୦୨୬ ପର୍ଯ୍ୟନ୍ତ ପୁନଃ ବର୍ଦ୍ଧିତ କରାଯିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି। ସେହିପରି ଭୁବନେଶ୍ୱର ଜୟଦେବ ବିହାରରୁ ନନ୍ଦନକାନନ ୮ ଲେନ ବିଶିଷ୍ଟ ରୋଡ ୨ ବର୍ଷରେ ଶେଷ ହେବ ଓ ଏଥିଲାଗି ୫୭୯କୋଟି ଟଙ୍କା ଖର୍ଚ୍ଚ ହେବ।

### ହ୍ୱାଟ୍ସଆପ୍ ୟୁଜରନେମ୍
## ଯାଞ୍ଚ କରିବେ ସରକାର

ନୂଆଦିଲ୍ଲୀ, ୧ ।୭: ନିକଟରେ ହ୍ୱାଟ୍ସଆପ୍ ୟୁଜରନେମ୍ ନାମରେ ଏକ ନୂତନ ଫିଚର୍ ଆଣିଛି । ଯେଉଁଥିରେ ଜଣେ ଚାହିଁଲେ ନିଜ ମୋବାଇଲ ନ ଦେଇ



ଅନ୍ୟ ଜଣଙ୍କ ସହିତ ଚାର୍ଟିଂ କିମ୍ବା ବାର୍ତ୍ତାଳାପ କରିପାରିବ । ଏଥିରେ ସାଇବର୍ ଅପରାଧ ବଢ଼ିବା ଆଶଙ୍କା କରିଛି କେନ୍ଦ୍ର ମନ୍ତ୍ରାଳୟ । ଏହା ଉପଭୋକ୍ତାଙ୍କ ପାଇଁ କେତେ ସୁରକ୍ଷିତ ତାହାର ଯାଞ୍ଚ କରିବେ ସରକାର । ହ୍ୱାଟ୍ସଆପ୍ ୟୁଜରନେମ ଫିଚରରେ ଉପଭୋକ୍ତାଙ୍କ ଗୋପନୀୟତାକୁ ଧ୍ୟାନରେ ରଖିଛି କମ୍ପାନୀ । ଏଥିରେ କୌଣସି ଗୋପନୀୟତା କ୍ଷୁଣ୍ଣ ହେବ ନାହିଁ ବୋଲି କମ୍ପାନୀ ଦୃଢ଼ତାର ସହିତ କହିଛି । କିନ୍ତୁ ସରକାର ଏହାର ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବରେ ଯାଞ୍ଚ କରିବେ । ଏହା ସାଇବର ଅପରାଧ ପାଇଁ କେତେଦୂର ସହାୟକ ହେବ କିମ୍ବା ଉପଭୋକ୍ତାଙ୍କ ଗୋପନୀୟତା ସୁରକ୍ଷିତ ରହିବ ତାହା ଉପରେ ତର୍ଜମା କରାଯିବ । ଯଦି ଯାଞ୍ଚ ସମୟରେ ଗୋପନୀୟତାକୁ ନେଇ କୌଣସି ସମସ୍ୟା ଉତ୍ପନ୍ନ ହୁଏ ତେବେ ହ୍ୱାଟ୍ସଆପ୍ ପ୍ରତିଷ୍ଠା କମ୍ପାନୀ ମେଟାକୁ ସରକାର ନୋଟିସ୍ ଜାରି କରିବେ ।

## ଅକ୍ଟୋବର ସୁଦ୍ଧା ଏସ୍ଆଇ ପରୀକ୍ଷା



ଭୁବନେଶ୍ୱର, ୧ ।୭(ନିପ୍ର): ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏସଆଇ ପରୀକ୍ଷା ଅନୁଷ୍ଠିତ ହେବ। ଓୟୁଏସଏସଏସସି ଅଧ୍ୟକ୍ଷ ରଶ୍ମି ରଞ୍ଜନ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ପାଇଁ ବଞ୍ଚିତ ଛାତ୍ରଛାତ୍ରୀ ପରୀକ୍ଷା ଦେଇପାରିବେ। ବୟସ ଅତିକ୍ରମ ହୋଇଯାଇଥିଲେ ବି ପରୀକ୍ଷା ଦେଇ ପାରିବେ। ଆବେଦନକାରୀଙ୍କ ସଂଖ୍ୟାରେ ମଧ୍ୟ ପରିବର୍ତ୍ତନ ହେବନାହିଁ। ପରୀକ୍ଷା ପାଟର୍ଣ୍ଣ, ସିଲାବସ୍‌ରେ କୌଣସି ପ୍ରକାର ପରିବର୍ତ୍ତନ ହେବନାହିଁ। ତ୍ରୁଟିଶୂନ୍ୟ ପରୀକ୍ଷା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

### ତାମିଲନାଡୁ ଗ୍ୟାସ ଲିକ୍ ଘଟଣାରେ
## ଆଉ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ
### ଦଲାଲଙ୍କୁ ଧରିବାକୁ ୬ ଥାନାରେ ଏତଲା



ଭୁବନେଶ୍ୱର, ୧ ।୭(ନିପ୍ର): ତାମିଲନାଡୁର ତିରୁଭାଲ୍ଲୁରସ୍ଥିତ ପିଟର୍ ଆଣ୍ଡ ପଲ୍ ସି-ଫୁଡ୍ ଏକ୍ସପୋର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଆଉ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ଖରାବା ଗ୍ରାମର ଅଞ୍ଜଳି ଅଞ୍ଜନା ଜୁଆଙ୍ଗ ଚିକିତ୍ସାଧୀନ ଅବସ୍ଥାରେ ଷ୍ଟାନଲେ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ଏହା ସହ ଏହି ଦୁର୍ଘଟଣାରେ ମୃତ ଓଡ଼ିଆ ଶ୍ରମିକଙ୍କ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ମୃତଦେହକୁ ସମସ୍ତ ଆଇନଗତ ଓ ଚିକିତ୍ସା ସମ୍ବନ୍ଧୀୟ ପ୍ରକ୍ରିୟା ଶେଷ ପରେ ତାଙ୍କ ଜନ୍ମସ୍ଥାନକୁ ପଠାଇବା ପାଇଁ ପଦକ୍ଷେପ ନିଆଯାଇଛି। ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ମାମଲାରେ ଶ୍ରମ ବିଭାଗ ପକ୍ଷରୁ ରାଜ୍ୟର ୬ଟି ଥାନାରେ ଏତଲା ଦିଆଯାଇଛି। ଦଲାଲଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରମ ବିଭାଗ ଏତଲା ଦେଇଛି। ତେଲକୋଇ, କେନ୍ଦୁଝର ଟାଉନ୍ ଓ ସଦର ଥାନା ସମେତ ହରିଚନ୍ଦନପୁର, ଘଟଗାଁ ଓ ବାଂଶପାଳ ଥାନାରେ ଏତଲା ହୋଇଛି।

## 'ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପର୍ଯ୍ୟନ୍ତ ସଂଶୋଧିତ ତଥ୍ୟରେ ହେବ ପାଠପଢ଼ା'

ଭୁବନେଶ୍ୱର, ୧ ।୭(ନିପ୍ର): ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥା ଶୀଘ୍ର ତ୍ରୁଟିଶୂନ୍ୟ ନୂତନ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ ବୁଧବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟପୁସ୍ତକ ଗୁଡ଼ିକରେ ତ୍ରୁଟି ଥିବା ସରକାରଙ୍କ ନଜରକୁ ଆସିଥିଲା । ମୁଖ୍ୟମନ୍ତ୍ରୀ ଏହାର ଗୁରୁତ୍ୱକୁ ହୃଦୟଙ୍ଗମ କରି ପାଠ୍ୟପୁସ୍ତକରେ ଦେଖାଯାଇଥିବା ତ୍ରୁଟି କିପରି ହୋଇଥିଲା ଓ କେଉଁମାନେ ଏଥିରେ ଦାୟୀ ସେ ସମ୍ବନ୍ଧରେ ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନକରି ବିଚାର କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। କମିଟିର ସୁପାରିସ କ୍ରମେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେଇସାରିଛନ୍ତି



ଏବଂ ପରବର୍ତ୍ତୀ ସମୟରେ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିଷ୍ପତ୍ତି ନେଇଛନ୍ତି । ପାଠ୍ୟପୁସ୍ତକରେ ଦେଖାଯାଇଥିବା ତ୍ରୁଟିକୁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଗୁରୁତର ସହିତ ନେଇଛନ୍ତି ଓ ଛାତ୍ରଛାତ୍ରୀମାନଙ୍କୁ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଏହି ତ୍ରୁଟିଗୁଡିକୁ ତର୍ଜମା କରାଯାଉଛି ଓ ବିଶେଷଜ୍ଞମାନଙ୍କର ପରାମର୍ଶ ନିଆଯାଉଛି । ଖୁବଶୀଘ୍ର ସଂଶୋଧିତ ବହି ବିଭାଗୀୟ ୱେବସାଇଟ୍ / ଓସେପା ୱେବସାଇଟରେ ଶିକ୍ଷାବିତ ତଥା ଜନସାଧାରଣଙ୍କ ମତାମତ ନିମନ୍ତେ ଦିଆଯିବ । ସମସ୍ତଙ୍କର ମତାମତକୁ ବିଚାରକରି ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ବହି ପ୍ରଦାନ କରାଯିବ । ରାଜ୍ୟର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ଏବଂ ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପର୍ଯ୍ୟନ୍ତ ସଂଶୋଧିତ ତଥ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପ୍ରଦାନ କରାଯାଇ ପାଠ ପଢା ଚାଲୁ ରହିବ । ସରକାର ଯଥା ଶୀଘ୍ର ପୁନର୍ବାର ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଶାସନ ସଚିବ ଡ. ନାୟକ ସୂଚନା ଦେଇଛନ୍ତି।

## ୨୦ରୁ ମୌସୁମୀ ଅଧିବେଶନ !



ନୂଆଦିଲ୍ଲୀ, ୧ ।୭: ସଂସଦରେ ମୌସୁମୀ ଅଧିବେଶନ ଜୁଲାଇ ୨୦ ତାରିଖରୁ ଆରମ୍ଭ ହୋଇପାରେ। ଅଧିବେଶନ ଆରମ୍ଭ ହେଲେ ୩ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ତେବେ ସଂସଦୀୟ ବ୍ୟାପାର କ୍ୟାବିନେଟ୍ କମିଟି ଏଯାବତ୍ ଏନେଇ କିଛି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହିଁ। ସାଧାରଣତଃ ମୌସୁମୀ ଏବଂ ଶୀତ ଅଧିବେଶନରେ ୨୦ଟି କାର୍ଯ୍ୟଦିବସ ରହିଥାଏ ଏବଂ ଏହା ୪ ସପ୍ତାହ ପର୍ଯ୍ୟନ୍ତ ଚାଲେ। କିଛି କ୍ଷେତ୍ରରେ କମ୍ ସମୟର ଅଧିବେଶନ ମଧ୍ୟ ହୋଇଛି।ପଶ୍ଚିମବଙ୍ଗ,ଆସାମ ଏବଂ ପୁଡୁଚେରୀରେ ବିଜେପିର ବିଜୟ ପରେ ମୌସୁମୀ ଅଧିବେଶନ ଆରମ୍ଭ ହେଉଛି। ଆଗାମୀ ଅଧିବେଶନରେ ଟିଏମ୍‌ସି ଏବଂ ଶିବସେନା (ୟୁବିଟି)ରେ ବିବାଦ ମଧ୍ୟ ସ୍ପଷ୍ଟ ଦେଖିବାକୁ ମିଳିବ। ତେବେ ୨୦ ଟିଏମସି ସାଂସଦ ଏବଂ ୬ ଶିବସେନା (ୟୁବିଟି) ସାଂସଦଙ୍କୁ ପୃଥକ୍ ଗୋଷ୍ଠୀର ମାନ୍ୟତା ଦେବା ସଂକ୍ରାନ୍ତ ଦାବି ଉପରେ ଏଯାବତ ଲୋକସଭା ବାଚସ୍ପତି ଓମ୍ ବିର୍ଲା କିଛି ନିଷ୍ପତ୍ତି ନେଇନାହାନ୍ତି।

### ଅମାନିଆ ଇସ୍କନ
## ବିଦେଶରେ ଅଦିନିଆ ରଥଯାତ୍ରା

ଭୁବନେଶ୍ୱର, ୧ ।୭: ଅମାନିଆ ଇସ୍କନ ପୁଣି ବିଦେଶରେ ଅଦିନିଆ ରଥଯାତ୍ରା ଆୟୋଜନ କରିବା ଘଟଣା ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି କରିଛି। ବିଦେଶରେ ବିଭିନ୍ନ ସ୍ଥାନରେ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା କରାଯାଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ଜୁନ୍ ୨୭ ଏବଂ ୨୮ ତାରିଖରେ କାନାଡ଼ାର ୩ଟି ସ୍ଥାନ ସମେତ ଇଂଲଣ୍ଡ ଓ ୟୁରୋପର ବିଭିନ୍ନ ସହରରେ ଶ୍ରୀଜିଉଙ୍କ ରଥଯାତ୍ରା ଆୟୋଜନ କରାଯାଇଛି । କାନାଡ଼ାର ମିଲଟନ୍ ଏବଂ ସେଣ୍ଟ ଜନ୍ସ ନ୍ୟୁ ଫାଉଣ୍ଡଲ୍ୟାଣ୍ଡଠାରେ ଜୁନ୍ ୨୭ ତାରିଖରେ ଇସ୍କନ ରଥଯାତ୍ରା ଆୟୋଜିତ କରିଥିଲା । ସେହିପରି ଜୁନ୍ ୨୮ରେ ଭାଙ୍କୋଭରରେ ରଥ ଟଣାଯାଇଛି । ସମାନ ତାରିଖରେ କାନାଡ଼ାର ଟରଣ୍ଟୋ ଏବଂ ଆମେରିକାର ବର୍କଲିଠାରେ ମଧ୍ୟ ଅଦିନିଆ ସ୍ନାନଯାତ୍ରା କରାଯାଇଛି । ୟୁରୋପରେ ମଧ୍ୟ ଏହି ମନମାନି ଦେଖିବାକୁ ମିଳିଛି । ଜୁନ୍ ୨୮ରେ ଇଂଲଣ୍ଡର ଲେଷ୍ଟର ସହର ଏବଂ ଜୁନ୍ ୨୭ରେ ଜର୍ମାନୀର କୋଲୋନ୍ ସହରରେ ଇସ୍କନ ପକ୍ଷରୁ ବେଆଇନ ଭାବେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କରାଯାଇଛି। ତେବେ ଫ୍ରାନ୍ସର ପ୍ୟାରିସ୍‌ଠାରେ ଜୁନ୍ ୨୮ରେ ପ୍ରସ୍ତାବିତ ରଥଯାତ୍ରାକୁ ସ୍ଥାନୀୟ ପୋଲିସ ବାତିଲ କରିଦେଇଥିଲା । ସେଠାକାର ସ୍ଥାନୀୟ ହସ୍ପିଟାଲଗୁଡ଼ିକରେ ରୋଗୀଙ୍କ ସଂଖ୍ୟା ଅତ୍ୟଧିକ ବଢ଼ିଯିବା କାରଣରୁ ସ୍ୱାସ୍ଥ୍ୟଗତ ସୁରକ୍ଷା ଦୃଷ୍ଟିରୁ ପୋଲିସ ଏହି ଅନୁମତି ପ୍ରତ୍ୟାଖ୍ୟାନ କରିଛି । ଅଦିନିଆ ଯାତ୍ରା ବିରୋଧରେ ଏବେ ବ୍ୟାପକ ପ୍ରତିବାଦ ଓ ପ୍ରତିକ୍ରିୟା ବିଭିନ୍ନ ମହଲରେ ସୃଷ୍ଟି ହୋଇଛି।



# ଆନ୍ତଃରାଜ୍ୟ ଡ୍ରଗ୍ ନେଟୱାର୍କ ବିରୋଧରେ 'ଶୂନ୍ୟ ସହନଶୀଳତା'

- ନଷ୍ଟ କରାଗଲା ୧,୯୧୧ କୋଟିର ଗଞ୍ଜେଇ ଚାଷ
- ନିଶାମୁକ୍ତ ଓଡ଼ିଶା ଗଠନ ସର୍ବୋଚ୍ଚ ପ୍ରାଥମିକତା: ଡିଜି

ଭୁବନେଶ୍ୱର, ୧ ।୭(ନିପ୍ର): ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଓଡ଼ିଶା ପୋଲିସ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି। ବେଆଇନ ନିଶା କାରବାର, ଗଞ୍ଜେଇ ଚାଷ, ମାଦକଦ୍ରବ୍ୟ ଚୋରାଚାଲାଣ ଏବଂ ଆନ୍ତଃରାଜ୍ୟ ଡ୍ରଗ୍ ନେଟୱାର୍କ ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତି ଆଧାରରେ ଚାଲିଥିବା ନିରନ୍ତର ଅଭିଯାନ ରାଜ୍ୟକୁ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ଜାତୀୟ ସ୍ତରୀୟ ପ୍ରାକ-ବିଚାରାଧୀନ ଜବତ ମାଦକଦ୍ରବ୍ୟ ବିନଷ୍ଟୀକରଣ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ନିର୍ଦ୍ଦେଶାନୁଯାୟୀ ୨୬ ଜୁନରୁ ୧୦ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ନ୍ୟାସନାଲ ଲେଭେଲ ପ୍ରି-ଟ୍ରାଏଲ ଡ୍ରଗ୍ ଡିଷ୍ଟ୍ରକସନ୍ ସ୍ପେଶାଲ ଡ୍ରାଇଭ୍ ସାରା ଦେଶରେ




କାର୍ଯ୍ୟକାରୀ କରାଯାଉଛି ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଥିଲେ ଯେ, 'ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ହେଉଛି ଓଡ଼ିଶା ପୋଲିସର ସର୍ବୋଚ୍ଚ ପ୍ରାଥମିକତା। ନିଶା କାରବାର ଓ ଚୋରାଚାଲାଣ ବିରୋଧରେ ଆଗାମୀ ଦିନରେ ଅଭିଯାନକୁ ଆହୁରି ବ୍ୟାପକ କରାଯିବ। 'ଡିଜିପି ସୂଚନା ଦେଇଥିଲେ ଯେ, ନିଶା କାରବାର ସମ୍ପର୍କିତ ମାମଲାର ଦ୍ରୁତ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର, ଖୋର୍ଦ୍ଧା, ଅନୁଗୁଳ ଓ ସମ୍ବଲପୁରରେ ୪ଟି ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ ସ୍ଥାପନ କରିବାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି ।ସେହିପରି, ଜଣେ ଏଡିଜିପି ପାହ୍ୟାର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଗଠନ କରାଯିବ । ଏହା ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ଟି ୟୁନିଟ୍ ଏବଂ ୧୯ଟି ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ୟୁନିଟ୍ କାର୍ଯ୍ୟ କରିବ। ପ୍ରତିବର୍ଷ ଅତିକମରେ ୧୦୦ ଜଣ ପ୍ରମୁଖ ଡ୍ରଗ୍ ମାଫିଆଙ୍କ ବିରୋଧରେ ଏନଡିପିଏସ୍ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରିଯିବା ବୋଲି ଡିଜିପି ସୂଚନା ଦେଇଥିଲେ । ଏହାବ୍ୟତୀତ ସମସ୍ତ ଡ୍ରଗ୍ ହଟସ୍ପଟ୍ ଗୁଡ଼ିକୁ ଚିହ୍ନଟ କରାଯାଇ ନିଷ୍କ୍ରିୟ କରିବାକୁ ଲକ୍ଷ୍ୟ ରଖା ଯାଇଛି।

CMYK

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ




ସୋନପୁର,(ନିପ୍ର): ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ– ୨୦୨୬ ଅବସରରେ ଆଜି ପ୍ରତାପପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଏକ ସତର୍କତା ଓ ସଚେତନତାମୂଳକ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଜୁନ ୨୬ ରୁ ଜୁଲାଇ ୨ ପର୍ଯ୍ୟନ୍ତ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବାବେଳେ, ଏହାର ଅଂଶସ୍ୱରୂପ ଆଜି ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ସେଣ୍ଟରଫର ଏନଭର୍ଣ୍ଣମେଣ୍ଟ ଷ୍ଟଡିଜ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାରଙ୍କର ନିର୍ଦ୍ଦେଶ ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରକୃତି ବନ୍ଧୁ ସନ୍ତୋଷିନୀ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ବିଦ୍ୟୁତ ନିରୀକ୍ଷକ ଦେବାର୍ଚ୍ଚନ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟୁତର ନିରାପଦ ବ୍ୟବହାର, ବିଦ୍ୟୁତ ଦୁର୍ଘଟଣାରୁ ରକ୍ଷା ପାଇବାର ଉପାୟ ଏବଂ ସୁରକ୍ଷା ନିୟମ ପାଳନର ଆବଶ୍ୟକତା, ବିଜୁଳି ଓ ଘଡଘଡି ହେବା ସମୟର ସତର୍କତା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କୁ ବିସ୍ତୃତ ଭାବେ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ଦେବକିଶୋର ଦାନୀ ଯୋଗଦେଇ ବିଦ୍ୟୁତ ସୁରକ୍ଷା ସମ୍ପର୍କରେ ନିଜର ମତାମତ ରଖିଥିଲେ। ଗ୍ରାମରେ ବିଦ୍ୟୁତ ସଚେତନତା ରାଲି କରାଯିବାସହିତ ଶପଥ ପାଠ କରାଯାଇଥିଲା। ପ୍ରକୃତି ବନ୍ଧୁ ଶିକ୍ଷକ ଗୋପେଶ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ମହେନ୍ଦ୍ରୀ ପଣ୍ଡା, ଶିକ୍ଷକ ଅକ୍ଷୟ କୁମାର ଜେନା, ଗ୍ରାମର ଭଦ୍ରମହିଳା, ଏସଏମସିର ସମସ୍ତ ସଦସ୍ୟ-ସଦସ୍ୟା ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## କାଶୀନଗର ଏନଏସିର ସାଧାରଣ ବୈଠକ



କାଶୀନଗର (ନିପ୍ର): ଆଜି କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ବୈଠକ ଅଧକ୍ଷା ଏମ.ସୁଧାରାଣୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅଧକ୍ଷା ଏମ ସୁଦ୍ଧା ରାଣୀ,ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ କେ.ଦିବ୍ୟ ରଞ୍ଜନ, ଅତିରିକ୍ତ ସହକାରୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ ଓ ବିଧାୟକ ପ୍ରତିନିଧି ରଘୁରାମ ସାହୁ ମଞ୍ଚାସୀନ ଥିବା ବେଳେ ଅଧିକାଂଶ କାଉନସିଲର ଉପସ୍ଥିତ ଥିଲେ। ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ଗୋଷ୍ଠୀ ସଂଗଠିକା ଉଜଳତା ସୁଆଲସିଂ ଓ ଏକାଉଣ୍ଟର ଶିବ ପ୍ରସାଦ ମହାଙ୍କୁଡ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ପରିଷଦ ମଧ୍ୟରେ ଥିବା ବିଭିନ୍ନ ୱାର୍ଡର ସମସ୍ୟା ସବୁ ବିଷୟରେ ସମୀକ୍ଷା କରିବା ସହ ସମାଧାନ କରିବା ପାଇଁ ଆଲୋଚନା ହୋଇଥିଲା। କାଶୀନଗର ପରିଷଦ ମଧ୍ୟରେ ପାଉଥିବା ବିଭିନ୍ନ ପ୍ରକାର ପେନସନଧାରୀମାନଙ୍କ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ନଦୀ ନିକଟରେ ଭେଣ୍ଡିଂ ଜୋନ ସବୁ ଶୀଘ୍ର ହସ୍ତାନ୍ତରକାରି ଖଲବା ପାଇଁ ନିଷ୍ପତି ହୋଇଥିଲା। ସେହିପରି ପଟେଲ ରୋଡ ଖାଲ ଖମା ହୋଇଥିବାରୁ ତୁରନ୍ତ ପେଚ ପକେଇବା ପାଇଁ ଆଲୋଚନା ହୋଇଥିଲା। କାଶୀନଗର ସହର ମଧ୍ୟରେ ଥିବା ଶୌଚାଳୟ ସବୁ ସ୍ୱଚ୍ଛ ରଖିବା ସହ ସବୁଦିନ ଖୋଲିବା ପାଇଁ ମଧ ନିଷ୍ପତି ହୋଇଥିଲା।

## କଂଗ୍ରେସର ନୂତନ ବ୍ଲକ୍ ସଭାପତି ହେଲେ ସୁଶାନ୍ତ କୁମାର ବିଷୋୟୀ

ଶେରଗଡ଼(ନିପ୍ର): ଶେରଗଡ଼ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଞ୍ଜାମ ଜିଲ୍ଲା ପଶ୍ଚିମର ବ୍ଲକ୍ ସଭାପତି ନାମ ଘୋଷଣା କରାଯାଇଛି। ବହୁ ଛାମୁଆ ଚେହେରାଙ୍କୁ ବାଦ ଦେଇ ଯୁବ ଟାଣୁଆ ନେତା ତଥା ସକ୍ରିୟ କର୍ମୀ ଶେରଗଡ଼ ବ୍ଲକ୍ ସଭାପତି ରୂପେ ସୁଶାନ୍ତ କୁମାର ବିଷୋୟୀଙ୍କୁ ଦଳ ନିଯୁକ୍ତ ଦିଆଯାଇଥିବା ଜିଲ୍ଲା ଉସଭାପତି ସୁନାରାମ ସାବତ ସୂଚନା ଦେଇଛନ୍ତି । ଏ ସମ୍ପର୍କ ରେ ଗଞ୍ଜାମ ଜିଲ୍ଲା କଂଗ୍ରେସ୍ ପଶ୍ଚିମ କମିଟି ସଭାପତି ଦଣ୍ଡପାଣି ପାତ୍ରଙ୍କ ପକ୍ଷରୁ ଚିଠି ଜାରି ହୋଇଛି।

## କିଶୋର ନ୍ୟାୟ ଆଇନ ଏବଂ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଉପରେ ସଚେତନତା

ଭଦ୍ରକ(ନିପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଭଣ୍ଡାରି ପୋଖରୀ ସ୍ଥିତ ହାରାମଣି ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ, ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ରତିପକ୍ଷ ଅଧୀବକ୍ତା, ବହ୍ନିଶିଖା ବିଶ୍ୱାଳଙ୍କ ମଞ୍ଚ ସଂଚାଳନାରେ ଅନୁଷ୍ଠିତ ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କର ସାମ୍ବିଧାନିକ ଅଧିକାର, ଶିକ୍ଷାର ଗୁରୁତ୍ୱ ଏବଂ ପ୍ରତ୍ୟେକ ଶିଶୁର ବିଦ୍ୟାଳୟମୁଖୀ ହେବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ସୁରକ୍ଷା ବିଭାଗର ଶିଶୁ ଆଇନ ବିଶେଷଜ୍ଞ ସୁବ୍ରତ କୁମାର ଦାସ ଯୋଗଦେଇ ଶିଶୁମାନଙ୍କର ମୌଳିକ ଅଧିକାର, କିଶୋର ନ୍ୟାୟ ଆଇନ ଓ ବିଭିନ୍ନ ଆଇନଗତ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଅଧାରୁ ପାଠପଢ଼ା ଛାଡ଼ିଥିବା ଶିଶୁମାନଙ୍କୁ ପୁନର୍ବାର ବିଦ୍ୟାଳୟମୁଖୀ କରିବା ଏବଂ ସଚେତନତା ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଏନଏସଡିରେ ସ୍ଥାନ ପାଇ ଓଡ଼ିଶା ପାଇଁ ଇତିହାସ ରଚିଲେ ସୋନିଆ

ଝାରସୁଗୁଡ଼ା(ନିପ୍ର): ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା (ଏନଏସଡି), ନୂଆଦିଲ୍ଲୀର ତିନିବର୍ଷିଆ ନାଟ୍ୟ ପାଠ୍ୟକ୍ରମ ପାଇଁ ମନୋନୀତ ହୋଇ ଓଡ଼ିଶା ପାଇଁ ନୂଆ ଇତିହାସ ସୃଷ୍ଟି କରିଥିବା କୁମାରୀ ସୋନିଆ ବେହେରାଙ୍କୁ ମଙ୍ଗଳବାର ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ତାଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ସୋନିଆ ବେହେରା ଏନଏସଡିରେ ମନୋନୀତ ହେବାରେ ଓଡ଼ିଶାର ପ୍ରଥମ ମହିଳା ହୋଇଥିବା ସହ ଏହି ସମ୍ମାନଜନକ ନାଟ୍ୟ ପାଠ୍ୟକ୍ରମରେ ଯୋଗଦେଉଥିବା ପ୍ରଥମ ଓଡ଼ିଆ ଝିଅ ଭାବେ ଗୌରବ ଅର୍ଜନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଚୌହାନ ସୋନିଆଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, ସୋନିଆଙ୍କ ଏହି ସଫଳତା କେବଳ ଝାରସୁଗୁଡ଼ା ଜିଲ୍ଲାର ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ତାଙ୍କ ଏହି ସଫଳତା ରାଜ୍ୟର ଅନ୍ୟ ଯୁବପିଢ଼ିଙ୍କୁ ନାଟ୍ୟକଳା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ବୋଲି ସେ ମତ ପ୍ରକାଶ କରିଥିଲେ।ଆଗାମୀ ଦିନରେ ସୋନିଆ ଜାତୀୟ ସ୍ତରରେ ନିଜ ପ୍ରତିଭାର ସଫଳ ପ୍ରଦର୍ଶନ କରି ରାଜ୍ୟ ଓ ଦେଶର ନାମକୁ ଅଧିକ ଉଜ୍ଜ୍ୱଳ କରିବେ ବୋଲି ଜିଲ୍ଲାପାଳ ଆଶା ବ୍ୟକ୍ତ କରିଥିଲେ।

# 'ଭୂତଖାନା' ପାଲଟିଛି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

କୃଷ୍ଣପ୍ରସାଦ,(ନି ପ୍ର): ଶିକ୍ଷା ହେଉଛି ଦେଶର ମାନଦଣ୍ଡ। ଯେଉଁ ଦେଶରେ ଶିକ୍ଷାର ଅଗ୍ରଗତି ଯେତିକି ବୃଦ୍ଧି ପାଇବ ସେ ଦେଶ ସେତିକି ବିକାଶ କରିଥିବା ଗଣାଯିବ। ଓଡ଼ିଶାରେ ଡବଲ ସରକାର ଶିକ୍ଷାର ବିକାଶକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ମୁକୁଳା ପଡିଛି ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ବ୍ୟବସ୍ଥା। ଦୀର୍ଘ ବର୍ଷ ଧରି ଖାଲି ପଡିଛି ବ୍ଲକ ଶିକ୍ଷାଧିକାରୀଙ୍କ ପଦବୀ। ଏଠି ବିଭାଗୀୟ କର୍ମଚାରୀ ମାନେ ମନ ଇଛା ଅଫିସ ଆସିଥାନ୍ତି। ନିଜ ଘରେ ରହି ନିଜର କାମ କରି ପାଇଥାନ୍ତି ଦରମା। ଅଫିସ ଖୋଲା ରହେ ହେଲେ କୌଣସି ଅଫିସର ଆସି ନ ଥାନ୍ତି। ଜଣେ କିରାଣୀ ଆସି ପାଳିରେ ଅଫିସ ଖୋଲିଥାନ୍ତି। ସାଧାରଣ ଲୋକ, ଶିକ୍ଷକ କୌଣସି କାର୍ଯ୍ୟରେ ଆସି ବାରମ୍ବାର ଫେରିଥାନ୍ତି। ପଚାରିଲେ ଉତ୍ତର ମିଳେ ଆଜି ସାର ଛୁଟିରେ ଅଛନ୍ତି। ବିଭାଗୀୟ ମୁଖ୍ୟ କିରାଣୀଙ୍କୁ କାଗଜ ପତ୍ର କାମ ନ ଆସିବା ଯୋଗୁଁ ଜଣେ ସି ଆର ସି ସି ଅଫିସର ସର୍ବେ ସର୍ବା ପାଲଟିଛନ୍ତି। ଫାଇଲ ଅଫିସରେ ନ ରହି କାହା ପାଖରେ ରହୁଛି, କିଏ ସେ କାମ କରୁଛି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜି ପି ଏଫ ଟଙ୍କା, ଏରିୟର ଟଙ୍କା, ପେନସନ କାଗଜ ପତ୍ର, ମେଡ଼ିସିନ ଟଙ୍କା ମଞ୍ଜୁରୀ ପାଇଁ ଏଠି ଟଙ୍କା ନ ଦେଲେ କାମ ହୁଏନି। ସମ୍ପୃକ୍ତ ବ୍ଲକରେ ପ୍ରକୃତ ରୋଗୀ ଚିକିତ୍ସା ହୋଇ ସହାୟତା ପାଇ ନ ଥିବା ବେଳେ ମିଛ ବିଲ ଦେଇ ଶିକ୍ଷକ ମାନେ ସହାୟତା ଟଙ୍କାକୁ ହଡ଼ପ କରୁଥିବା ଜଣାପଡ଼ିଛି। ଜଣେ ଶିକ୍ଷୟିତ୍ରୀ କର୍କଟ ରୋଗରେ ପୀଡିତ ହୋଇ ସହାୟତା ପାଇଁ ଆବେଦନ କରି ଚାରିବର୍ଷ ବିତିଯାଇଥିଲେ ମଧ ଏଯାଏଁ ପାଇ ନାହାନ୍ତି। ସେହିଭଳି ଅନ୍ୟ ଜଣେ ଶିକ୍ଷକ ହାର୍ଟ ଅପରେସନ ହୋଇ ସହାୟତା ପାଇଁ ଆବେଦନ କରି ଚାହିଁ ଚାହିଁ ବର୍ଷ ପରେ ବର୍ଷ ବିତିବାରେ ଲାଗିଛି। କର୍କଟ ପୀଡିତ ଶିକ୍ଷୟିତ୍ରୀ ବାଲିସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟ ରୁ ଗତ ଜୁଲାଇ ମାସ ୨୦୨୪ ମସିହାରୁ ଅବସର ନେଇଥିଲେ ମଧ ତାଙ୍କର ଏଯାଏଁ ବକେୟା ଟଙ୍କା ମିଳି ନ ଥିବା ଦାସ ପ୍ରକାଶ କରିଛନ୍ତି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ମଧ ତାର ସମାଧାନ ହେଉନାହିଁ। ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନ କଲେ ସାଧାରଣ ଲୋକଙ୍କ ଫୋନ କୁ ଗ୍ରହଣ କରୁ ନ ଥିବାରୁ କିଛି ପ୍ରତିକ୍ରିୟା ମିଳିପାରୁ ନାହିଁ। ମୁଖ୍ୟ କିରାଣୀଙ୍କୁ ପଚାରିଲେ ମୁଁ କିଛି ଜାଣିପାରୁନି କହି ଏଡାଇ ଦେଉଛନ୍ତି। ନିୟମ ଅନୁଯାଇ ଜଣେ ଶିକ୍ଷକ ୩ ବର୍ଷରୁ ଅଧିକ ସମୟ ଗୋଟିଏ ବିଦ୍ୟାଳୟରେ ରହି ପାରିବ ନାହିଁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ଅଧିକାରୀଙ୍କୁ ହାତ କରି ୧୦, ୧୫ ବର୍ଷ ଧରି ଗୋଟିଏ ବିଦ୍ୟାଳୟ ରେ ରହି ଆସୁଥିବା କୁହାଯାଉଛି। ଗୋଟିଏ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ରହି ପରିଚାଳନା କମିଟିକୁ ହାତ କରି ରାଜ ଚଳାଇଥିବା ଜଣାଅପଡ଼ିଛି। ସି ଆର ସି ସି ମାନଙ୍କ କାର୍ଯ୍ୟକାଳ ପାଞ୍ଚ ବର୍ଷ ଥିବା ବେଳେ କୃଷ୍ଣପ୍ରସାଦ ବ୍ଲକରେ ଦଶ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ଏହା ପ୍ରଶାସନର ଅପାରଗତାକୁ ବାରି ହେଉଛି। ଦୀର୍ଘ ବର୍ଷ ଧରି ଉକ୍ତ କାର୍ଯ୍ୟାଳୟରେ ବି ଇ ଓ ଙ୍କ ପଦବୀ ଖାଲି ପଡିଛି। ଜଣେ ବି ଇ ଓ ୩ ଟି ବ୍ଲକର ଦାୟିତ୍ୱରେ ରହି ଥିବା ବେଳେ କର୍ମଚାରୀ ଶିକ୍ଷକ ମାନେ ବେହାଲ ହୋଇ ପଡିଛନ୍ତି। ମଧ୍ୟାହ୍ନ ଭୋଜନ ରୋଷେଇରେ ହେରଫେର କରି ବିଭାଗୀୟ ଅଧିକାରୀଙ୍କୁ ହାତ କରି ବଳକା ଅର୍ଥକୁ ହେରଫେର କରୁଥିବା ଜଣାପଡିଛି। ଯାହାଦ୍ୱାରା ଶିକ୍ଷାଦାନ ରେ ବ୍ୟାଘାତ ଘଟିଛି। ଶିକ୍ଷକମାନେ ବିଦ୍ୟାଳୟରେ ପାଠପଢ଼ାକୁ ଗୁରୁତ୍ୱ ନ ଦେଇ ଆଇନକୁ ଅବମାନନା କରି କୋଚିଙ୍ଗ ସେଣ୍ଟରରେ ଶିକ୍ଷାଦାନ କରୁଛନ୍ତି। ବିଭାଗୀୟ ଅଧିକାରୀମାନେ ଜାଣି ଶୁଣି ସହଯୋଗ କରୁଥିବା ବାରିହେଉଥିବା କୁହାଯାଇଛି। ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ବିଜୟଲକ୍ଷ୍ମୀ ଶରଣ ପୁର-କିରାପଲ୍ଲୀ-କେଳାପଙ୍କାଳ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ବେଲଗୁଣ୍ଠା(ନିପ୍ର): ବହୁ ପ୍ରତୀକ୍ଷିତ ବିଜୟଲକ୍ଷ୍ମୀ ଶରଣ ପୁର-କିରାପଲ୍ଲୀ-କେଳାପଙ୍କାଳ ରାସ୍ତା ନିର୍ମାଣ ପାଇଁ ଶେଷରେ ପ୍ରଶାସନିକ ମୋହର ବାଜିଛି। ଏହି ରାସ୍ତାଟି ଦୀର୍ଘ ଦିନ ହେବ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ି ରହିଥିବା ବେଳେ ବିଶେଷ କରି ବର୍ଷା ଦିନେ ଗ୍ରାମବାସୀମାନେ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏକ ପକ୍କା ରାସ୍ତା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ଏବଂ ଏହି ସମସ୍ୟାର ସମାଧାନ ପାଇଁ ଗତ ୨୦୨୩ ମସିହାରେ ଗ୍ରାମବାସୀଙ୍କ ଦ୍ୱାରା ଏକ ବଡ଼ ଧରଣର ରାସ୍ତା ରୋକ୍ ଆନ୍ଦୋଳନ ମଧ ହୋଇଥିଲା। ତଥାପି, ତତ୍କାଳୀନ ପ୍ରଶାସନିକ ତଥା ଜନପ୍ରତିନିଧି ସ୍ତରରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜ୍ୟରେ ସରକାର ବଦଳିବା ପରେ ସୋରଡ଼ା ବିଧାୟକ ଶ୍ରୀ ବିଷୋୟୀ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ତାଙ୍କରି ବଳିଷ୍ଠ ପ୍ରଚେଷ୍ଟା ଓ ନିର୍ଦ୍ଦେଶକ୍ରମେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ ପାଇଁ ସରକାରୀ ମଞ୍ଜୁରୀ ମିଳିଛି। ଆଜି ପୂର୍ବାହ୍ନ ପ୍ରାୟ ୧୧.୩୦ ମିନିଟ୍ ସମୟରେ ବିଧାୟକ ଶ୍ରୀ ବିଷୋୟୀ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ କିରାପଲ୍ଲୀ ନିକଟରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଶତାଧିକ ଜନସାଧାରଣ ଓ ଦଳୀୟ କର୍ମୀ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇ ଆନନ୍ଦର ସହ ପାଛୋଟି ନେଇଥିଲେ। ବହୁ ବର୍ଷର ଦାବି ପୂରଣ ହେଉଥିବାରୁ ଗ୍ରାମବାସୀମାନେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ବିଧାୟକଙ୍କ ଏଭଳି ଜନହିତକର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ପରେ ମାଁ କୁମାର ଶୁଣୀ ପାହାଡ଼ ପାଦଦେଶରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଙ୍କା ସରପଞ୍ଚ ପ୍ରତିନିଧି ଲକ୍ଷ୍ମଣ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ବିଷୋୟୀଙ୍କ ସମେତ ନିର୍ବାଚନ ମଣ୍ଡଳୀ ଯୁବ ସଙ୍ଗଠକ ତଥା ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ଉପାଧକ୍ଷା ପ୍ରମିଳା ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ଲେଙ୍କା, ସମିତି ସଭ୍ୟ ପ୍ରଫୁଲ୍ଲ ଗୌଡ଼, ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀ କୃତି ଦିପନ କର ପ୍ରମୁଖ ଉପସ୍ଥିତ ଥିଲେ ।

## ବନ ମହୋତ୍ସବ ସପ୍ତାହରେ ୨୦୦ ଚାରା ବଣ୍ଟନ

କୃଷ୍ଣପ୍ରସାଦ,(ନି ପ୍ର): ବନ ମହୋତ୍ସବ ସପ୍ତାହ ଅବସରରେ ଗ୍ରୀନ ପାରିକୁଦ ସଂଗଠନ ତରଫରୁ ସ୍ୱଚ୍ଛତା କାର୍ଯ୍ୟ ଆରମ୍ଭ ହୋଇଛି। ବନ ମହୋତ୍ସବର ପ୍ରଥମ ଦିନରେ ଅଞ୍ଚଳର ଆରାଧ ଦେବତା ବାବା କମଳେଶ୍ୱରଙ୍କ ପୀଠରୁ ଅଳିଆ ଆବର୍ଜନା ସଫା କରିବା ସହ ପରିସରରେ ବୃକ୍ଷ ରୋପଣ କରିଥିଲେ। ସେହିଭଳି ଜୟଦୁର୍ଗା ସଂସ୍କୃତ ବିଦ୍ୟାପୀଠର ପରିସର ସଫା ସୁତରା କରିବା ସହ ଅଁଳା, ପିଜୁଳି, ବେଲ ଆଦି ବୃକ୍ଷ ରୋପଣ କରିଥିଲେ। ଏହା ସହିତ ଲୋକ ମାନଙ୍କୁ ସଚେତନ କରାଇ ୨୦୦ ରୁ ଉର୍ଦ୍ଧ୍ୱ ଚାରା ବଣ୍ଟନ କରିଥିଲେ। ଗ୍ରୀନ ପାରିକୁଦ ସଙ୍ଗଠନର ପ୍ରକୃତି ବନ୍ଧୁ ଅମିତା ତରେଇ, ପ୍ରକୃତି ବନ୍ଧୁ ମୀନାରାଣୀସାହୁ,ପ୍ରଭାତୀ ପାହାନ, ଲଲାଟ ସେଠୀ, ଏକାଦଶୀ ଜେନା, ମହେଶ୍ୱର ସେଠୀ, ଜୁବୁଲୁ ମାଝୀ , ରୀନା ପାହାନ୍ ପ୍ରଭୃତି ସାମୂହିକ ଭାବେ ପରିବେଶକୁ ସଫା ସୁତରା କରିଥିଲେ। ଏହି ଅନୁଷ୍ଠାନ ୨୦୧୫ରୁ ଗଢି ଉଠିଥିଲା। ଆଜି ଯାଏଁ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ, ବ୍ରହ୍ମଗିରି ବ୍ଲକ, କଣାସ ବ୍ଲକ, ପୁରୀ ସଦର ବ୍ଲକର ବିଭିନ୍ନ ଅଞ୍ଚଳ ଏବଂ ପୁରୀ ଜଗନ୍ନାଥଙ୍କ ବେଢାରେ ଦୁଇ ଲକ୍ଷ ଦଶ ହଜାରରୁ ଉର୍ଦ୍ଧ ବୃକ୍ଷ ରୋପଣ କରିଥିବା ଜଣାଯାଇଛି।

## ମହାନଦୀ କ୍ଷେତ୍ରରେ ସଫଳତା ହାସଲ କଲେଣି ସରକାର: ସୁରେଶ ପୂଜାରୀ

ଭୁବନେଶ୍ୱର,(ନିପ୍ର) ମହାନଦୀକ୍ଷେତ୍ରରେ ସରକାର ସଫଳତା ହାସଲ କଲେଣି । ଛତିଶଗଡ ବି ବୁଝିଗଲାଣି। ମହାନଦୀ ଉପରେ ୫୦ ପ୍ରତିଶତ ଛତିଶଗଡ ଓ ଓଡ଼ିଶାର ଆବଶ୍ୟକ ରହିଛି ଆଉ ଅଧିକାର ମଧ ରହିଛି । ଏନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେକହିଛନ୍ତି ଯେ, ଜାତୀୟ ୱାଟର କମିଶନ ମଧ ବିଚାର ଆଡ଼କୁ ଆସିଲେଣି । ରାଜ୍ୟର ଆଉ ଅନ୍ୟ ନଦୀଗୁଡିକରେ ବ୍ୟାରେଜରେ ବନ୍ଧ ବାନ୍ଧିବା ପାଇଁ ସରକାର ଉଦ୍ୟମ କରିବାକୁ ଯାଉଛନ୍ତି ସରକାର। ବିଭିନ୍ନ ସରକାର ଚାଲାକି କରିବାକୁ ଯାଇ ଶିଳ୍ପ ଅନୁଷ୍ଠାନ ପାଇଁ ନଦୀଗୁଡିକରେ ବାଡ ବାନ୍ଧିଲେ କିନ୍ତୁ ଚାଷ ପାଇଁ କିଛି କରୁ ନାହାନ୍ତି ବୋଲି ସେ କହିଛନ୍ତି ।

## ସରସ୍ୱତୀ ବିହାରରେ ଜ୍ଞାନଭାରତମ୍ ମିଶନ୍ ଉଦ୍‌ଘାଟିତ

ଭଦ୍ରକ(ନିପ୍ର): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ଭଦ୍ରକସ୍ଥ ସରସ୍ୱତୀ ବିହାର ଠାରେ ଜ୍ଞାନଭାରତମ୍ ମିଶନ୍‌ର ପୋଥିପଞ୍ଜିକରଣ କେନ୍ଦ୍ରକୁ ଓଡିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସ୍‌ର ସତ୍ୟ ନାରାୟଣ ଆଚାର୍ଯ୍ୟ ଉଦ୍‌ଘାଟନ କରି ଓଡ଼ିଶାର ବିପୁଳ ପୋଥି ଭଣ୍ଡାର ଉପରେ ଅଲୋକପାତ କରିଛନ୍ତି । ଭଦ୍ରକର ବିଶିଷ୍ଟ ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅମରକୃତି ଓଡ଼ିଶାର ଜାତୀୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଉପରେ ଏକ ରାଷ୍ଟ୍ରୀୟ ଚର୍ଚାସତ୍ରର ଆୟୋଜନ କରିବାକୁ ସେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ତିରୁପତିସ୍ଥ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ପୋଥି ମଧ୍ୟରେ ଲୁକ୍କାୟିତ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ଭଣ୍ଡାରକୁ ସଂରକ୍ଷିତ କରିଥିବା ସରସ୍ୱତୀ ପୋଥି ଗବେଷଣା କେନ୍ଦ୍ରର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ସରସ୍ୱତୀ ବିହାରର ପ୍ରତିଷ୍ଠାତା ଡକ୍ଟର ସଦାନନ୍ଦ ଦୀକ୍ଷିତ ଭାରତୀୟ ଜ୍ଞାନ ପରମ୍ପରା ଉପରେ ଗତ ୨୮ ବର୍ଷ ଧରି କାର୍ଯ୍ୟକରୁଥିବା ସରସ୍ୱତୀ ଗବେଷଣା ସଂସ୍ଥାନ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଜ୍ଞାନ ଭାରତମ୍ ମିଶନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ।

## ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ୭୧ତମ ପ୍ରତିଷ୍ଠା ଦିବସ

କାଶୀନଗର (ନିପ୍ର): କାଶୀନଗର ସହର ମଧ୍ୟରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ୭୧ତମ ପ୍ରତିଷ୍ଠା ଦିବସ ଆଜି ମହାଆଡମ୍ବର ସହକାରେ ପାଳିତ ହୋଇଛି। ପ୍ରତିଷ୍ଠା ଦିବସରେ ବ୍ୟାଙ୍କକୁ ପୁରା ସୁନ୍ଦର ଭାବେ ବେଲୁନ ଓ ଲିଚୁ ମାଳାରେ ସଜେଇ ଏକ ସୁନ୍ଦର ବାତାବରଣ ସୃଷ୍ଟି ହୋଇଛି। ବ୍ୟାଙ୍କ ମ୍ୟାନେଜେର ଭୂୟାଁ ବାବୁ ଉପସ୍ଥିତ ଥିବା ଗ୍ରାହକ ଓ କର୍ମଚାରୀ ମାନଙ୍କୁ ମିଠା ଓ ଚକଲେଟ ବାଣ୍ଟି ଖୁସିର ସହ ପ୍ରତିଷ୍ଠା ଦିବସ ପାଳନ କରିଥିଲେ।

## ଚାନ୍ଦିନୀ ଚୌକ ରଥଯାତ୍ରା: ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ ଲାଗି ନିର୍ଦ୍ଦେଶ

କଟକ(ନିପ୍ର) : ଆଗାମୀ ପବିତ୍ର ରଥଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ବୁଧବାର କଟକ ସହରର ଚାନ୍ଦିନୀ ଚୌକ ରଥଯାତ୍ରା ପୀଠରେ ପ୍ରସ୍ତୁତି କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି କଟକ ମହାନଗର ନିଗମର ମେୟର ସୁବାସ ସିଂହ ଓ ସିଏମସି କମିଶନର। ରଥଯାତ୍ରା ସମୟରେ ଭକ୍ତମାନଙ୍କୁ କୌଣସି ଅସୁବିଧା ନ ହେବା ସହ ସମସ୍ତ ନାଗରିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସ୍ଥଳ ପରିଦର୍ଶନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ରଥ ଟାଣିବା ମାର୍ଗ, ରାସ୍ତାର ପରିଷ୍କାର-ପରିଚ୍ଛନ୍ନତା, ଆବର୍ଜନା ଅପସାରଣ, ପାନୀୟ ଜଳ ଯୋଗାଣ, ଆଲୋକୀକରଣ, ଅସ୍ଥାୟୀ ଶୌଚାଳୟ, ଡ୍ରେନ୍ ସଫେଇ, ଜଳ ନିଷ୍କାସନ ବ୍ୟବସ୍ଥା, ବ୍ୟାରିକେଡିଂ ଏବଂ ଜନସମାଗମ ନିୟନ୍ତ୍ରଣ ସମ୍ପର୍କିତ ପ୍ରସ୍ତୁତିର ସବିଶେଷ ଅନୁଧ୍ୟାନ କରାଯାଇଥିଲା। ଯେଉଁଠାରେ ଅଧିକ କାର୍ଯ୍ୟ ବାକି ରହିଛି, ସେସବୁକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା କଟକର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରମ୍ପରାର ଏକ ମହାନ ପର୍ବ। ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ସେମାନଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି ଏବଂ ସିଏମସି ପକ୍ଷରୁ ସମସ୍ତ ଆବଶ୍ୟକ ବ୍ୟବସ୍ଥା ସମୟ ପୂର୍ବରୁ ସମ୍ପୂର୍ଣ୍ଣ କରାଯିବ ଏବଂ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପର୍ବକୁ ସଫଳ କରାଯିବ ବୋଲି ମେୟର କହିଛନ୍ତି । ପ୍ରତ୍ୟେକ ବିଭାଗକୁ ନିଜ ନିଜ ଦାୟିତ୍ୱ ସଠିକ୍ ଭାବେ ପାଳନ କରିବା, ନିରନ୍ତର ସଫେଇ କାର୍ଯ୍ୟ ଜାରି ରଖିବା, ଜଳବନ୍ଦୀ ସ୍ଥିତି ଉପରେ ସତର୍କ ନଜର ରଖିବା ଓ ଜରୁରୀ ସେବାକୁ ସକ୍ରିୟ ରଖିବାକୁ ସିଏମସି କମିଶନର ନିର୍ଦ୍ଦେଶ ଦେଇଛନ୍ତି । ରଥଯାତ୍ରା ସମୟରେ ଯେକୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା ପ୍ରସ୍ତୁତ ରଖାଯାଇଛି ବୋଲି ସେ କହିଥିଲେ। ଏହି ପରିଦର୍ଶନରେ ସିଏମସିର ବରିଷ୍ଠ ଅଧିକାରୀ, ଇଞ୍ଜିନିୟର, ସ୍ୱାସ୍ଥ୍ୟ ଶାଖା, ପରିମଳ ବିଭାଗ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀ, ଆରତୀ ସାହୁ ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ,ପ୍ରତାପ କିଶୋର ସିଂ ଉପସ୍ଥିତ ରହି ପ୍ରସ୍ତୁତି ସମ୍ପର୍କରେ ମେୟର ଓ କମିଶନରଙ୍କୁ ଅବଗତ କରାଇଥିଲେ।

## ୧୦ ଦଫା ଦାବି ନେଇ ଡାକ୍ତରଙ୍କ ଆନ୍ଦୋଳନ, କଳାବ୍ୟାଜ ପିନ୍ଧି ଦେଖୁଛନ୍ତି ରୋଗୀ

କଟକ(ନିପ୍ର) : ଜାତୀୟ ଡାକ୍ତର ଦିବସରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଡାକ୍ତର। ଆଜି ଠାରୁ ଆରମ୍ଭ ହୋଇଛି ଡାକ୍ତରଙ୍କ ଆନ୍ଦୋଳନ । ଅନିର୍ଦ୍ଦିଷ୍ଟକାଳ ପାଇଁ ରାଜ୍ୟରେ ରୋଗୀ ସେବା ବନ୍ଦ । କଟକ ଏସିବି ମେଡିକାଲ କଲେଜରେ କଳା ବ୍ୟାଜ ପିନ୍ଧି କାର୍ଯ୍ୟକୁ ଓହ୍ଲାଇଛନ୍ତି ଜୁନିୟର ଡାକ୍ତର ଓ ରେସିଡେଣ୍ଟ ଡାକ୍ତର ସଂଘ । ଗୋଟିଏ ପଟେ ଡାକ୍ତର ଦିବସ ଥିବା ବେଳେ ଅନ୍ୟପଟେ ଓମସାର ଡାକରାରେ ସମଗ୍ର ଓଡିଶାର ଡାକ୍ତରମାନେ କଳାବ୍ୟାଜ ପିନ୍ଧି ରୋଗୀ ଦେଖୁଛନ୍ତି । ସରକାର ଦାବି ପୂରଣ ନକଲେ ଆସନ୍ତାକାଲି ଠାରୁ ସମ୍ପୂର୍ଣ୍ଣ ରୋଗୀ ସେବା ଠପ କରାଯିବ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ଆଜି ଡାକ୍ତର ଦିବସ ଗୋଟିଏ ପଟେ ଥିବା ବେଳେ ଅନ୍ୟପଟେ ଓମସାର ଡାକରାରେ ସମଗ୍ର ଓଡିଶାରେ ଡାକ୍ତରମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏଣୁ ଆଗକୁ ଧୀରେ ଧୀରେ ରୋଗୀ ସେବା ପ୍ରଭାବିତ ହେବାର ଆଶଙ୍କା ରହିଛି । ଦୀର୍ଘ ଦିନ ହେଲା ଓମସା ପକ୍ଷରୁ କେନ୍ଦ୍ରୀୟ ଡିଏସିପି, କେବିକେ ଅଞ୍ଚଳରୁ ପ୍ରସ୍ଥାନ, ପଦନ୍ନୋତି ପାଇଁ ନିୟମିତ ବୈଠକ, ସମସ୍ତ ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ବୀମା, ଡାକ୍ତରଙ୍କ ସୁରକ୍ଷା ଆଦି ୧୦ ଦାବି ସରକାରଙ୍କ ନିକଟରେ କରାଯାଇଛି । ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ହେଲେ ଆଜି ପର୍ଯ୍ୟନ୍ତ ତାହା ପୂରଣ ହୋଇ ପାରିନି। ତେଣୁ ସଂଘ ନିଜ ଅଧିକାର ପାଇବାକୁ ଆନ୍ଦୋଳନ କରିବାକୁ ବାଧ ହୋଇଥିବା ଓମସା ପକ୍ଷରୁ କୁହାଯାଇଛି।

## ଅବସର କାଳୀନ ସମ୍ବର୍ଦ୍ଧନା




**କାଶୀନଗର (ନିପ୍ର):** କାଶୀନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ମଧ୍ୟରେ ଏକ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ପରିବେଶରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ ସଭା କାର୍ଯ୍ୟକ୍ରମ ବିଡ଼ିଓ ଡ଼ମ୍ବୁରୁଧର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ସହକାରୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ, ସେକ୍ସନ ଅଫିସର ସୁଦାମ କର୍ଜୀ, ବିତ୍ତୀୟ ଅଧିକାରୀ କୈଳାସ ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ଦୀର୍ଘ ବର୍ଷର ସଫଳ ଓ ନିଷ୍ଠାପୂର୍ଣ୍ଣ ସରକାରୀ ସେବା ପରେ ଅବସର ଗ୍ରହଣ କରିଥିବା ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁଙ୍କୁ ଆୟୋଜିତ ହୋଇଥିବା ଏକ ସ୍ୱତନ୍ତ୍ର ସମାରୋହରେ ଭାବ ବିହ୍ୱଳ ପରିବେଶ ମଧ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା।

**ପୁରୀ,(ନିପ୍ର)**: ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ରଙ୍କ ସରକାରୀ କାର୍ଯ୍ୟରୁ ସେବା ନିବୃତ୍ତ ଅବସରରେ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିବା ସହ ଡ ମହାପାତ୍ର ଜଣେ ଦକ୍ଷ, ନିଷ୍ଠାପର ଓ ମିଷ୍ଟଭାଷୀ ଅଧିକାରୀ ଥିଲେ ବୋଲି କହିଥିଲେ। ରାଜସ୍ୱ ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସେ ସୁଚାରୁ ରୁପେ ନିର୍ବାହ କରିଥିଲେ। ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟରେ ତାଙ୍କର ଅବଦାନ ସ୍ମରଣୀୟ ବୋଲି କହିବା ସହ ଅବସର ପରବର୍ତ୍ତୀ ଜୀବନ ମହାପ୍ରଭୁଙ୍କ ଆଶୀର୍ବାଦରୁ ସୁସ୍ଥ, ନୀରୋଗ ଓ ଆନନ୍ଦଦାୟକ ହେଉ ବୋଲି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଡ ମହାପାତ୍ରଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଅବସର ପରବର୍ତ୍ତୀ ଜୀବନ ସୁଖରେ ଅତିବାହିତ ହେଉ ବୋଲି କାମନା କରିଥିଲେ।

**କାକଟପୁର,(ନିପ୍ର):** କଣ୍ଡାପଡା ଗ୍ରା. ପ. ଉଚ୍ଚ ବିଦ୍ୟାଳୟ ଗମ୍ଭାରୀ ପଦାର ଜଣେ ଆଦର୍ଶ, ଛାତ୍ରବତ୍ସଳ ତଥା ଯଶସ୍ୱୀ ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ଦାଶଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ବିଦ୍ୟାଳୟ ପରିସରରେ ଅତି ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷର ଶିକ୍ଷକତା ଜୀବନ ମଧ୍ୟରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ଗଠନମୂଳକ ଚରିତ୍ର ନିର୍ମାଣରେ ସେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରି ଆଜି ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଉତ୍ସବରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷୟତ୍ରୀ ପୁଷ୍ପବାଳା ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କାକଟପୁର ମଣ୍ଡଳଶିକ୍ଷା ଅଧିକାରୀ ଶ୍ରୀକାନ୍ତ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ମନ୍ଦର ଧର ମହାନ୍ତି ଶିକ୍ଷାବିତ ପ୍ରଭାତ ତରାଇ, ଅବସର ପ୍ରାପ୍ତ ସହ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଦାସ ଡି ଏନ ଓ ପ୍ରତାପ ରାଉତ, ପୀତବାସ ଦୀକ୍ଷିତ, ଶିକ୍ଷାବିତ ଜାକିର ହୁସେନ, ଆଲୁମିନି କମିଟି ସଭାପତି ବିଶ୍ୱଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ।



ତିଥି :(ଦ୍ୱିତୀୟା): (ଉତ୍ତରାଷାଢ଼ା, ମକର)
ଅମୃତ ବେଳା: ପ୍ରାତ ଘ ୫।୧୫ରୁ ଘ ୬।୫ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ପାକ-ଆଫଗାନିସ୍ତାନ ବିବାଦ ଅନାବଶ୍ୟକ

ବିଶ୍ୱରେ ଗତ କିଛି ବର୍ଷ ହେବ କେଉଁଠି ନା କେଉଁଠି ଯୁଦ୍ଧର ବିଭୀଷିକା ଲାଗି ରହିବା ଓ ତାହାଦ୍ୱାରା ବିଶ୍ୱବାସୀ ପ୍ରଭାବିତ ହୋଇଥିବା ସତ୍ତ୍ୱେ ଯୁଦ୍ଧଖୋରତା କେତେକଙ୍କର ଛାଡୁ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଅନ୍ତରୀଣ ଶାନ୍ତି ଚୁକ୍ତି ହେତୁ ବନ୍ଦ ରହିଥିଲେ ମଝିରେ ମଝିରେ ଉତ୍ତେଜନା ଉଦ୍‌ବେଗ ବଢ଼ାଉଛି। ମାନବ ସଭ୍ୟତା ଶାନ୍ତିପୂର୍ଣ୍ଣ ସହାବସ୍ଥାନର ସହ ବଢ଼ିବା ଦରକାର ,ଯୁଦ୍ଧ ଏକ ଅନାବଶ୍ୟକ ତତ୍ତ୍ୱ ,ଏକ ଅହେତୁକ ଅହଙ୍କାର। ଏହା ବୁଝିବା ପ୍ରତି ନାରାଜ କାରଣରୁ ଯୁଦ୍ଧ ତାହାର କୌଣସି ନା କୌଣସି ରୂପରେ ପ୍ରକଟିତ ହେବାରେ ଲାଗିଛି। ଏହା ଜଣାଶୁଣା ଯେ ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଇଥାଏ। ଯେଉଁ ଦେଶରେ ଆତଙ୍କ ରାଜ କରେ ସେହି ଦେଶର ସାଧାରଣ ଲୋକେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହୁଅନ୍ତି,ଦରଦାମ ବଢ଼େ ଓ ନ୍ୟାୟର ଶାସନ ପରିବର୍ତ୍ତେ ସ୍ୱେଚ୍ଛାଚାରିତା ଅଧିକ ସ୍ଥାନିତ ହୁଏ। ପାକିସ୍ତାନର ପଡ଼ୋଶୀ ଆଫଗାନିସ୍ତାନ। ଦିନେ ଉଭୟଙ୍କ ମଧ୍ୟରେ କ୍ଷୀରନୀର ସଂପର୍କ ଥିଲା, ମାତ୍ର ଯାହା ଜଣାପଡୁଛି ପାକିସ୍ତାନର ବୋଲକରା ଭାବରେ ଆଫଗାନିସ୍ତାନ ରହିବା ଚାହୁଁନାହିଁ, ପାକିସ୍ତାନ ଚାହେଁ ନିଜ ଅକ୍ତିଆରରେ ରହୁ ଆଫଗାନିସ୍ତାନ।

ଲକ୍ଷ୍ୟ କରାଯାଉଛି ଯେ ତାଲିବାନୀ ଶାସକମାନଙ୍କ ଶାସନର ପ୍ରଥମ ପର୍ଯ୍ୟାୟରେ ଯେଉଁ ବିଶୃଙ୍ଖଳା ଦେଖାଯାଇଥିଲା, ତାହା ଆଉ ସାମ୍ନାକୁ ଆସୁନାହିଁ,ଅର୍ଥାତ୍ ଏକ ପ୍ରକାର ଶାନ୍ତ ଭାବରେ ଆଫଗାନିସ୍ତାନ ରହିଥିବା ବେଳେ ପାକିସ୍ତାନ ନିଜ ଦୁଷ୍ଟ ବୁଦ୍ଧି ଖେଳାଇ ଉକ୍ତ ରାଷ୍ଟ୍ରକୁ ବିଭ୍ରାନ୍ତି ଭିତରକୁ ଠେଲି ଆତଙ୍କବାଦୀ ଆଡ୍ଡା ଆକ୍ରମଣ ନାଁରେ ଭୟଙ୍କର ଖେଳ ଚଳାଇଛି। ନିକଟରେ ଆଫଗାନିସ୍ତାନର ତାଲିବାନ ଶାସନ ଦାବି କରିଛି ଯେ ପାକିସ୍ତାନ ସୀମାରେ ଥିବା ଆଫଗାନିସ୍ତାନର ଲକ୍ଷ୍ୟସ୍ଥଳରେ ଆକ୍ରମଣ କରିଛନ୍ତି। ଅପରପକ୍ଷେ ପାକିସ୍ତାନର ସେନା କହିଛି ଯେ ସେମାନେ ଚାରୋଟି ପ୍ରାଥମିକ ଡ୍ରୋନକୁ ଖସାଇ ଦେଇଛନ୍ତି ଏବଂ ସତର୍କ କରିଛନ୍ତି ଯେ ଆଗକୁ କୌଣସି ଉତ୍ତେଜନାର 'ଉଚିତ ଜବାବ ଦିଆଯିବ'। ପାକିସ୍ତାନ ଗତ ରବିବାର ଆଫଗାନିସ୍ତାନ ଉପରେ ନିଜସ୍ୱ ବିମାନ ଆକ୍ରମଣ କରିଥିଲା । ଫଳରେ ଏଥିରେ ୨୮ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ପାକିସ୍ତାନ ଦୀର୍ଘ ସମୟ ଧରି ଆଫଗାନିସ୍ତାନକୁ ତାଙ୍କ ମାଟିରେ ଆକ୍ରମଣ କରୁଥିବା ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଉଥିବା ଅଭିଯୋଗ କରିଆସୁଛି, ଯାହାକୁ ତାଲିବାନ ସରକାର ପ୍ରତ୍ୟାଖ୍ୟାନ କରିଛି। ଆଫଗାନିସ୍ତାନର କହିବା କଥା ରବିବାର ପାକିସ୍ତାନର ଆକ୍ରମଣ ସାଧାରଣ ଲୋକଙ୍କ ଘର ଉପରେ ଆକ୍ରମଣ କରିଥିଲା ଏବଂ ସାଧାରଣ ଲୋକଙ୍କ ମୃତ୍ୟୁ ସଂଖ୍ୟା ୩୬ରେ ପହଞ୍ଚିଥିଲା, ଯେଉଁଥିରେ ୧୬୦ରୁ ଅଧିକ ଆହତ ହୋଇଥିଲେ। ଏହି ଆକ୍ରମଣକୁ ଏକ 'କାପୁରୁଷୋଚିତ କାର୍ଯ୍ୟ' ଏବଂ 'ନୃଶଂସତା' ବୋଲି ବର୍ଣ୍ଣନା କରିଛି। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଗତ ଫେବୃଆରୀରେ ଉପୁଜିଥିଲା। ପୁଣି ମାର୍ଚ୍ଚରେ କାବୁଲର ଏକ ନିଶା ପୁନର୍ବାସ କେନ୍ଦ୍ର ଉପରେ ପାକିସ୍ତାନର ଆକ୍ରମଣରେ ଶତାଧିକ ଲୋକ ପ୍ରାଣ ହରାଇଥିଲେ। ଜୁନ୍ ପୂର୍ବରୁ, ପାକିସ୍ତାନ ବିମାନ ଆକ୍ରମଣ କରିଥିଲା ଯେଉଁଥିରେ ୨୬ ଜଣ ଆତଙ୍କବାଦୀ ପ୍ରାଣ ହରାଇଥିଲେ ବୋଲି ପାକିସ୍ତାନ ଦାବି କରିଥିବା ବେଳେ ଆଫଗାନିସ୍ତାନର ତାଲିବାନ ସରକାର କହିଥିଲା ଏହି ଆକ୍ରମଣରେ ୧୩ ଜଣ ଲୋକ, ଅଧିକାଂଶ ଶିଶୁ ମଧ୍ୟ ପ୍ରାଣ ହରାଇଥିଲେ।

ପାକିସ୍ତାନ ଆକ୍ରମଣ କରିବା ମାନସିକତା ଛାଡ଼ି ଆଫଗାନିସ୍ତାନ ସହ ଆଲୋଚନା କରୁ, କିନ୍ତୁ ଆକ୍ରମଣ ନ କରୁ। ଯଦି ଆକ୍ରମଣ ଜାରି ରହେ କେବେ ପୁଣି ଏହା ବଡ଼ ଯୁଦ୍ଧର ରୂପ ନେଇପାରେ।

# 'ପରିବେଶ ସୁରକ୍ଷା ପ୍ରତି ଆମର ଦାୟିତ୍ୱବୋଧ'

**ଡ. ଅମୂଲ୍ୟ କୁମାର ପଣ୍ଡା**

'ପରିବେଶ ହିଁ ଜୀବନ', ଏହି ଚିରନ୍ତନ ସତ୍ୟକୁ ଆଧାର କରି ପୃଥିବୀ ପୃଷ୍ଠରେ ସମସ୍ତ ସୃଷ୍ଟିର ବିକାଶ ହୋଇଛି । ପରିବେଶ ହେଉଛି ପ୍ରକୃତିର ଏକ ଅମୂଲ୍ୟ ଉପହାର, ଯାହା ମଧ୍ୟରେ ବାୟୁ, ଜଳ, ମୃତ୍ତିକା, ଉଦ୍ଭିଦ ଓ ପ୍ରାଣୀଜଗତ ଅନ୍ତର୍ଭୁକ୍ତ । ଆମର ଚତୁଃପାର୍ଶ୍ୱରେ ଥିବା ଏହି ସଜୀବ ଓ ନିର୍ଜୀବ ଉପାଦାନଗୁଡ଼ିକର ସମାହାରକୁ ଆମେ ପରିବେଶ ବୋଲି କହିଥାଉ । ମାନବ ସଭ୍ୟତାର ଆରମ୍ଭରୁ ପ୍ରକୃତି ଓ ମଣିଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଆସିଛି । ମାତ୍ର ବର୍ତ୍ତମାନର ଆଧୁନିକ ଓ ସ୍ୱାର୍ଥପର ମଣିଷ ନିଜର ସୁଖ-ସୁବିଧା ପାଇଁ ଏହି ସୁନ୍ଦର ପରିବେଶକୁ ଧ୍ୱଂସ କରିବାରେ ଲାଗିଛି । ଫଳରେ ସମଗ୍ର ବିଶ୍ୱ ଆଜି ଗୁରୁତର ପରିବେଶ ସଙ୍କଟର ସମ୍ମୁଖୀନ । ଏଭଳି ପରିସ୍ଥିତିରେ ପରିବେଶର ସୁରକ୍ଷା କରିବା କେବଳ ସରକାରଙ୍କର ନୁହେଁ, ବରଂ ଆମ ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଅଟେ । ପରିବେଶର ଗୁରୁତ୍ୱ ଓ ପ୍ରକୃତି ସହ ମାନବର ସମ୍ପର୍କ ପରିବେଶ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ, ପିଇବା ପାଇଁ ଜଳ ଏବଂ କ୍ଷୁଧା ନିବାରଣ ପାଇଁ ଅନ୍ନ ଯୋଗାଇଥାଏ । ଆମର ପ୍ରତ୍ୟେକ ମୌଳିକ ଆବଶ୍ୟକତା ପ୍ରକୃତି ଉପରେ ନିର୍ଭର କରେ । ପ୍ରାଚୀନ ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ଦେବତା ଭାବେ ପୂଜା କରାଯାଉଥିଲା । ଗଛଲତାକୁ ମା' ଏବଂ ନଦୀକୁ ପବିତ୍ର ଗଙ୍ଗା ମାତା ଭାବେ ସମ୍ମାନ ଦିଆଯାଉଥିଲା । ଋଷିମୁନିମାନେ ଅରଣ୍ୟ ମଧ୍ୟରେ ରହି ପରିବେଶ ସହିତ ସନ୍ତୁଳନ ରକ୍ଷା କରୁଥିଲେ । କିନ୍ତୁ କାଳକ୍ରମେ ମଣିଷ ପ୍ରକୃତିକୁ ଉପଭୋଗର ସାମଗ୍ରୀ ମନେକଲା, ଯାହା ଆଜିର ବିପର୍ଯ୍ୟୟର ମୁଖ୍ୟ କାରଣ ସାଜିଛି । ବର୍ତ୍ତମାନ ସମୟରେ ପରିବେଶ ମୁଖ୍ୟତଃ ଚାରୋଟି ଉପାୟରେ ପ୍ରଦୂଷିତ ହେଉଛି। ପ୍ରଥମ, ବାୟୁ ପ୍ରଦୂଷଣ । କଳକାରଖାନା ଏବଂ ଗାଡ଼ି ମୋଟରରୁ ନିର୍ଗତ କଳାଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରୁଛି । ଯାହାଫଳରେ ଶ୍ୱାସକ୍ରିୟା ଜନିତ ରୋଗ ବଢ଼ିବାରେ ଲାଗିଛି । ଦ୍ୱିତୀୟ ହେଉଛି ଜଳ ପ୍ରଦୂଷଣ ।ସହରର ବର୍ଜ୍ୟବସ୍ତୁ ଏବଂ କାରଖାନାର ଦୂଷିତ ରାସାୟନିକ ଜଳ ନଦୀ, ପୋଖରୀ ଓ ସମୁଦ୍ରରେ ମିଶି ଜଳକୁ ବ୍ୟବହାର ଅନୁପଯୋଗୀ କରୁଛି । ତୃତୀୟରେ ହେଉଛି ମୃତ୍ତିକା ପ୍ରଦୂଷଣ । କୃଷି କ୍ଷେତ୍ରରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକର ପ୍ରୟୋଗ ଯୋଗୁଁ ମାଟିର ଉର୍ବରତା ନଷ୍ଟ ହେଉଛି । ଚତୁର୍ଥରେ ହେଉଛି ଶବ୍ଦ ପ୍ରଦୂଷଣ ଯାନବାହନର ହର୍ଣ୍ଣ ଏବଂ ଉଚ୍ଚ ସ୍ୱରରେ ବାଜୁଥିବା ଲାଉଡ଼ସ୍ପିକର ମାନସିକ ଚାପ ଓ ବଧିରତା ସୃଷ୍ଟି କରୁଛି । ଯଦି ଆମେ ଏବେଠାରୁ ସଚେତନ ନ ହେବା, ତେବେ ପ୍ରକୃତିର କୋପରୁ କେହି ବଞ୍ଚିପାରିବେ ନାହିଁ । ଏହାର କେତେକ ଭୟାବହ ପରିଣାମ ନିମ୍ନଭାବେ ଦେଖାଦେଇଛି ।

ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହାଦ୍ୱାରା ମେରୁ ଅଞ୍ଚଳର ବରଫ ତରଳି ସମୁଦ୍ର ପତନ ବଢୁଛି । ସମୟରେ ବର୍ଷା ନହେବା, ଅତ୍ୟଧିକ ଗରମ ଏବଂ ବାରମ୍ବାର ବାତ୍ୟା ଓ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଏହାର ଜ୍ୱଳନ୍ତ ଉଦାହରଣ। ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆମକୁ ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ ଦାୟିତ୍ୱବାନ ହେବାକୁ ପଡ଼ିବ । ଆମର ପ୍ରମୁଖ ଦାୟିତ୍ୱଗୁଡ଼ିକ ହେଲା - ପ୍ରଥମ ଦାୟିତ୍ୱ ହେଉଛି ପୃଥିବୀର ସବୁଜ ବନାନୀକୁ ସୁରକ୍ଷିତ ରଖିବା ଯାହା ହେଉଛି ପରିବେଶର ଫୁସଫୁସ । ଗୋଟିଏ ଗଛ କାଟିଲେ ତା' ବଦଳରେ ପାଞ୍ଚଟି ନୂଆ ଗଛ ଲଗାଇବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟିଏ ଗଛ ଲଗାଇବାକୁ ସଂକଳ୍ପ ନେବା ଆବଶ୍ୟକ । ପ୍ଲାଷ୍ଟିକ ଓ ପଲିଥିନ ମାଟିରେ ସହଜରେ ମିଶେ ନାହିଁ ଏବଂ ଏହା ଶହ ଶହ ବର୍ଷ ପର୍ଯ୍ୟନ୍ତ ପରିବେଶକୁ ଦୂଷିତ କରି ରଖେ । ବଜାରକୁ ଗଲାବେଳେ ସଦାସର୍ବଦା କପଡ଼ା କିମ୍ବା ଝୋଟ ବ୍ୟାଗ ବ୍ୟବହାର କରିବା ଉଚିତ। ଜଳର ଅପଚୟ ରୋକିବା ଆମର ପରମ କର୍ତ୍ତବ୍ୟ । ବର୍ଷା ଜଳ ଅମଳ ପଦ୍ଧତି ଆପଣାଇ ଭୂତଳ ଜଳ ସ୍ତରକୁ ବୃଦ୍ଧି କରାଯାଇପାରିବ । ନଦୀ ଓ ପୋଖରୀକୁ ସ୍ୱଚ୍ଛ ରଖିବା ଆବଶ୍ୟକ । ଆମ ଜୀବନଶୈଳୀରେ କମ ବ୍ୟବହାର,ପୁନଃ ବ୍ୟବହାର ଏବଂ ପୁନଃ ଚକ୍ରଣ ନୀତି ଅବଲମ୍ବନ କରିବା ଉଚିତ । ଏହାଦ୍ୱାରା ଆବର୍ଜନା କମ ସୃଷ୍ଟି ହେବ । ପରିବେଶ ସୁରକ୍ଷା କେବଳ ଏକ ସ୍ଲୋଗାନ ବା ସଭାସମିତି ମଧ୍ୟରେ ସୀମିତ ନରହି ଏହାକୁ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଛି । ଆମର ଆଜିର ଛୋଟ ପଦକ୍ଷେପ ଆସନ୍ତାକାଲିର ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ଓ ସୁସ୍ଥ ପୃଥିବୀ ଉପହାର ଦେଇପାରିବ । ଆସନ୍ତୁ ସମସ୍ତେ ମିଶି ଏ ପଦକ୍ଷେପ ଗୁଡିକୁ ନେଲେ ପରିବେଶ ସୁରକ୍ଷିତ ହୋଇପାରିବ। ଏହା ତ୍ୱରାନ୍ୱିତ ଭାବେ କରିବା ଉଚିତ୍, କାରଣ ପ୍ରକୃତିର ସୁରକ୍ଷା ହିଁ ପ୍ରକୃତରେ ମାନବ ଜାତିର ସୁରକ୍ଷା ଅଟେ ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ - ୮୨୪୯୫୦୨୭୭୬**

# ଏକତାରେ ହିଁ ଓଡ଼ିଆ ଭାଷା ଓ ସାହିତ୍ୟ ସମୃଦ୍ଧ ହେବ

**ହଳଧର ଧୀର**

**"ବହୁ ସ୍ୱାଭିମାନୀ ସାହିତ୍ୟିକ ଓ ସଙ୍ଗଠନର ସଙ୍ଗଠକମାନେ ସେମାନଙ୍କର ଅସ୍ତିତ୍ୱ ବଜାୟ ରଖି ସେମାନଙ୍କ ଠାରୁ ନିଜକୁ ଦୂରେଇ ରଖିଥାନ୍ତି । ସେମାନେ ଭଲ ରୂପେ ଅନୁଭବ କରିଛନ୍ତି ଯେ ସ୍ୱାର୍ଥନ୍ୱେଷୀ ସଂସ୍ଥାମାନେ ସାହିତ୍ୟିକମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବା ସେମାନଙ୍କର ଏହା ଏକ ବୃଥା ପ୍ରୟାସ । ସାମ୍ପ୍ରତିକ ସ୍ଥିତିରେ ସାହିତ୍ୟିକମାନଙ୍କ ମଧ୍ୟରେ ଏକତାର ଅଭାବ । ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ କିଏ ବା କାହିଁକି ଚାହିଁବ ଅନ୍ୟମାନଙ୍କର ସ୍ୱାଭିମାନ ଲାଗି ସ୍ୱର ଉତ୍ତୋଳନ କରବାକୁ । ସ୍ୱାଭିମାନୀ ସାହିତ୍ୟିକ ମାନଙ୍କୁ ବାଦ୍ ଦେଲେ ଝରିପୋକ ପରି ସେମାନଙ୍କର ଲୋଭନୀୟ ଆଲୋକର ମୋହରେ ଝାସ ଦେଇଥାନ୍ତି ।"**

ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧି ତଥା ସୁରକ୍ଷାକୁ ନେଇ ବିଭିନ୍ନ ମହଲରେ ସ୍ୱର ଉଠୁଥିଲେ ବି ସତରେ କଣ ଆନ୍ତରିକତାର ସହ ଓଡ଼ିଆ ଅସ୍ମିତାର ବାସ୍ତବତାକୁ କେତେ ଜଣ ବୁଝି କାର୍ଯ୍ୟ କରୁଛନ୍ତି ? କେବଳ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି କଥାର ଉଚାରଣ ସମସ୍ତଙ୍କ ମୁଖରେ ସୁନ୍ଦର ଶୁଭୁଛି । ଆଜିକାଲି ନିଜର ଅନ୍ତଃର୍ନିହତ ଉଦ୍ଦେଶ୍ୟ, ବିତ୍ତୀୟ ଅଭିବୃଦ୍ଧି, ନିଜର ଓ ନିଜ ସମ୍ବାଦପତ୍ରର ପ୍ରଚାର, ପ୍ରସାର ଓ ଅଭିବୃଦ୍ଧି ଲାଗି ବଡ଼ବଡ଼ ସମ୍ବାଦପତ୍ର ହେଉକି ଓ ଛୋଟ ସମ୍ବାଦପତ୍ର ହେଉ ଭିନ୍ନଭିନ୍ନ ଉପାୟରେ, କୌଶଳର ମାପ କାଠିରେ ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ କରୁଛନ୍ତି । ନିଜ ସଂସ୍ଥାର ଅଭିବୃଦ୍ଧି ଘଟୁ ଏଥିରେ କିଏବା କାହିଁକି ବାଧା ଦେବ । ନିଜର ଅନ୍ତଃର୍ନିହିତ ଉଦ୍ଦେଶ୍ୟ ସାଧନା ଲାଗି ସାହିତ୍ୟକୁ ଆୟୁଧ କରି ସାହିତ୍ୟିକମାନଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରାନଯାଉ । ସାହିତ୍ୟର ପ୍ରଚାର ପ୍ରସାର ନାଁରେ ଚତୁରତାର ସହ ନିଜର ପ୍ରଚାର ପ୍ରସାର ଅଭିବୃଦ୍ଧିର ଅଭିଳାଷକୁ ଚରିତାର୍ଥ କରିବାକୁ ଭିନ୍ନ ଉପାୟରେ ସାହିତ୍ୟ ସଭାମାନ ଆୟୋଜନ କରିଆସୁଛନ୍ତି। ପ୍ରକୃତରେ ଆନ୍ତରିକତାର ସହ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ଲାଗି ଉତ୍ସର୍ଗୀକୃତ କାର୍ଯ୍ୟକରିବା ତ ସ୍ୱାଗତଯୋଗ୍ୟ ପଦକ୍ଷେପ । ଯଦି ଏହା ମୂଳଲକ୍ଷ୍ୟଠାରୁ ଅନ୍ତଃର୍ନିହିତ ଉଦ୍ଦେଶ୍ୟ ସାଧନାଲାଗି କାର୍ଯ୍ୟ କରାଯାଏ ସେହିଠାରେ ହିଁ ଲକ୍ଷ୍ୟଚ୍ୟୁତ ଚିନ୍ତା ଓ ଚେତନାର ଗତି ଏବଂ ଧାରା ଭିନ୍ନ ରୂପ ନେଇଥାଏ।

ଭାଷା ଓ ସାହିତ୍ୟର ବିକାଶ କଥା କହିବାତ ସ୍ୱାଗତ ଯୋଗ୍ୟ । କିନ୍ତୁ ସାହିତ୍ୟିକ ମାନଙ୍କ ମଧ୍ୟରେ ବାଛ ବିଚାର କରିବା, କିଏ ଛୋଟ ସାହିତ୍ୟିକ କିଏ ବଡ଼ ସାହିତ୍ୟିକ, କେଉଁ ଅନୁଷ୍ଠାନ ବଡ଼ ଅନୁଷ୍ଠାନ, କେଉଁ ଅନୁଷ୍ଠାନ ଛୋଟ ଅନୁଷ୍ଠାନ; ଏହି ପରି ଭେଦଭାବ ସୃଷ୍ଟି କରିବାର ଅଧିକାର ଏହି କାର୍ଯ୍ୟକ୍ରମ ସଂପାଦନ କରୁଥିବା ଗୋଷ୍ଠୀଙ୍କୁ ଦେଲା କିଏ ?

ସମ୍ବାଦପତ୍ର ମାନଙ୍କର କିଛି ଶୁଭେଚ୍ଛୁ ସାହିତ୍ୟିକ ପରାମର୍ଶଦାତା ମାନଙ୍କର ସଂକୀର୍ଣ୍ଣ ମନୋଭାବରେ ପ୍ରଭାବିତ ହୋଇ ସାହିତ୍ୟିକମାନଙ୍କ ଭିତରେ ବିଭେଦ ସୃଷ୍ଟି କରାଯାଇ ସାହିତ୍ୟ ସମାବେଶମାନ ଆୟୋଜନ କରିଆସୁଛନ୍ତି । ଖାଲି ସେତିକି ନୁହେଁ କର୍ପୋରେଟ ହାଉସଗୁଡ଼ିକୁ ପ୍ରଭାବିତ କରାଇ ସେମାନଙ୍କ ସହିତ ମିଶି ସାହିତ୍ୟ ସଭାମାନ ମଧ୍ୟ ଆୟୋଜନ କରାଯାଇଥାଏ । ସେଥିରେ ମଧ୍ୟ ସାହିତ୍ୟିକ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାଯାଇଥାଏ । ଏହି ଭଳି କାର୍ଯ୍ୟକରୁଥିବା ସଂସ୍ଥା ଓ ବ୍ୟକ୍ତି ମାନଙ୍କର ମନୀଷା କେବେ ସଫଳ ହୋଇ ପାରିନଥାଏ। ଯେଉଁ ଲେଖକ ଲେଖିକା ମାନେ ସମ୍ବାଦପତ୍ର ହେଉ ବା ସରକାରୀ ଏକାଡ଼େମୀ ଗୁଡ଼ିକ ପାଖରେ ମୁହଁ ଦେଖାଇବା, ସେମାନଙ୍କର ସାନ୍ନିଧ୍ୟ ଲାଭ କରିବା, କିମ୍ବା ପୁରସ୍କାର ପାଇବାର ମୋହରନୀତିକୁ ଆପଣେଇଥାନ୍ତି । ସେହିମାନଙ୍କ ପ୍ରଭାବର ରଙ୍ଗ ଛିଟା ଦ୍ୱାରା ବିଭିନ୍ନ ସଂସ୍ଥା ଗୁଡ଼ିକ ଯଦି ରଙ୍ଗେଇ ହୋଇ ଯାଇଥାନ୍ତି, ତାହାହେଲେ ଏ କ୍ଷେତ୍ରରେ ନିରପେକ୍ଷତା ରକ୍ଷା କରାଯାଇ ପାରିଛି ବୋଲି କିପରି କୁହାଯାଇପାରିବ । ତଥାପି ସମୟ ଅଛି ଅନୁଷ୍ଠାନଗୁଡ଼ିକ ଯେଉଁ ମହତ ଉଦ୍ଦେଶ୍ୟ ରଖି କାର୍ଯ୍ୟ କରୁଛନ୍ତି ତାହା ସ୍ୱାଗତ ଯୋଗ୍ୟ । ଯଦି ଏହି ଛୋଟ ଛୋଟ ତ୍ରୁଟିକୁ ଧ୍ୟାନ ଦିଆଯାଇ ତାହାର ପ୍ରତିକାର କରାଯାଇ ପାରନ୍ତା ତେବେ ସେହି ଅନୁଷ୍ଠାନ ଗୁଡ଼ିକ ହେଉକି ସମ୍ବାଦ ପତ୍ର ଗୁଡ଼ିକ ହେଉ କି ଏକାଡ଼େମୀ ଗୁଡ଼ିକ ହେଉ ସେମାନଙ୍କର ସୁନାମବୃଦ୍ଧି ହେବା ସଙ୍ଗେ ସଙ୍ଗେ ଓଡ଼ିଶାବାସୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ରସ୍ଥାନ ଅଧିକାର କରିପାରନ୍ତେ । ଓଡ଼ିଶାବାସୀଙ୍କ ସ୍ନେହ ଶ୍ରଦ୍ଧା ଲାଭ କରିପାରନ୍ତେ ସେମାନଙ୍କ ଚଲାପଥ କୁସୁମିତ ହୋଇପାରନ୍ତା । ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ସହ ଅଭିବୃଦ୍ଧି ଘଟି ପାରନ୍ତା । ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ପ୍ରଚାର ପ୍ରସାର କ୍ଷେତ୍ରରେ ସମ୍ବାଦ ପତ୍ର, ସାହିତ୍ୟ ଏକାଡ଼େମୀର ଓ ଜନ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମୟ ଥିଲା ଯେତେବେଳେ ସାହିତ୍ୟର ମୂଲ୍ୟବୋଧ ଥିଲା । ସାହିତ୍ୟିକ ମାନେ ସମ୍ମାନର ସହ ସେମାନଙ୍କର ସୃଜନ ସୃଷ୍ଟିକୁ ପାଠକ ଓ ସମାଲୋଚକ ମାନଙ୍କ ନିକଟରେ ଉପସ୍ଥାପିତ କରି ପାରୁଥିଲେ। ସେହିପରି ସାହିତ୍ୟକ ମାନେ ସାହିତ୍ୟ ସଂଗଠନ



ଗୁଡ଼ିକ ମର୍ଯ୍ୟାଦାର ସହ କାର୍ଯ୍ୟ କରୁଛି କି ନାହିଁ ବା ଠିକ୍ ଢଙ୍ଗରେ ପରିଚାଳିତ ହେଉଛିକି ନାହିଁ ତାର ମୂଳଦୁଆ ଓ ତାର ଏଣ୍ଡୁଡ଼ିଶାଳ ପର୍ଯ୍ୟନ୍ତ ଠିକ୍ ଭାବେ ବୁଝିବାକୁ ଚେଷ୍ଟା କରୁଥିଲେ । ସର୍ବଦା ସାହିତ୍ୟିକ ମାନେ ମର୍ଯ୍ୟାଦାର ସହ ବଞ୍ଚିବାକୁ ସଂଗ୍ରାମ କରୁଥିଲେ । ଗୋଟିଏ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷ ତାଙ୍କୁ ନିମନ୍ତ୍ରଣ କଲେ ହଠାତ୍ ସେ ସଂସ୍ଥାକୁ ଯିବାକୁ କୁଣ୍ଠାବୋଧ କରୁଥିଲେ । ଉଚିତ ଢଙ୍ଗରେ ସମ୍ମାନର ସହ ନ ଡାକିଲେ ସେ ସ୍ଥାନକୁ ସେମାନେ ଯିବା ଲାଗି ଅନିଚ୍ଛା ପ୍ରକାଶ କରୁଥିଲେ । ବିଶେଷ କରି କରପୋରେଟ ହାଉସ, ଶିଳ୍ପ ସଂସ୍ଥା, ଆଉ ବାଣିଜ୍ୟିକ ସଂସ୍ଥାମାନେ ସାମାଜିକ କଲ୍ୟାଣ ନାଁରେ ସାହିତ୍ୟ ସଭା, କି ସମ୍ମିଳନୀ କଲେ ମଧ୍ୟ ସେମାନେ ସେ ସମୟରେ ବିଶେଷ ସଫଳ ହେଉନଥିଲେ । ଆଉ ସାହିତ୍ୟିକମାନଙ୍କର ନାନା ପ୍ରଶ୍ନର ସମ୍ମୁଖୀନ ହେଉଥିଲେ। ସାଂପ୍ରତିକ ସ୍ଥିତିରେ ତାହାର ଚିତ୍ର ଓ ଚରିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି । ଅତୀତରେ ଯାହା ହେଉନଥିଲା ତାହା ବର୍ତ୍ତମାନ ହେଉଛି । ବିନା ନିମନ୍ତ୍ରଣରେ ନିଜର ସ୍ୱାଭିମାନକୁ ବଳି ଦେଇ କିଛି ସାହିତ୍ୟିକ ସଭାସ୍ଥଳରେ ପହଞ୍ଚି ଯାଇଥାନ୍ତି । ଏହା ସତ୍ୟ ଯେ ସାହିତ୍ୟିକ ମାନଙ୍କର ଏହି ଦୁର୍ବଳତାକୁ ଅସ୍ତ୍ରଭାବେ କରପୋରେଟ ହାଉସ ହେଉ ବା ଯେକୌଣସି ସଂସ୍ଥା ହେଉ ନିଜର ପ୍ରଚାର ପ୍ରସାର ଲାଗି ଏଇ ମୌକାକୁ ହାତଛଡ଼ା ନକରି ନିଜର ଉଦ୍ଦେଶ୍ୟ ପୂରଣ କରିପାରୁଛନ୍ତି । ଫଳରେ ସାହିତ୍ୟିକ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହେବା ଏକ ସ୍ୱାଭାବିକ ଘଟଣା ହୋଇଯାଇଛି । ଯେଉଁ କେତେକ ସେମାନଙ୍କର ସ୍ୱାଭିମାନକୁ ବଜାୟରଖି କାର୍ଯ୍ୟ କରୁଛନ୍ତି । ସେହି କବି, ଲେଖକ, ସାହିତ୍ୟିକମାନେ ସାହିତ୍ୟିକ ପଦବାଚ୍ୟ ହୋଇ ପାରୁନାହାନ୍ତି । ସେମାନେ ଗୋଷ୍ଠୀକନ୍ଦଳ, ଛୋଟ ସାହିତ୍ୟିକ ବଡ଼ ସାହିତ୍ୟିକଙ୍କର ହୀନମାନତାର ଚକ୍ରବ୍ୟୂହରେ ଫସିଯାଉଛନ୍ତି । ତଥାପି ସେମାନେ ନିଜର ଆତ୍ମସମ୍ମାନକୁ ବଜାୟ ରଖିବାକୁ ସେମାନେ ସେମାନଙ୍କର ସଂଗ୍ରାମ ଅବ୍ୟାହତ ରଖିଛନ୍ତି। ସାଂପ୍ରତିକ ସ୍ଥିତିରେ ଯେଉଁ ମେରୀଖୁଣ୍ଟ ବା କୌଣସି ଅନୁଷ୍ଠାନ, ବ୍ୟକ୍ତି ବିଶେଷ, ବଡ଼ ସାହିତ୍ୟିକ ବୋଲାଉଥିବା ସାହିତ୍ୟିକ ମାନଙ୍କ ଆଖପାଖରେ ଆତଯାତ ହୋଇ ଯେଉଁ ସାହିତ୍ୟିକମାନେ ନିଜର ସ୍ଥିତି ଜାହିର କରିବାରେ ମାହିରି ହୋଇଥାନ୍ତି । ସେହିମାନେ ହିଁ ସବୁଠାରୁ ବଡ଼ ସାହିତ୍ୟିକ ହେବାର ଅଭିନୟ କରି ସେମାନେ ସବୁଠାରୁ ବଡ଼ ସାହିତ୍ୟିକ ବୋଲି ସାଂପ୍ରତିକ ସ୍ଥିତିରେ ଗଣା ହୋଇଥାନ୍ତି । ଏହି ଭଳି ସାହିତ୍ୟିକ ମାନେ ସବୁକ୍ଷେତ୍ରରେ ନିଜର ସ୍ଥିତିକୁ ଦୃଢ଼ କରିବାରେ ସଫଳ ହୋଇଥାନ୍ତି । ସରକାରୀ ସାହିତ୍ୟ ସଂସ୍ଥାଠାରୁ ବେସରକାରୀ ସାହିତ୍ୟ ସଂସ୍ଥା ପର୍ଯ୍ୟନ୍ତ ନିଜର ସ୍ଥିତି ମଜଭୁତ କରି ଅନ୍ୟର ସ୍ୱପ୍ନକୁ ସାକାର ହେବାରେ ପ୍ରତିବନ୍ଧକ ସାଜିଥାନ୍ତି । ଆଉ ଅନ୍ୟ ସରଳ ବିଶ୍ୱାସୀ ସାହିତ୍ୟିକ ମାନଙ୍କୁ ନିତୀବାଣୀ ଶୁଣାଇବାକୁ ପଛାଇନଥାନ୍ତି । ସେ ଯାହା ହେଉନା କାହିଁକି ସ୍ୱାଭିମାନୀ ସାହିତ୍ୟିକମାନେ ସେମାନଙ୍କର ସ୍ୱାଭିମାନକୁ ବଜାୟ ରଖିପାରିଲେ, ଦିନେନା ଦିନେ ସେମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖି ଆସୁଥିବା ସାହିତ୍ୟିକ ଓ ଅନୁଷ୍ଠାନ ମାନେ ସ୍ୱାଭିମାନୀ ସାହିତ୍ୟିକମାନଙ୍କ ପ୍ରତି ନିଜର ସମ୍ମାନ ପ୍ରଦର୍ଶନ କରିବେ । ସେମାନଙ୍କ ଦୃଷ୍ଟି ଭଙ୍ଗୀର ପରିବର୍ତ୍ତନ ଘଟିବ । କାଳ ସଦାକାଳ ସତ୍ୟ ଓ ନ୍ୟାୟର ବାଟ ଦେଖାଇଥାଏ । ସାଂପ୍ରତିକ ସମୟରେ କେତେକ ସମ୍ବାଦପତ୍ର ଓ କରପୋରେଟ ହାଉସ୍ ବିତ୍ତିୟ ଅଭିବୃଦ୍ଧି ଚିନ୍ତାଧାରା ନେଇ ସାହିତ୍ୟର ନାରାଦେଇ ସାହିତ୍ୟିକମାନଙ୍କୁ ମୋହଗ୍ରସ୍ତ କରାଇ ସାହିତ୍ୟ ନାଁରେ ନିଜର ଅନଃର୍ନିହିତ ଉଦ୍ଦେଶ୍ୟ ସାଧନ ଲାଗି ହୀନ ପ୍ରଚେଷ୍ଟା ଚଳାଇ ଆସୁଛନ୍ତି । ତାହାର ଅର୍ଥ ନୁହେଁ ଯେ ସମଗ୍ର ସାହିତ୍ୟ ସଙ୍ଗଠନ ଓ ସାହିତ୍ୟିକମାନେ ସେମାନଙ୍କ ମୋହରେ ମୋହଗ୍ରସ୍ତ । ବହୁ ସ୍ୱାଭିମାନୀ ସାହିତ୍ୟିକ ଓ ସଙ୍ଗଠନର ସଙ୍ଗଠକ ମାନେ ସେମାନଙ୍କର ଅସ୍ତିତ୍ୱ ବଜାୟ ରଖି ସେମାନଙ୍କ ଠାରୁ ନିଜକୁ ଦୂରେଇ ରଖିଥାନ୍ତି । ସେମାନେ ଭଲ ରୂପେ ଅନୁଭବ କରିଛନ୍ତି ଯେ ସ୍ୱାର୍ଥନ୍ୱେଷୀ ସଂସ୍ଥାମାନେ ସାହିତ୍ୟିକ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବା ସେମାନଙ୍କର ଏହା ଏକ ବୃଥା ପ୍ରୟାସ ।

ସାଂପ୍ରତିକ ସ୍ଥିତିରେ ସାହିତ୍ୟିକ ମାନଙ୍କ ମଧ୍ୟରେ ଏକତାର ଅଭାବ । ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ କିଏ ବା କାହିଁକି ଚାହିଁବ ଅନ୍ୟମାନଙ୍କର ସ୍ୱାଭିମାନ ଲାଗି ସ୍ୱର ଉତ୍ତୋଳନ କରିବାକୁ । ସ୍ୱାଭିମାନୀ ସାହିତ୍ୟିକ ମାନଙ୍କୁ ବାଦ୍‌ଦେଲେ ଝରିପୋକପରି ସେମାନଙ୍କର ଲୋଭନୀୟ ଆଲୋକର ମୋହରେ ଝାସ ଦେଇଥାନ୍ତି । ଯେଉଁ ସମ୍ପୃକ୍ତ ସମ୍ବାଦପତ୍ର ଓ କରର୍ପୋରେଟ୍ ହାଉସ୍ ବା ବିଭିନ୍ନ ସଂସ୍ଥାର ଚାରିପାଖରେ ଯେଉଁମାନେ ଘୂରିବୁଲୁଥାନ୍ତି ସମୟାନୁକ୍ରମେ ସେହିମାନେ ହିଁ ଶେଷରେ ସେମାନଙ୍କ ନିକଟରେ ନିଜର ସ୍ଥିତି ଯାହିର କରି ସେମାନଙ୍କ ଦୃଷ୍ଟିରେ ମହାନ ସାହିତ୍ୟିକ ଭାବେ ପରିଗଣିତ ହୋଇଥାନ୍ତି । କାଳକ୍ରମେ ସେମାନଙ୍କର ପରାମର୍ଶଦାତା ଭାବେ କାର୍ଯ୍ୟକରି ବଡ଼ ସାହିତ୍ୟିକ, ଛୋଟ ସାହିତ୍ୟିକ ଭିତ୍ତିକ ସୃଷ୍ଟି କରି ସାହିତ୍ୟିକ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାରେ ସହାୟକ ହୋଇଥାନ୍ତି । ସାହିତ୍ୟିକମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାର ପ୍ରୟାସ ସଂପୃକ୍ତ ସମ୍ବାଦ ପତ୍ର ଓ କର୍ପୋରେଟ ହାଉସ୍ ବା ବିଭିନ୍ନ ସଂସ୍ଥା ଗୁଡ଼ିକର ନୈତିକ ଅଧିକାର ଆସିଲା କେଉଁଠାରୁ । ଯେଉଁମାନେ ନିଜର ପ୍ରକୃତ ସ୍ୱରୁପକୁ କଇଁଛର ଖୋଳପା ଭିତରେ ଢ଼ାଙ୍କିରଖି କାର୍ଯ୍ୟ କରିବାକୁ ପ୍ରୟାସ କରିଥାନ୍ତି । ସତରେ କଣ ସେମାନଙ୍କର ବିତ୍ତୀୟ ଭାବନା ଭିତରେ କେତେ ଦେଲେ କେତେ ମିଳିବ ଓ ପ୍ରକୃତ ଅଭିଳାଷପୂର୍ଣ୍ଣ ହୋଇଥାଏ । ଏହା ମହା ସତ୍ୟଯେ ପ୍ରତିଟି ସାମାଜିକ ଓ ସାଂସ୍କୃତିକ ଏବଂ ସାହିତ୍ୟ କ୍ଷେତ୍ରରେ ସେମାନଙ୍କର ପ୍ରୟାସ କେବେ ଫଳବତୀ ହୋଇ ପାରିନଥାଏ । ସାଂପତିକ ସମୟରେ ସାହିତ୍ୟିକମାନଙ୍କର ଏକତାରେ ହିଁ ଓଡ଼ିଆ ଭାଷା ଓ ସାହିତ୍ୟ ସମୃଦ୍ଧ ହେବ।

**ବରିଷ୍ଠ ସାମ୍ବାଦିକ ,ଭୁବନେଶ୍ୱର**

# ନାଗରିକତାର ପ୍ରମାଣ କେଉଁଟି ?

**ସୌଜନ୍ୟ କୁମାର ପରିଡ଼ା**

**"ଭାରତୀୟ ନାଗରିକତାର ପ୍ରକୃତ ଆଇନଗତ ପ୍ରମାଣ କ'ଣ ? କେଉଁ ଦଲିଲକୁ ଅନ୍ତିମ ଭାବେ ନାଗରିକତାର ପ୍ରମାଣ ଭାବେ ଗ୍ରହଣ କରାଯିବ ? ଏହି ପ୍ରଶ୍ନ ଆଜି କେବଳ ଆଇନଗତ ନୁହେଁ, ବରଂ ସାମାଜିକ ଓ ଜାତୀୟ ଚର୍ଚ୍ଚାର ବିଷୟ ପାଲଟିଛି। ସମୟ ସମୟରେ ନାଗରିକତା ସଂଶୋଧନ ଆଇନ (ସିଏଏ), ଜାତୀୟ ନାଗରିକ ପଞ୍ଜି (ଏନଆରସି), ଜନଗଣନା, ଭୋଟର ତାଲିକା ସଂଶୋଧନ କିମ୍ବା ବିଭିନ୍ନ ସରକାରୀ ଯୋଜନାକୁ ନେଇ ଆଲୋଚନା ହେବା ସମୟରେ ଲୋକଙ୍କ ମନରେ ଅନେକ ସନ୍ଦେହ ସୃଷ୍ଟି ହୁଏ। କେହି କହନ୍ତି ଆଧାର କାର୍ଡ ହିଁ ନାଗରିକତାର ପ୍ରମାଣ, କେହି କହନ୍ତି ଭୋଟର ପରିଚୟପତ୍ର, ଆଉ କେହି ପାସପୋର୍ଟ କିମ୍ବା ଜନ୍ମ ପ୍ରମାଣପତ୍ରକୁ ଚୂଡ଼ାନ୍ତ ଦଲିଲ ବୋଲି ମନେ କରନ୍ତି। ଏହି ବିଭ୍ରାନ୍ତି ଲୋକଙ୍କ ମନରେ ଭୟ ଓ ଅନିଶ୍ଚିତତା ସୃଷ୍ଟି କରୁଛି।"**

ନାଗରିକତା କେବଳ ଏକ ଆଇନଗତ ପରିଚୟ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ସମ୍ବିଧାନିକ ଅଧିକାର, ସମ୍ମାନ ଓ ରାଷ୍ଟ୍ର ସହ ତାଙ୍କର ସମ୍ପର୍କର ମୂଳ ଆଧାର। ତେଣୁ ନାଗରିକତା ପ୍ରମାଣ ନେଇ କୌଣସି ଅସ୍ପଷ୍ଟତା ରହିବା ଏକ ଗଣତାନ୍ତ୍ରିକ ଦେଶ ପାଇଁ କେବେ ମଧ୍ୟ ଶୁଭ ସଙ୍କେତ ନୁହେଁ।' ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ପ୍ରତ୍ୟେକ ନାଗରିକଙ୍କୁ ସମ୍ବିଧାନ ସମାନ ଅଧିକାର, ସ୍ୱାଧୀନତା ଓ ସୁରକ୍ଷା ପ୍ରଦାନ କରିଛି। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଆଜି ମଧ୍ୟ ଦେଶର ଅନେକ ସାଧାରଣ ନାଗରିକ ଜାଣିନାହାନ୍ତି ଯେ ଭାରତୀୟ ନାଗରିକତାର ପ୍ରକୃତ ଆଇନଗତ ପ୍ରମାଣ କ'ଣ ? କେଉଁ ଦଲିଲକୁ ଅନ୍ତିମ ଭାବେ ନାଗରିକତାର ପ୍ରମାଣ ଭାବେ ଗ୍ରହଣ କରାଯିବ? ଏହି ପ୍ରଶ୍ନ ଆଜି କେବଳ ଆଇନଗତ ନୁହେଁ, ବରଂ ସାମାଜିକ ଓ ଜାତୀୟ ଚର୍ଚ୍ଚାର ବିଷୟ ପାଲଟିଛି।

ସମୟ ସମୟରେ ନାଗରିକତା ସଂଶୋଧନ ଆଇନ (ସିଏଏ), ଜାତୀୟ ନାଗରିକ ପଞ୍ଜି (ଏନଆରସି), ଜନଗଣନା, ଭୋଟର ତାଲିକା ସଂଶୋଧନ କିମ୍ବା ବିଭିନ୍ନ ସରକାରୀ ଯୋଜନାକୁ ନେଇ ଆଲୋଚନା ହେବା ସମୟରେ ଲୋକଙ୍କ ମନରେ ଅନେକ ସନ୍ଦେହ ସୃଷ୍ଟି ହୁଏ। କେହି କହନ୍ତି ଆଧାର କାର୍ଡ ହିଁ ନାଗରିକତାର ପ୍ରମାଣ, କେହି କହନ୍ତି ଭୋଟର ପରିଚୟପତ୍ର, ଆଉ କେହି ପାସପୋର୍ଟ କିମ୍ବା ଜନ୍ମ ପ୍ରମାଣପତ୍ରକୁ ଚୂଡ଼ାନ୍ତ ଦଲିଲ ବୋଲି ମନେ କରନ୍ତି। ଏହି ବିଭ୍ରାନ୍ତି ଲୋକଙ୍କ ମନରେ ଭୟ ଓ ଅନିଶ୍ଚିତତା ସୃଷ୍ଟି କରୁଛି।

ବାସ୍ତବରେ ଭାରତୀୟ ନାଗରିକତା ନାଗରିକତା ଆଇନ, ୧୯୫୫ ଅନୁଯାୟୀ ନିର୍ଣ୍ଣୟ ହୁଏ। ଏହି ଆଇନରେ ଜନ୍ମ, ବଂଶାନୁକ୍ରମ, ପଞ୍ଜୀକରଣ, ସ୍ୱାଭାବିକୀକରଣ ଏବଂ ଭୂଖଣ୍ଡ ମିଶ୍ରଣ ମାଧ୍ୟମରେ ନାଗରିକତା ପ୍ରଦାନର ବ୍ୟବସ୍ଥା ରହିଛି। ଆଇନ ନାଗରିକତା ପ୍ରାପ୍ତିର ଉପାୟ କହିଛି, କିନ୍ତୁ ସମସ୍ତ ଭାରତୀୟଙ୍କ ପାଇଁ ଏକ ମାତ୍ର 'ନାଗରିକତା ପ୍ରମାଣପତ୍ର' ଜାରି କରିବାର ବ୍ୟବସ୍ଥା ନାହିଁ। ଏହି କାରଣରୁ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଯାଉଛି।

ଅନେକେ ଆଧାର କାର୍ଡକୁ ନାଗରିକତାର ପ୍ରମାଣ ବୋଲି ଭାବନ୍ତି। କିନ୍ତୁ ଆଧାର ଆଇନ ସ୍ପଷ୍ଟ କହିଛି ଯେ ଆଧାର କେବଳ ପରିଚୟ ଓ ବାସସ୍ଥାନ ସହ ଜଡିତ ଏକ ଦଲିଲ, ଏହା ନାଗରିକତାର ପ୍ରମାଣ ନୁହେଁ। ସେହିପରି ଭୋଟର ପରିଚୟପତ୍ର ନିର୍ବାଚନରେ ଭୋଟ ଦେବାର ଅଧିକାର ପ୍ରଦର୍ଶନ କରେ, ପାନ୍ କାର୍ଡ କରଦାତାଙ୍କ ପରିଚୟ, ଡ୍ରାଇଭିଂ ଲାଇସେନ୍ସ ଗାଡ଼ି ଚଳାଇବାର ଅନୁମତି, ଏବଂ ରାସନ କାର୍ଡ ଖାଦ୍ୟ ସୁରକ୍ଷା ଯୋଜନାର ସୁବିଧା ପାଇଁ ବ୍ୟବହୃତ ହୁଏ। ପାସପୋର୍ଟ ଜାରି କରିବା ସମୟରେ ନାଗରିକତା ସମ୍ବନ୍ଧୀୟ ଯାଞ୍ଚ ହୁଏ, କିନ୍ତୁ ଆଇନର ବ୍ୟାବହାରିକ ପ୍ରୟୋଗରେ କେଉଁ ଦଲିଲ କେଉଁ ପରିସ୍ଥିତିରେ ଚୂଡ଼ାନ୍ତ ପ୍ରମାଣ ହେବ, ତାହା ନେଇ ଲୋକଙ୍କ ମଧ୍ୟରେ ସ୍ପଷ୍ଟ ଧାରଣା ନାହିଁ।




ଏହି ଅସ୍ପଷ୍ଟତାର ସବୁଠାରୁ ବଡ଼ ପ୍ରଭାବ ପଡୁଛି ଗରିବ, ଗ୍ରାମାଞ୍ଚଳବାସୀ, ବୟସ୍କ ନାଗରିକ, ଆଦିବାସୀ, ପ୍ରାକୃତିକ ବିପର୍ଯ୍ୟୟରେ ଦଲିଲ ହରାଇଥିବା ପରିବାର ଏବଂ ଅଶିକ୍ଷିତ ଲୋକଙ୍କ ଉପରେ। ଅନେକଙ୍କ ପାଖରେ ପୁରୁଣା ଜନ୍ମ ପ୍ରମାଣପତ୍ର ନାହିଁ। ଅନେକ ସ୍ଥାନରେ ପୂର୍ବରୁ ଜନ୍ମ ପଞ୍ଜୀକରଣର ପ୍ରଚଳନ ମଧ୍ୟ ନଥିଲା। ବନ୍ୟା, ବାତ୍ୟା କିମ୍ବା ଅଗ୍ନିକାଣ୍ଡରେ ଦଲିଲ ନଷ୍ଟ ହୋଇଯାଇଥିବା ପରିବାର ମଧ୍ୟ ଅଛନ୍ତି।

ଏଭଳି ପରିସ୍ଥିତିରେ ସେମାନେ କିପରି ନିଜ ନାଗରିକତା ପ୍ରମାଣ କରିବେ? ଏହାର ସ୍ପଷ୍ଟ ଉତ୍ତର ସାଧାରଣ ଲୋକଙ୍କ ପାଖରେ ନାହିଁ।

ଏକ ଗଣତାନ୍ତ୍ରିକ ଦେଶରେ ନାଗରିକମାନେ ନିଜ ଅଧିକାର ଓ ଆଇନଗତ ସ୍ଥିତି ବିଷୟରେ ସ୍ପଷ୍ଟ ଭାବରେ ଜାଣିବା ଉଚିତ। ଏହା ସରକାରଙ୍କ ମଧ୍ୟ ଦାୟିତ୍ୱ ଯେ ସେମାନେ ଲୋକଙ୍କୁ ସରଳ ଭାଷାରେ ଆଇନ ବୁଝାଇବେ। ଆଇନ କେବଳ ଓକିଲ କିମ୍ବା ଅଧିକାରୀଙ୍କ ପାଇଁ ନୁହେଁ, ବରଂ ସାଧାରଣ ଲୋକଙ୍କ ବୁଝିବା ପାଇଁ ମଧ୍ୟ ହେବା ଦରକାର।

ଆଜି ଦେଶର ଆବଶ୍ୟକତା ହେଉଛି କେନ୍ଦ୍ର ସରକାର ଗୋଟିଏ ସରକାରୀ 'ନାଗରିକତା ସ୍ପଷ୍ଟୀକରଣ ନିର୍ଦ୍ଦେଶିକା' ପ୍ରକାଶ କରନ୍ତୁ। ଏହି ନିର୍ଦ୍ଦେଶିକାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହୁ ଯେ କେଉଁ ଦଲିଲ କେବଳ ପରିଚୟ, କେଉଁଟି ବାସସ୍ଥାନର ପ୍ରମାଣ, କେଉଁଟି ଭୋଟଦାନର ଯୋଗ୍ୟତା ପ୍ରମାଣ କରେ ଏବଂ କେଉଁ ଦଲିଲ କିମ୍ବା ଦଲିଲଗୁଡ଼ିକର ସମନ୍ୱୟରେ ନାଗରିକତା ପ୍ରମାଣିତ ହୋଇପାରିବ। ସେହିପରି, ଯେଉଁମାନଙ୍କ ପାଖରେ ପୁରୁଣା ରେକର୍ଡ ନାହିଁ, ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ ସ୍ପଷ୍ଟ କରାଯାଉ।

ଏହି ନିର୍ଦ୍ଦେଶିକାକୁ ସମସ୍ତ ଭାରତୀୟ ଭାଷାରେ ପ୍ରକାଶ କରାଯିବା ସହ ଗ୍ରାମ ପଞ୍ଚାୟତ, ବ୍ଲକ, ତହସିଲ, ଜିଲ୍ଲା କାର୍ଯ୍ୟାଳୟ, ସ୍କୁଲ, କଲେଜ ଏବଂ ଡିଜିଟାଲ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଯିବା ଆବଶ୍ୟକ। ଏହା ଦ୍ୱାରା ଗୁଜବ, ଭୁଲ ତଥ୍ୟ ଓ ଅନାବଶ୍ୟକ ଭୟର ଅବସାନ ଘଟିବ।

ସରକାର ଯଦି ଚାହାନ୍ତି, ତେବେ ଏକ ସ୍ୱେଚ୍ଛାକୃତ 'ନାଗରିକତା ପ୍ରମାଣପତ୍ର' ବ୍ୟବସ୍ଥା ମଧ୍ୟ ବିଚାର କରିପାରନ୍ତି, ଯାହା ପାଇଁ ଆଇନସମ୍ମତ ଯାଞ୍ଚ ପରେ ଇଚ୍ଛୁକ ନାଗରିକମାନେ ଆବେଦନ କରିପାରିବେ। ଏହା କୌଣସି ବାଧ୍ୟତାମୂଳକ ପ୍ରକ୍ରିୟା ନୁହେଁ, ବରଂ ଭବିଷ୍ୟତରେ ନାଗରିକଙ୍କ ସୁବିଧା ପାଇଁ ଏକ ବିକଳ୍ପ ହୋଇପାରେ। ଆମର ଉଦ୍ଦେଶ୍ୟ କୌଣସି ରାଜନୈତିକ ବିତର୍କ ସୃଷ୍ଟି କରିବା ନୁହେଁ। ଏହା ଏକ ସାଧାରଣ ନାଗରିକଙ୍କ ନ୍ୟାୟସଙ୍ଗତ ପ୍ରଶ୍ନ। ଯେତେବେଳେ ଜଣେ ଭାରତୀୟ ନିଜ ଦେଶର ନାଗରିକ, ସେତେବେଳେ ସେ ନିଶ୍ଚିତ ଭାବେ ଜାଣିବାର ଅଧିକାର ରଖନ୍ତି ଯେ ଆଇନ ଅନୁଯାୟୀ ତାଙ୍କ ନାଗରିକତାର ପ୍ରମାଣ କ'ଣ। ଗଣତନ୍ତ୍ରର ଶକ୍ତି କେବଳ ନିର୍ବାଚନରେ ନୁହେଁ, ବରଂ ନାଗରିକଙ୍କ ବିଶ୍ୱାସରେ ନିହିତ। ସରକାର ଓ ନାଗରିକଙ୍କ ମଧ୍ୟରେ ବିଶ୍ୱାସ ଯେତେ ସୁଦୃଢ଼ ହେବ, ଦେଶ ସେତେ ଶକ୍ତିଶାଳୀ ହେବ। ସେହି ବିଶ୍ୱାସକୁ ଆହୁରି ଦୃଢ଼ କରିବା ପାଇଁ ନାଗରିକତା ଭଳି ସମ୍ବେଦନଶୀଳ ବିଷୟରେ ସ୍ପଷ୍ଟ, ସରଳ ଓ ସର୍ବସାଧାରଣଙ୍କ ପାଇଁ ବୋଧଗମ୍ୟ ସରକାରୀ ମାର୍ଗଦର୍ଶିକା ଜାରି କରିବା ଆଜିର ସମୟର ଆବଶ୍ୟକତା।

ନାଗରିକତା ଉପରେ ସ୍ପଷ୍ଟତା କେବଳ ଆଇନର ପ୍ରଶ୍ନ ନୁହେଁ, ଏହା ପ୍ରତ୍ୟେକ ଭାରତୀୟଙ୍କ ଆତ୍ମବିଶ୍ୱାସ, ସମ୍ମାନ ଓ ଗଣତାନ୍ତ୍ରିକ ଅଧିକାର ସହ ଜଡ଼ିତ। ସେଥିପାଇଁ କେନ୍ଦ୍ର ସରକାର ଏହି ବିଷୟରେ ଯଥାଶୀଘ୍ର ଏକ ସ୍ପଷ୍ଟ ଓ ପ୍ରାମାଣିକ ନିର୍ଦ୍ଦେଶିକା ପ୍ରକାଶ କରନ୍ତୁ। ଏହା ଦ୍ୱାରା ଦେଶବାସୀଙ୍କ ମନରେ ଥିବା ସନ୍ଦେହ ଦୂର ହେବ, ଭ୍ରାନ୍ତିର ଅବସାନ ଘଟିବ ଏବଂ ଗଣତନ୍ତ୍ର ପ୍ରତି ଆସ୍ଥା ଆହୁରି ସୁଦୃଢ଼ ହେବ।

କେନ୍ଦ୍ରାପଡ଼ା, ଓଡ଼ିଶା
ମୋ: ୮୨୪୯୯୪୩୨୪୭

## କନ୍ଧମାଳରେ ଅବକାରୀ ବିଭାଗର ବଡ଼ ସଫଳତା
# ୧୮ ଚକିଆ ଟ୍ରଲରରୁ ୨୯୫ କେଜି ଗଞ୍ଜେଇ ଜବତ

ବୌଦ୍ଧ; ୧/୭ (ନିପ୍ର): ବୌଦ୍ଧ ଜିଲ୍ଲା କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ଅବକାରୀ ଚଢ଼ାଉରେ ବଡ଼ ଧରଣର ଗଞ୍ଜେଇ ଚୋରାଚାଲାଣ ଉଦ୍ୟମ ପଣ୍ଡ କରାଯାଇଛି। ଏହି ଘଟଣାରେ କେଶ ନଂ–୫୭/୨୦୨୬–୨୭ ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ ହୋଇଛି । କନ୍ଧମାଳ ଥାନା ଶୁଲିଆ ଅଞ୍ଚଳରେ ଯାଞ୍ଚ ବେଳେ ଏକ ୧୮ ଚକିଆ ଟ୍ରଲର ଟ୍ରକକୁ ଅଟକାଯାଇଥିଲା। ତଲାସି ସମୟରେ ଟ୍ରକର ଗୁପ୍ତ (ସିକ୍ରେଟ୍) ଚାମ୍ବରରୁ ୨୯୫ କିଲୋଗ୍ରାମ ଗଞ୍ଜେଇ ଉଦ୍ଧାର କରାଯାଇଥିଲା। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର, କନ୍ଧମାଳ ଧନଞ୍ଜୟ କର୍ଣ୍ଣଙ୍କ ଉପସ୍ଥିତିରେ ଗଞ୍ଜେଇ ବାହାର କରାଯାଇ ନିୟମାନୁସାରେ ମାପ ଓ ଓଜନ କରାଯାଇଥିଲା।ତେବେ ଚଢ଼ାଉ ସମୟରେ ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ତାଙ୍କୁ ଠାବ କରିବା ପାଇଁ ଅବକାରୀ ଓ ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ତଦନ୍ତ ଓ ଖୋଜାଖୋଜି ଜାରି ରହିଛି।ଏହି ସଫଳ ଅଭିଯାନ ବୌଦ୍ଧ ରେଞ୍ଜର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏଥିରେ କନ୍ଧମାଳ ଓଆଇସି ରାହୁଲ ବେହେରା, ମନମୁଣ୍ଡା ଓ ଆଇସି ପ୍ରସନ୍ନ ଜାଲି, ଇ ସି ସୁଜିତ ସାହୁ, ନିରଞ୍ଜନ ମଲ୍ଲିକ, ବିଜୟ କୁମାର ବାଘ ଏବଂ ରାଜକିଶୋର କହଁର ଚଡଉ ରେ ସାମିଲ ହୋଇଥିଲେ। ସମଗ୍ର ଜବତ ପ୍ରକ୍ରିୟା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଧନଞ୍ଜୟ ସାହୁ, ଅତିରିକ୍ତ ତହସିଲଦାର, କନ୍ଧମାଳଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା। ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି ଏବଂ ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉଛି ।

## ରେଢ଼ାଖୋଲ ପ୍ରାଣୀ ଚିକିତ୍ସାଳୟ ନୂତନ କୋଠା ନିର୍ମାଣ ଦୁର୍ନୀତି ଘଟଣା
# ଖବର ପ୍ରସାରଣ ପରେ ଆରମ୍ଭ ହେଲା ମରାମତି

ରେଢ଼ାଖୋଲ, ୧ ।୭ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ପ୍ରାଣୀ ଚିକିତ୍ସାଳୟ ନୂତନ ଭାବେ ନିର୍ମାଣ ହୋଇଥିବା କୋଠାଘର ନିର୍ମାଣରେ ଠିକା ସଂସ୍ଥାର ଦୁର୍ନୀତି ଫଳରେ ବିଭାଗୀୟ ଅଧିକାରୀ ସମେତ କର୍ମଚାରୀଙ୍କ ଅସନ୍ତୋଷ ପ୍ରକାଶ ପାଇଛି । ଯାହାକୁ ନେଇ ଉପଜିଲ୍ଲାପାଳଙ୍କ



ଠାରେ ଅଭିଯୋଗ କରିଛନ୍ତି ବିଭାଗୀୟ ଅଧିକାରୀ । ନିର୍ମାଣାଧୀନ ରେଢ଼ାଖୋଲ ପ୍ରାଣୀ ଚିକିତ୍ସାଳୟ ନୂତନ ଅଫିସ୍ ଘରଟି ୨ କୋଟି ୨୩ ଲକ୍ଷ ଏବଂ ଚାରମାଳ ପ୍ରାଣୀ ଚିକିତ୍ସାଳୟ ଟି ୧ କୋଟି ୨୨ଲକ୍ଷ ଅଟକଳ ବ୍ୟୟରେ ସର୍ବମୋଟ ୩କୋଟି ୪୫ଲକ୍ଷ ଟଙ୍କା ଦ୍ୱାରା ନିର୍ମିତ ଉଭୟ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ରେ ଠିକା ସଂସ୍ଥା ଦୁର୍ନୀତି କରିଥିବା ଜଣାପଡିଛି । ଫଳରେ ୨ମାସ ହେବ ଠିକାସଂସ୍ଥା ପ୍ରଶାସନ ବିଭାଗ ହାତକୁ ଏହି ଦୁଇ କୋଠାଘର ଦେଇଥିବା ବେଳେ କିଛି ଦିନ ନଯାଉଣୁ ବର୍ଷା ହେବା ଫଳରେ ଛାତ ଉପରୁ ବର୍ଷା ପାଣି ଗଳୁଥିବା ଜଣାପଡିଥିବା ସହ ସବୁ ଘରର କାନ୍ଥ ଗୁଡ଼ିକ ଫାଟି ଆଁ ହୋଇ ଥିବା ଦେଖାଯାଇଛି । ଫଳରେ କାନ୍ଥ ଗୁଡିକରେ ଲଗାଯାଇଥିବା ମାର୍ବଲ ଗୁଡିକ ମଧ୍ୟ କାନ୍ଥ ଫାଟି ବା ଯୋଗୁଁ ସେଗୁଡ଼ିକ ମଧ୍ୟ ଫାଟି ଆଁ ହୋଇରହିଥିବା ଦେଖାଯାଇଛି । ଏହାକୁ ଲୁଚାଇବା ପାଇଁ କୋଠା ନିର୍ମାଣ କରିଥିବା ଠିକା ସଂସ୍ଥା ଉପରେ କଲର ଓ ପୁଟି ମାରି ଖସି ଯିବା ପାଇଁ ଚେଷ୍ଟା କରିଥିବା ବେଳେ ଏହାକୁ ନେଇ ରେଢ଼ାଖୋଲ ଦୈନିକ 'ଦିନଲିପି'ରେ ଖବର ପ୍ରକାଶନ ପରେ ଏହାର ପ୍ରଭାବରେ ପୁଣି ଏହାର ମରାମତି କାମ ଆରମ୍ଭ ହୋଇଛି । ଏନେଇ ଠିକା ସଂସ୍ଥା ଏହାର ଛାତ ଉପରୁ ଛେଣି ମାଧ୍ୟମରେ ଖୋଳି ଉପରେ ଭଲ ଭାବରେ ଗ୍ରିଡିଂ କରିବା ସହ ଫାଟିଥିବା କାନ୍ଥ ଗୁଡିକରେ ମରାମତି ଆରମ୍ଭ କରିଛି । ସବୁଠାରୁ ବଡ଼କଥା ଏହି ନୂତନ ପ୍ରାଣୀ ଚିକିତ୍ସାଳୟଟି କୋଟିକୋଟି ଟଙ୍କା ଖର୍ଚ୍ଚ ବ୍ୟୟରେ ନିର୍ମିତ ଏହି ଅଫିସ ଗୁଡିକ ଠିକା ସଂସ୍ଥା ଠିକ୍ କାମ ନକରି କିଛି ଟଙ୍କା କାମ ଏଠିକରି ଆଉ କିଛି ଅନ୍ୟତ୍ର କାମରେ ଲଗାଇ ଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

## ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ରମ୍ଭା, ୧ ।୭ (ନିପ୍ର); ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ପାଲୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରାମକୃଷ୍ଣ ବେହେରା ଓ ପ୍ରଫୁଲ୍ଲ କୁମାର ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ କୈବଲ୍ୟ ପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପୂର୍ବତନ ଏବିଇଓ ରୋହିତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶେଷଦେବ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ, ମୁଖ୍ୟବକ୍ତା ଭାବେ ରାଜ୍ୟ ପିଷ୍ଟା ସଂଘର କାର୍ଯ୍ୟକାରୀ ସଭାପତି ତଥା ଶିକ୍ଷକ ନେତା କୃଷ୍ଣଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ପାଲୁର ତାଲୁକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ପ୍ରକାଶ ବେହେରା ପ୍ରମୁଖ ପ୍ରଫୁଲ୍ଲ କୁମାର ବେହେରାଙ୍କ ଶିକ୍ଷକତା ଜୀବନୀ ଉପରେ ଆଲୋକପାତ କରିଥିଲେ।

## ରେଳ ଧାରଣାରୁ ଅଜ୍ଞାତ ମୃତଦେହ ଉଦ୍ଧାର

ନିରାକାରପୁର, ୧ ।୭ (ନିପ୍ର): ଖୋର୍ଦ୍ଧାରୋଡ୍ ରେଳବାଇ ପୋଲିସ ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ଅଧୀନରେ ଥିବା ଗଙ୍ଗାଧରପୁର ରେଳଷ୍ଟେସନ ନିକଟରୁ ଆଜି ଏକ ଅଜ୍ଞାତ ମୃତଦେହ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ମୁତାବକ, ଗଙ୍ଗାଧରପୁର ଷ୍ଟେସନର ଦୁଇଟି ରେଳ ଧାରଣା (ଟ୍ରାକ୍) ମଝିରେ ଏକ ପୁରୁଷଙ୍କ ମୃତଦେହ ପଡ଼ିରହିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ଖବର ପାଇବା ପରେ ନିରାକାରପୁର ଜିଆରପି ପୋଲିସ ଅଧିକାରୀ ଦିଲ୍ଲୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ମୃତକଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରି ନାହିଁ।ଏହି ଘଟଣାରେ ଖୋର୍ଦ୍ଧାରୋଡ୍ ଜିଆରପି ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଶବ ବ୍ୟବଚ୍ଛେଦ ପରେ ଚିହ୍ନଟ ପ୍ରକ୍ରିୟା ପାଇଁ ମୃତଦେହକୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ସୁରକ୍ଷିତ ଭାବେ ରଖାଯାଇଛି। ପୋଲିସ ମୃତକଙ୍କ ପରିଚୟ ସନ୍ଧାନ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## 'ତୀକ୍ଷ୍ଣ ଦୃଷ୍ଟି'ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ
## ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ରତା ହାସଲ କରିଥିବା ବହୁ ପ୍ରତିଭାଧାରୀ ସମ୍ବର୍ଦ୍ଧିତ

ରମ୍ଭା, ୧ ।୭ (ନିପ୍ର): ଗୀତ ଗୋବିନ୍ଦ ସଦନରେ ସାପ୍ତାହିକ ସମ୍ବାଦପତ୍ର ' ତୀକ୍ଷ୍ଣ ଦୃଷ୍ଟି'ର ପ୍ରଥମ ସ୍ୱନକ୍ଷତ୍ର ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି, ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ସ୍ୱତନ୍ତ୍ର ଅତିଥି, ଇଞ୍ଜିନିୟର ତଥା ସାହିତ୍ୟିକ ଯାମିନୀ କାନ୍ତ ଦାସ ମୁଖ୍ୟବକ୍ତା ଓ ବରିଷ୍ଠ ସାମ୍ବାଦିକ ପ୍ରସାଦ ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବାଦପତ୍ର ଓ ସାମ୍ବାଦିକତା ଆଜିର ସମୟରେ କିଭଳି ସଂଘର୍ଷପୂର୍ଣ୍ଣ ସମୟ ଦେଇ ଗତି କରୁଛି ତାହା ଉପରେ ସେମାନଙ୍କ ବହୁମୂଲ୍ୟ ବକ୍ତବ୍ୟ ରଖିବା ସହିତ ସାମ୍ବାଦିକମାନେ ନିରପେକ୍ଷ ଭାବେ ତଥ୍ୟ ସମ୍ବଳିତ ଖବର ପ୍ରକାଶ କରିବା, ଗଣମାଧ୍ୟମ ପକ୍ଷଭୁକ୍ତ ନ ହୋଇ ସଠିକ ସମ୍ବାଦ ପରିବେଷଣ କଲେ ହିଁ ପାଠକଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଢାଲି ମଧ୍ୟ ସମ୍ବାଦପତ୍ର ନିରପେକ୍ଷ ହେବା ସପକ୍ଷରେ ମତ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ପ୍ରସାଦ ରାଓ କହିଲେ, ସମ୍ବାଦପତ୍ର ମାଲିକ ନିରପେକ୍ଷ ରହିଲେ ହିଁ ସାମ୍ବାଦିକମାନେ ପକ୍ଷଭୁକ୍ତ ନହୋଇ ସମ୍ବାଦ ପରିବେଷଣ କରିପାରିବେ। ସାମ୍ପ୍ରତିକ କ୍ଷେତ୍ରରେ ଦେଶର କୌଣସି ଗଣମାଧ୍ୟମ ଆଉ ନିରପେକ୍ଷ ହୋଇ ରହିନାହିଁ। ମାଲିକମାନେ ଯେତେବେଳେ ପକ୍ଷଭୁକ୍ତ ସାମ୍ବାଦିକମାନଙ୍କୁ କେମିତି ଦୋଷ ଦେବା ବୋଲି ସେ ପ୍ରଶ୍ନ କରିଥିଲେ। ବରିଷ୍ଠ ସାମ୍ବାଦିକ ସୁଜ୍ଞାନ କୁମାର ଚୌଧୁରୀ ଏହି ସ୍ୱନକ୍ଷତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ 'ତୀକ୍ଷ୍ଣ ଦୃଷ୍ଟି'ର ସମ୍ପାଦକ ସନ୍ତୋଷ କୁମାର ସେନାପତି ସ୍ୱାଗତ ଭାଷଣ ଦେଇ ବିବରଣୀ ପାଠ କରଥିଲେ। କାଳୀ ସିଂହ ଆବାହକ ଭାବେ ସଭା ସଂଚାଳନ କରିବା ସହ ଧନ୍ୟବାଦ ଦେଇଥିଲେ।

# ରାଶିବେଢ଼ା ଗାଁରେ ପାନୀୟ ଜଳ ସମସ୍ୟା: ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ରେଢ଼ାଖୋଲ, ୧ ।୭ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳ ପଞ୍ଚାୟତ ଅନ୍ତର୍ଗତ ରାଶିବେଡା ଗ୍ରାମରେ ଏବେ ଦିନକୁ ଦିନ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଏବର୍ଷ ଗ୍ରୀଷ୍ମ ପ୍ରବାହ ଅଧିକରୁ ଅଧିକ ଜାରି ରହି ଥିବା ହେତୁ ବନ୍ଧ ,କଟା , ନଈ ନାଳ ଆଦି ଶୁଖି ଯାଇ ଥିବାରୁ ଲୋକେ ପାନୀୟ ଜଳଠୁ ନେଇ ଗାଧୋଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉ ଥିବା ଦେଖିବାକୁ ମିଳିଛି। ରାଶିବେଡା ଗ୍ରାମରେ ପ୍ରାୟ ୬୦ ପରିବାର ବସବାସ କରୁ ଥିବା ବେଳେ ଏଠାରେ ମାତ୍ର ୪ଟି ନଳକୂପ ଅଛି ସତ ହେଲେ ୩ଟି ନଳକୂପରୁ ବାରମାସି ଲୁହା କଳଙ୍କି ଯୁକ୍ତ ପାଣି ବାହାରୁଛି । ଫଳରେ ଲୋକେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଗୋଟିଏ ନଳକୂପରୁ ଭଲ ପାଣି ବାହାରୁ ଥିଲା ହେଲେ ବର୍ତ୍ତମାନ କିଛି ଦିନ ପୂର୍ବରୁ ସେଥିରୁ ମଧ୍ୟ କଳଙ୍କି ଯୁକ୍ତ ପାଣି ବାହାରିବାରୁ ତାହା ଆଉ ପିଇବା ପାଇଁ ଯୋଗ୍ୟ ନହେବାରୁ ସ୍ଥାନୀୟ ଲୋକେ ନଳକୂପରେ ନୂତନ ପାଇପ୍ ସଂଯୋଗ ସହ ମରାମତି ନିମନ୍ତେ ସରପଞ୍ଚ ଏବଂ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ । ସେମାନେ ଆସି କାମ କଲେ ହେଲେ ନୂତନ ପାଇପ୍ ଜାଗାରେ ପୁଣି ସେହି ପାଇପ୍ ଖଞ୍ଜି ଚାଲିଗଲେ । ପୁଣି ପୂର୍ବ ଭଳି ସେଥିରୁ ଲୁହା କଳଙ୍କି ଯୁକ୍ତ ମଇଳା ପାଣି ବାହାରିବାରୁ ପୁଣି ଅଭିଯୋଗ କରିଥିଲେ । ଅଭିଯୋଗ ପରେ କର୍ମଚାରୀ ଆସି ସେହି ନଳକୂପ କୁ ଖୋଲି ଅଧାରେ କାମ ଅଟକାଇ ନୂତନ ପାଇପ୍ ସଂଯୋଗ ନକରି ଅଧାକରି ଛାଡି ଗଲେ । ଫଳରେ ଲୋକେ ପିଇବା ପାଣି ବୁନ୍ଦାଏ ପାଇଁ ଗାଁ ପାଖ ୧ କିଲୋମିଟର



ଦୂର ଯାଇ ଅନ୍ୟ ଏକ ନଳକୂପରୁ ପାଣି ଆଣି ଚଳିବାକୁ ପଡୁଛି ବୋଲି ଲୋକେ କହିଛନ୍ତି । ଏନେଇ ଏବାବଦରେ ସୋମବାର ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଂଜନ ମହାନ୍ତଙ୍କୁ ଏବାବଦରେ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ସବୁଠାରୁ ବଡ଼କଥା ଗାଁ କୁ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ଅଛି ସତ ହେଲେ ସପ୍ଲାଏ ପାଣି ନାମକୁ ମାତ୍ର । କେତେବେଳେ ଆସୁଛି ତ କେତେବେଳେ ମାସମାସ ଧରି ପାଣି ଆସୁନଥିବା ଲୋକେ କହିଛନ୍ତି । ବଡ଼ବଡ଼ ପାଇପ୍ ଲାଗିଛି କିନ୍ତୁ ପାଣିର ବ୍ୟବସ୍ଥା ନାହିଁ କି ପାଣି ଆସୁନାହିଁ ବୋଲି ପ୍ରକାଶ କରିଛନ୍ତି ସେଠାକାର ସ୍ଥାନୀୟ ଜନସାଧାରଣ । ଅଧିକ ପରିବାର ପାଣି ପାଇଁ ଗୁଳଗୁଳା ହେଉ ଥିବା ଜଣା ଯାଇଛି। ଯାହାକୁ ନେଇ ଗ୍ରାମବାସୀ ମାନେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁ ଥିଲେ ମଧ୍ୟ ଏ ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ଏନେଇ ଏହାକୁ ଦୃଷ୍ଟିରେ ରଖି ଗାଁରେ ପିଇବା ପାଣିର ସୁବ୍ୟବସ୍ଥା କରିବାକୁ ଦାବି ପ୍ରକାଶ କରିଛନ୍ତି ଲୋକେ ।

## ରାଉରକେଲାରେ ୭୭ତମ ବନ ମହୋତ୍ସବ

ରାଉରକେଲା, ୧ ।୭(ନିପ୍ର): ରାଉରକେଲା ବନ ବିଭାଗର ବିଭାଗୀୟ କାର୍ଯ୍ୟାଳୟରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ପରିବେଶ ସଂରକ୍ଷଣ, ବନୀକରଣ ଏବଂ ସ୍ଥାୟୀ ଜଙ୍ଗଲ ପରିଚାଳନା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମରେ ସବୁଜ ଆଚ୍ଛାଦନ ବୃଦ୍ଧି, ଜୈବ ବିବିଧତାକୁ ସୁରକ୍ଷା ଏବଂ ଏକ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ଭବିଷ୍ୟତ ସୃଷ୍ଟି କରିବାରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଗୋଟିଏ ଗଛ ଲଗାନ୍ତୁ, ପ୍ରକୃତିକୁ ସୁରକ୍ଷା ଦିଅନ୍ତୁ, ଆମର ଭବିଷ୍ୟତକୁ ସୁରକ୍ଷିତ କରନ୍ତୁ ସ୍ଲୋଗାନକୁ ନେଇ ରାଉରକେଲା ବନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଆରମ୍ଭ କରାଯାଇଛି।

## ଉଚ୍ଛେଦ ଦୋକାନୀଙ୍କ ଥଇଥାନ ଦାବିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର

ରାଉରକେଲା, ୧ ।୭ (ନିପ୍ର): ବନ୍ଧମୁଣ୍ଡା ଶୀତଳ ନଗରରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଚାଲିଥିବା ବେଳେ, ସେଠାରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀମାନେ ଏହାକୁ ବିରୋଧ କରିବା ସହିତ ଥଇଥାନ ଦାବି କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଶୀତଳ ନଗରର ପ୍ରାୟ ୨୨ ଜଣ ଦୋକାନୀ, ଗତ ୩୦-୪୦ ବର୍ଷ ଧରି ନିଜ ନିଜ ଦୋକାନ ମାଧ୍ୟମରେ ଜୀବିକା ନିର୍ବାହ କରିଆସୁଛନ୍ତି। ପରିବାରର ଭରଣପୋଷଣ ପାଇଁ ଦୋକାନ ଉପରେ ହିଁ ନିର୍ଭର କରିଥାନ୍ତି। ୨୦୨୬ ଜୁନ୍ ୨୮ ତାରିଖରେ ରାଉରକେଲା ଇସ୍ପାତ କାରଖାନାର କେତେକ କର୍ମଚାରୀ କୌଣସି ପୂର୍ବ ସୂଚନା ନଦେଇ କିମ୍ବା ଲିଖିତ ନୋଟିସ ନଦେଇ ଦୋକାନଗୁଡ଼ିକୁ ହଟାଇବା କିମ୍ବା ଭାଙ୍ଗିବା ବିଷୟରେ କହିଥିଲେ ।

ଏହା ଫଳରେ ସମସ୍ତ ଦୋକାନୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ସେମାନେ ବିକାଶ କାର୍ଯ୍ୟର ବିରୋଧୀ ନୁହେଁ ଏବଂ କୌଣସି ସରକାରୀ ପ୍ରକଳ୍ପରେ ବାଧା ସୃଷ୍ଟି କରିବାକୁ ଚାହୁଁନାହାନ୍ତି। ସେମାନେ ଅନୁରୋଧ କରିଛନ୍ତି ଯେ ଦୋକାନ ହଟାଇବା ପୂର୍ବରୁ ସମସ୍ତ ପ୍ରଭାବିତ ଦୋକାନୀଙ୍କ ପାଇଁ ଉଚିତ ଥଇଥାନ କରାଯିବା ସହିତ ନ୍ୟାୟ ଦାବି କରିଛନ୍ତି।

# ଥଣ୍ଡା ପାନୀୟରେ ନିଶା ମିଶାଇ ଦୁଷ୍କର୍ମ କରିବା ମାମଲା: ଦୋଷୀ ସାବ୍ୟସ୍ତ ହେଲା ଅଭିଯୁକ୍ତ

ପାରଳାଖେମୁଣ୍ଡି, ୧ ।୭(ନିପ୍ର);ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ ହର ପ୍ରସାଦ ପଟ୍ଟନାୟକ ପୋକ୍ସୋ ଆକ୍ଟର ଧାରା ୬ରେ ମୋହନା ଥାନା ଅନ୍ତର୍ଗତ ସିଙ୍କୁଲିପଦର ଗ୍ରାମର ଅଭିଯୁକ୍ତ ରାଜେନ୍ଦ୍ର ଜାନୀ( ୨୬ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷର ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ତିନି ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅପହରଣ ପାଇଁ ରହିଥିବା ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୬୩ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ତିନି ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ଏତଦବ୍ୟତୀତ ଜୀବନରେ ମାରିବାକୁ ଧମକ ଦେବା ନିମନ୍ତେ ରହିଥିବା ଧାରା ୫୦୬ ଅନୁଯାୟୀ ୨ବର୍ଷର ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି ନ୍ୟାୟାଧୀଶ। ସେହିପରି ଏହି ସମ୍ବେଦନଶୀଳ ମାମଲାରେ ବିଚାରପତି ନିଜ ରାୟରେ ରାଜ୍ୟ ସରକାରଙ୍କ ତରଫରୁ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ସାତ ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରିବା ସହ ପୋକ୍ସୋ ଧାରାରେ ଯେଉଁ ଜୋରିମାନା ରାଶି ଧାର୍ଯ୍ୟ କରାଯାଇଛି ସେହି ଜୋରିମାନାର ସମ୍ପୂର୍ଣ୍ଣ ରାଶି ପୀଡିତାଙ୍କୁ ଦେବା ନିମନ୍ତେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଏମ୍ ପୃଥ୍ୱୀରାଜ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତା ୧୦-୦୨-୨୦୨୪ରିଖ ଦିନ ସନ୍ଧ୍ୟା ସମୟରେ ଯେତେବେଳେ ଏତଲାକାରୀ ବାପା ନିଜ ନାବାଳିକା ଝିଅ ସହ ଚାନ୍ଦିପୁଟ ହାଟକୁ ପରିବା କିଣିବାକୁ ଯାଇଥିଲେ, ସେତେବେଳେ ଏତଲାକାରୀଙ୍କ ଅଜାଣତରେ ତାଙ୍କ ଝିଅ କୁଆଡେ ଚାଲିଯାଇଥିଲେ। ପରେ ସେ ଜାଣିବାକୁ ପାଇଥିଲେ ଯେ, ହାଟରୁ ଅଭିଯୁକ୍ତଜଣଙ୍କ ତାଙ୍କୁ ଘରେ ଛାଡ଼ି ଦେବା କଥା କହି ତାଙ୍କୁ ଗାଡ଼ିରେ ପିଣ୍ଡିକି ନିକଟସ୍ଥ ଜଙ୍ଗଲ ମଧ୍ୟକୁ ନେଇ ଥଣ୍ଡାପାନୀୟରେ ନିଶା ଦେଇ ତାଙ୍କ ସହ ଅସଦାଚରଣ ଓ ଦୁଷ୍କର୍ମ କରିବା ପରେ ପୀଡ଼ିତାଙ୍କୁ ଆଣି ତାଙ୍କ ଘରେ ଛାଡ଼ିଦେଇଥିଲେ। କାହା ଆଗରେ କହିଲେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ସୂଚନାଯୋଗ୍ୟ, ସେହି ସମୟରେ ଏତଲାକାରୀଙ୍କ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିବାରୁ ଦଶାହ କାର୍ଯ୍ୟ ସରିବା ପରେ ତା ୧୯-୦୨-୨୦୨୪ରେ ମୋହନା ଥାନାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏତଲାକାରୀ ଏକ ସଙ୍ଗିନ ମାମଲା ଦାୟର କରିଥିଲେ, ଯାହାକି ମାମଲା ନମ୍ବର ୪୦ ରେ ପଞ୍ଜିକୃତ ହୋଇଥିଲା। ମାମଲାର ଗମ୍ଭୀରତାକୁ ନଜରରେ ରଖି ସବ-ଇନ୍ସପେକ୍ଟର ସୌମ୍ୟ ରଞ୍ଜନ ବରାଳ ଉକ୍ତ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଆଜି ୧୯ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ୨୮ଟି ଦସ୍ତାବିଜକୁ ଆଧାର କରି ସର୍ବଶେଷରେ ଏହି ଦୃଷ୍ଟାନ୍ତମୂଳକ ରାୟ ନ୍ୟାୟାଧୀଶ ଦେଇଛନ୍ତି।

## ସ୍ୱପ୍ନେଶ୍ୱରଙ୍କ ଘରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ବୁଝିଲେ ଜିଲ୍ଲାପାଳ

ସୋନପୁର, ୧ ।୭ (ନିପ୍ର); ସୋନପୁରରେ ସହରର ମଝିପଡ଼ା ରଥଖଳା ଠାରେ ବସବାସ କରୁଥିବା ମାଗୁଣୀ ସାହୁଙ୍କ ଘରକୁ ପହଞ୍ଚିଲେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ। ସୂଚନା ଯୋଗ୍ୟ ଯେ ସୁଦୂର ବାଙ୍ଗାଲୋର ଠାରେ ଚିକିତ୍ସିତ ହୋଇ ହୃଦପିଣ୍ଡ ଅପରେସନର ସଫଳତା ପରେ ଘରକୁ ଫେରିଛି ତାଙ୍କ ଛଅ ବର୍ଷର ନାତି ସ୍ୱପ୍ନେଶ୍ୱର । ଜିଲ୍ଲାପାଳ ତାଙ୍କ ଘରେ ପହଞ୍ଚିବା ସହ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି । ପ୍ରକାଶ ଥାଉ କି ଯେ ଅବସର ପ୍ରାପ୍ତ ସମବାୟ ବ୍ୟାଙ୍କ ସୋନପୁର ମ୍ୟାନେଜର ମାଗୁଣି ସାହୁଙ୍କ ନାତି ସ୍ୱପ୍ନେଶ୍ୱର (୬) ବର୍ଷର ହୃତପିଣ୍ଡ ଅପରେସନ ପାଇଁ ବିଗତ ତିନି ମାସ ପୂର୍ବରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଗୁହାରି କରିଥିଲେ ପରିବାର । ପରେ କିଛି ସ୍ୱେଚ୍ଛାସେବୀ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କୋଡ଼ିନେଟିଙ୍ଗ ଓ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସ୍ୱପ୍ନେଶ୍ୱରର ଚିକିତ୍ସା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଭୁବନେଶ୍ୱର ଓ ସୁଦୂର ବାଙ୍ଗାଲୋର ଠାରେ ଚିକିତ୍ସା ବେଳେ ଡାକ୍ତରମାନଙ୍କ ସହ ଓ ପରିବାର ସହ ଅନେକ ଥର ଯୋଗାଯୋଗରେ ରହି ଉନ୍ନତ ଧରଣର ଚିକିତ୍ସା ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ ଜିଲ୍ଲାପାଳ ଡ଼. ସାହୁ । ଅପରେସନ ସଫଳତା ପରେ ଖୁସି ହୋଇ ପ୍ରଥମେ ମା ସୁରେଶ୍ୱରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ପରିବାର । ଚିକିତ୍ସା ପ୍ରସ୍ତୁତିରେ ଏହି ପରିବାରକୁ ପ୍ରେରଣା ଯୋଗାଇଥିବା ଓ ଅପରେସନ୍ ବେଳେ ବାଙ୍ଗାଲୋର ମେଡିକାଲ୍ ଓ ଡାକ୍ତରଙ୍କ ସହ ଯୋଗାଯୋଗରେ ଥିବା ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରି ଆଜି ଭାବ ବିହ୍ୱଳ




ହୋଇ ଯାଇଥିଲେ ଏହି ପରିବାର । ଏବଂ ମହତ୍ କାର୍ଯ୍ୟ ରେ ସଂଯୋଜନା କରିଥିବା ବରିଷ୍ଠ ନାଗରିକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ପ୍ରଦୀପ ପୁରୋହିତ, ଜିଲ୍ଲା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ସାମ୍ବାଦିକ ମନୋରଞ୍ଜନ ତ୍ରିପାଠି, ମହାଦେବ ମଲ୍ଲିକ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ଏହି ପରିବାର ଆଜି କୃତଜ୍ଞତା ଜଣାଇଥିଲେ । ଜିଲ୍ଲାପାଳଙ୍କ ଏହି ଉଦ୍ୟମ, ବଦାନ୍ୟତା ଓ ସଫଳତା ପରେ ଘରକୁ ପରିଦର୍ଶନ ସହର ତଥା ଜିଲ୍ଲାରେ ଖୁବ୍ ପ୍ରଶଂଶା କରାଯାଇଛି ।

## ଯୁବତୀଙ୍କୁ ଉଦ୍ଧାର କରିଛି ପୋଲିସ, ଜଣେ ଯୁବକ ଗିରଫ

ପାରଳାଖେମୁଣ୍ଡି, ୧ ।୭ (ନିପ୍ର); ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ରାତି ପ୍ରାୟ ୮.୨୦ ଘଟିକା ସମୟରେ ପାରଳାଖେମୁଣ୍ଡି ଉଚ ବାଳିକା ବିଦ୍ୟାଳୟ ରୋଡ଼ ନିକଟରୁ ଜଣେ ୨୫ ବର୍ଷୀୟା ଯୁବତୀଙ୍କୁ ବୋଲେରୋ ଗାଡ଼ିରେ ଜବରଦସ୍ତି ଉଠାଇ ନେଇଯାଇଥିବା ଅଭିଯୋଗ ପାଇବା ପରେ ପାରଳାଖେମୁଣ୍ଡି ପୋଲିସ ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା । ସିସିଟିଭି ଫୁଟେଜ ଯାଞ୍ଚ, ସୂଚନା ସଂଗ୍ରହ ଏବଂ ଲଗାତାର ଚଢ଼ାଉ କରି ଅଭିଯୋଗ ପାଇବାର ପ୍ରାୟ ୫ ଘଣ୍ଟା ମଧ୍ୟରେ ଯୁବତୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସହ ମୁଖ୍ୟ ଅଭିଯୁକ୍ତ ମନୋଜ କୁମାର ଭୂୟାଁ (୩୨) ଙ୍କୁ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ପୂର୍ବରୁ ଯୁବତୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଯୁବତୀ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ଘଟଣାରେ ପାରଳାଖେମୁଣ୍ଡି ଥାନା ମାମଲା ରୁଜୁ କରାଯାଇଛି ।

## ପୁସ୍ତକ ବିଭ୍ରାଟକୁ ନେଇ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

ଡାବୁଗାଁ , ୧ ।୭ (ନିପ୍ର): ଡାବୁଗାଁରେ ଜିଲା କଂଗ୍ରେସ ଡାକରାରେ ପୁସ୍ତକ ବିଭ୍ରାଟକୁ ନେଇ ୧୨ଘଣ୍ଟିଆ ବନ୍ଦ ପାଳନ ହୋଇଛି । ଏହି ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଛପା ଯାଇଥିବା ପାଠ୍ୟ ପୁସ୍ତକରେ ବହୁ ମାତ୍ରାରେ ଭୁଲ ପାଠ ଲେଖାଯାଇଛି । ଫଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ ବହୁତ ପ୍ରଭାବ ପକାଇବ । ତେଣୁ ପୁସ୍ତକ ବିଭ୍ରାଟକୁ କେନ୍ଦ୍ର କରି ନବରଙ୍ଗପୁର ଜିଲ୍ଲା କଂଗ୍ରେସ ଡାକରାରେ ଡାବୁଗାଁ ଠାରେ ବନ୍ଦ ପାଳନ ହେଲା। ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ପାଠ୍ୟ ପୁସ୍ତକ ବିଭ୍ରାଟ ଯୋଗୁଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି । ଏହି ବନ୍ଦ ପାଳନ ଯୋଗୁଁ ଡାବୁଗାଁ ଠାରେ ଅନେକ ଗାଡ଼ିମୋଟର ଅଟକି ରହିବା ସହ ସମ୍ପୂର୍ଣ୍ଣ ଦୋକାନ ବଜାର ବନ୍ଦ ହୋଇଥିବା ଦେଖାଯାଇଛି । ଫଳାରେ ଯାତାୟାତ କରୁଥିବା ଲୋକେ ହନ୍ତସନ୍ତ ହେଇଥିଲେ । ଏହି ବନ୍ଦ ପାଳନ ସମୟରେ ଡାବୁଗାଁ ବ୍ଲକ୍ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଜୋନ ୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ଜୋନ ୨ ସଭାପତି ବଂଶୀଧର ମାଝୀ, ବୋରୀଗାଁ ସରପଞ୍ଚ ଶୁକ୍ରୁ ଭତ୍ରା, ଚଇତୁ କଲାର, ଶଶୀଧର ମାଝୀ ପ୍ରମୁଖ ଉପସ୍ଥିତ ରହି ରାସ୍ତା ରୋକ କରିଥିଲେ ।

# ୧୪ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା: ଶ୍ରମ ବିଭାଗର ଦାୟିତ୍ୱହୀନତା ପଦାରେ !

କେନ୍ଦୁଝର, ୧ ।୭(ନିପ୍ର):କେନ୍ଦୁଝର ଜିଲ୍ଲା ବାଂଶପାଳ, ତେଲକୋଇ, ହରିଚନ୍ଦନପୁର ଅଂଚଳର ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ଯୁବକ/ଯୁବତୀମାନେ ଦାଦନ ଖଟିବାକୁ ତାମିଲନାଡୁ ଯାଇ କେନ୍ଦୁଝର ଜିଲ୍ଲାର ଏ ଯାବତ ୧୪ଜଣ ଶ୍ରମିକ ମୃତ୍ୟୁବରଣ କରିବା ଘଟଣାରେ ଦେଶରେ ଚର୍ଚ୍ଚାର ବିଷୟ ହୋଇଛି । ଏଭଳି ଅଘଟଣ ଶ୍ରମ ବିଭାଗର ଦାୟିତ୍ୱହୀନତା ଯୋଗୁଁ ହୋଇଥିଲେ ହେଁ ଅଦ୍ୟାବଧି ବିଭାଗର ଦାୟିତ୍ୱରେ ଅବହେଳା କରିଥିବା ଅଧିକାରମାନଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନ ହେବା ପ୍ରମୁଖ ଆଲୋଚ୍ୟର ବିଷୟ ହୋଇଛି । ଏହି ଅଂଚଳରୁ ଶତାଧିକ ଆଦିବାସୀ ଯୁବକ/ଯୁବତୀ କାମଧନ୍ଦା ନ ପାଇ ପ୍ରତ୍ୟେକ ବର୍ଷ ବାହାର ରାଜ୍ୟକୁ କାମ କରିବାକୁ ଯାଉଛନ୍ତି । ତେବେ ଏହା ଉପରେ ଶ୍ରମ ବିଭାଗର ନଜର ରହୁନଥିବାରୁ ବହୁ ଶ୍ରମିକ ସେଠାରେ ନିଖୋଜ,ନିର୍ଯାତିତ,ମୃତାହତ ହେଉଛନ୍ତି । ଏଭଳି ଘଟଣା ବାରମ୍ବାର ଘଟୁଥିଲେ ହେଁ ଶ୍ରମ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏଭଳି ଘଟଣା ବଢିଚାଲିଛି । ଆଦିମ ଜୁଆଙ୍ଗ ଜନଜାତି ଏହି ଅଂଚଳରୁ ବହୁ ସଂଖ୍ୟାରେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିଲେ ହେଁ ଶ୍ରମ ବିଭାଗ ନିକଟରେ ସଠିକ୍ ସୂଚନା ରହୁନାହିଁ । ସରଳ,ନୀରିହ,ଅଶିକ୍ଷିତ ଆଦିବାସୀମାନଙ୍କୁ ବିଭିନ୍ନ ସମୟରେ ଦଲାଲମାନେ ଶ୍ରମ ବିଭାଗ କୋହଳ ମନୋଭାବ ର ସୁଯୋଗ ନେଇ ସେମାନଙ୍କୁ ପ୍ରଲୋଭିତ କରି ରାଜ୍ୟ ବାହାରକୁ କାମ କରିବାକୁ ପଠାଇଥାନ୍ତି । ଏଣୁ ସରଳ ଆଦିବାସୀଙ୍କୁ ସଚେତନ କରିବା ପାଇଁ ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକରେ ସହକାରୀ ଶ୍ରମ ଅଧିକାରୀ ଦାୟିତ୍ୱରେ ଅଛନ୍ତି । ସେମାନେ



ପଂଚାୟତସ୍ତରକୁ ଯାଇ ଶ୍ରମ ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ବାହାର ରାଜ୍ୟକୁ ଯିବା ପୂର୍ବରୁ କେଉଁ କେଉଁ ବିଷୟରେ ଅବଗତ ହେବା ଦରକାର ସେହି ବିଷୟରେ ବୁଝାଇଥାନ୍ତି । ସେହିପରି ବାହାର ରାଜ୍ୟକୁ ଦାଦନ ଚାଲାଣ ପଠାଇବା ପାଇଁ ଶ୍ରମ ବିଭାଗ ଥିବା ଆନ୍ତଃ ରାଜ୍ୟ ଶ୍ରମିକ ଚାଲାଣ ଆଇନ ସମ୍ପର୍କରେ ବୁଝାଇଥାନ୍ତି । ଅନ୍ୟପକ୍ଷରେ ବାହାର ରାଜ୍ୟକୁ ଶ୍ରମିକ ଚାଲାଣ କରିବା ପାଇଁ ଆଇନ ଅନୁଯାୟୀ ଦଲାଲମାନଙ୍କୁ ଶ୍ରମ ବିଭାଗ ଠାରୁ ଲାଇସେନ୍ସ ନେବାକୁ ପଡିଥାଏ । ଅନେକ କ୍ଷେତ୍ରରେ ବିନା ଲାଇସେନ୍ସରେ ଶ୍ରମିକ ଚାଲାଣ ହେଉଛି। ଶ୍ରମ ବିଭାଗର ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନରେ ନିୟମିତ ଯାଉନଥିବାରୁ ଏବଂ ଲୋକ ସମ୍ପର୍କ ରଖୁନଥିବାରୁ ଜାଣି ପାରନ୍ତି ନାହିଁ । କୌଣସି ଅଘଟଣ ଘଟିବା ପରେ ସେମାନେ ସୂଚନା ପାଆନ୍ତି ଏବଂ ସେମାନଙ୍କୁ ଉଦ୍ଧାର ପାଇଁ ପଦକ୍ଷେପ ନିଅନ୍ତି । ଏପରିକି ବହୁ ସଂଖ୍ୟାରେ ନାବାଳିକା/ନାବାଳକ ବାହାରକୁ ଚାଲାଣ ହେଉଥିଲେ ହେଁ ଶ୍ରମ ବିଭାଗ ଏହାର ଟେର ପାଉନାହିଁ । ପଂଚାୟତ ସ୍ତରରେ ପଞ୍ଜିକରଣ ହେଉନାହିଁ । ଫଳରେ କିଏ କେଉଁ ସ୍ଥାନକୁ କାମ କରିବାକୁ ଗଲେ ତାହା ସୂଚନା ରହୁନାହିଁ । ଅନେକ ସମୟରେ ଖବର ପାଇଲେ ଘଟଣାକୁ ଚାପି ଦେଇ ଦଲାଲଙ୍କୁ ପରୋକ୍ଷରେ ସହାୟତା କରନ୍ତି ବୋଲି ଅଭିଯୋଗ ହୋଇ ଆସୁଛି । ଅନ୍ୟପକ୍ଷରେ ସହକାରୀ ଶ୍ରମ ଅଧିକାରୀମାନେ ବ୍ଲକ ମୁଖ୍ୟାଳୟରେ ନ ରହି ଜିଲ୍ଲା ମୁଖ୍ୟାଳୟ ବା ଅନ୍ୟ ଜାଗାରେ ରହୁଛନ୍ତି । ନିୟମିତ ଗସ୍ତ ନ କରି କାଗଜପତ୍ରରେ କାମ ଚଲାଉଛନ୍ତି । ଫଳରେ ଗ୍ରାମାଞ୍ଚଳରେ ପ୍ରକୃତ ସୂଚନା ଜାଣି ପାରୁନାହାଁନ୍ତି । ସେହିପରି ସ୍ଥାନୀୟ ଲୋକମାନେ ସର୍ବନିମ୍ନ ମଜୁରୀ ପାଇବାରୁ ବଂଚିତ ହେଉଛନ୍ତି । ବାଂଶପାଳ ବ୍ଲକରେ ଦାଦନଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକ ଚିନ୍ତାବ୍ୟକ୍ତ କରୁଥିବାରୁ ଏଠାରେ କାର୍ଯ୍ୟରତ ସହକାରୀ ଶ୍ରମ ଅଧିକାରୀଙ୍କୁ ହଠାତ୍ ଜିଲ୍ଲା ମୁଖ୍ୟାଳୟକୁ ବଦଳି ଆଦେଶ ସମସ୍ତଙ୍କୁ ଚକିତ କରିଛି । ତୁରନ୍ତ ତାଙ୍କ ବଦଳି ଆଦେଶ ବାତିଲ କରିବାକୁ ଦାବୀ କରିଛନ୍ତି। ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଡାକ୍ତର ଫକିର ମୋହନ ନାୟକ କହିଛନ୍ତି ଦାଦନ ଶ୍ରମିକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି। ସହକାରୀ ଶ୍ରମ ଅଧିକାରୀମାନେ ବ୍ଲକ ମୁଖ୍ୟାଳୟରେ ରହି କାମ କରିବାକୁ କୁହାଯାଇଛି ।

# ୭,୧୪୫.୧୪ କୋଟି ଟଙ୍କାର ରାଜପଥ ନିର୍ମାଣକୁ କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ,୧।୭(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଇଏ) ଆଜି ଜାତୀୟ ରାଜପଥ (ଓ) କାର୍ଯ୍ୟକ୍ରମ ଅଧୀନରେ ଭୋପାଳ-କାନପୁର ଅର୍ଥନୈତିକ କରିଡରର ଏକ ପ୍ରମୁଖ ଅଂଶ ରୂପେ, ୧୧୭.୭ କିଲୋମିଟର ଦୀର୍ଘ କାନପୁର-କବରାଇ ଆକ୍ସେସ-କଣ୍ଟ୍ରୋଲ୍ଡ ଗ୍ରୀନଫିଲ୍ଡ ହାଇୱେର ନିର୍ମାଣକୁ ମଞ୍ଜୁରୀ ଦେଇଛନ୍ତି। ଏହା ଏକ ଚାରି-ଲେନ୍ ବିଶିଷ୍ଟ ନିୟନ୍ତ୍ରିତ ପ୍ରବେଶ (ଆକ୍ସେସ-କଣ୍ଟ୍ରୋଲ୍ଡ) କରିଡର ହେବ, ଯାହାକୁ ଭବିଷ୍ୟତରେ ଛଅ-ଲେନ୍ କରିବା ପାଇଁ ଡିଜାଇନ୍ କରାଯାଇଛି। ୭,୧୪୫.୧୪ କୋଟି ଟଙ୍କାର ଆନୁମାନିକ ମୋଟ ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପକୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ବିଓଟି ଟୋଲ୍ ମୋଡ୍ରେ କାର୍ଯ୍ୟକାରୀ କରାଯିବ, ଏହା ସହିତ ଏନଏଚ-୩୪ ର ବିଦ୍ୟମାନ କାନପୁର-କବରାଇ ସେକ୍ସନର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ରହିବ।ଏହି ପ୍ରକଳ୍ପ କାନପୁର ଏବଂ କବରାଇ ମଧ୍ୟରେ ସହଜ ଓ ଉଚ୍ଚ-ଗତିସମ୍ପନ୍ନ ସଂଯୋଗୀକରଣ ପ୍ରଦାନ କରିବ। ଏଥିସହ ସାଗର, ଭୋପାଳ ଏବଂ ମଧ୍ୟପ୍ରଦେଶର ଅନ୍ୟାନ୍ୟ ଅଞ୍ଚଳକୁ ପରବର୍ତ୍ତୀ ଯାତାୟାତ ସଂଯୋଗକୁ ସୁଦୃଢ଼ କରିବ। ଏହାଦ୍ୱାରା ଉତ୍ତର ପ୍ରଦେଶର ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ମଧ୍ୟପ୍ରଦେଶର ଖଣିଜ ସମୃଦ୍ଧ, ଉତ୍ପାଦନ ତଥା କୃଷି ପ୍ରଧାନ ଅଞ୍ଚଳଗୁଡ଼ିକ ସହିତ ଯୋଡୁଥିବା ଏକ ଆଧୁନିକ ଆକ୍ସେସ କଣ୍ଟ୍ରୋଲ୍ଡ ଅର୍ଥନୈତିକ କରିଡର ସୃଷ୍ଟି ହେବ ଏବଂ ଏଥିରେ ଉନ୍ନତି ଆସିବ। ଘଣ୍ଟାପ୍ରତି ୮୦ ରୁ ୧୦୦ କିଲୋମିଟର ବେଗରେ



ଯାନବାହାନ ଚଳାଚଳ ପାଇଁ ଡିଜାଇନ୍ କରାଯାଇଥିବା ଏହି କରିଡର, କାନପୁର ଏବଂ କବରାଇ ମଧ୍ୟରେ ଯାତ୍ରା ସମୟକୁ ୩.୫ ଘଣ୍ଟାରୁ ୧.୫ ଘଣ୍ଟାକୁ (୫୮%) ହ୍ରାସ କରିବ। ଏହା ସହିତ ସଡ଼କ ସୁରକ୍ଷାରେ ସୁଧାର ଆଣିବ, ଗାଡ଼ି ଚଳାଚଳ ଖର୍ଚ୍ଚ ହ୍ରାସ କରିବ ଏବଂ ଯାତ୍ରୀ ଓ ମାଲ୍ ପରିବହନର ଦକ୍ଷ ଚଳାଚଳକୁ ସହଜ କରିବ। ଏହି ପ୍ରକଳ୍ପ ଏନଏଚ୍-୩୪, ଏନଏଚ୍-୩୫, ବୁନ୍ଦେଲଖଣ୍ଡ ଏକ୍ସପ୍ରେସୱେ, କାନପୁର ରିଙ୍ଗ ରୋଡ୍ ଏବଂ ରାଜ୍ୟ ରାଜପଥ ୪୬, ୯୧, ୧୦ଖ ଓ ୪୨ ସହିତ ରଣନୀତିକ ସଂଯୋଗ ପ୍ରଦାନ କରିବ, ଯାହାଦ୍ୱାରା ଆଞ୍ଚଳିକ ରାଜପଥ ନେଟୱର୍କ ସହିତ ଏହାର ସମନ୍ୱୟ ସୁଦୃଢ଼ ହେବ। ଏହି କରିଡର କବରାଇ ଖଣି ଅଞ୍ଚଳକୁ ସଂଯୋଗୀକରଣକୁ ଅଧିକ ମଜଭୁତ କରିବ, ଯାହା ଖଣିଜ ପଦାର୍ଥ, ଶିଳ୍ପ ସାମଗ୍ରୀ, ନିର୍ମାଣ ସାମଗ୍ରୀ ଏବଂ କୃଷି ଜାତ ଦ୍ରବ୍ୟର ପରିବହନକୁ ସହଜ କରିବ। ଏହାଦ୍ୱାରା ଲଜିଷ୍ଟିକ୍ସ ଦକ୍ଷତା, ଯୋଗାଣ ଶୃଙ୍ଖଳାର ସୁଦୃଢ଼ତା ଏବଂ ଆଞ୍ଚଳିକ ଅର୍ଥନୈତିକ ବିକାଶ ବୃଦ୍ଧି ପାଇବ। ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଅନୁସାରେ ପରିକଳ୍ପିତ ଏହି ପ୍ରକଳ୍ପ ଉନ୍ନାଓ, ବାନ୍ଥାର, ପାନଖି, ରାନିଆ, ଜୈନପୁର, ରୁମା, ଚକେରୀ, ସୁମେରପୁର ଏବଂ ଭୂରାଗଡ଼ ଶିଳ୍ପ କ୍ଷେତ୍ର ସମେତ ୧୬ ଟି ଅର୍ଥନୈତିକ କେନ୍ଦ୍ର ସହିତ ସଂଯୋଗୀକରଣକୁ ଉନ୍ନତ କରିବ, ଏବଂ ଏହା ଟ୍ରାନ୍ସ-ଗଙ୍ଗା ଇଣ୍ଟିଗ୍ରେଟେଡ୍ ଟାଉନସିପ୍, ଗ୍ରୋଥ୍ ସେଣ୍ଟର ଜୟପୁର, କାନପୁର ନଗର ନୋଡ୍ ଏବଂ ବେଙ୍ଗଲ୍ କେମିକାଲ୍ସ ଆଣ୍ଡ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍ ସହିତ ସଂଯୋଗୀକରଣକୁ ମଧ୍ୟ ସୁଦୃଢ଼ କରିବ।

## ମହାରାଷ୍ଟ୍ର ବିଧାନ ପରିଷଦ ଉପାଧ୍ୟକ୍ଷ ନିର୍ବାଚିତ ହେଲେ ସଚିନ ଅହିର୍



ମୁମ୍ବାଇ,୧।୭: ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା ଛାଡି ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଯୋଗ ଦେଇଥିବା ଶିବସେନା (ୟୁବିଟି) ବିଧାନ ପରିଷଦ ସଦସ୍ୟ ସଚିନ ଅହିର ବୁଧବାର ମହାରାଷ୍ଟ୍ର ବିଧାନ ପରିଷଦର ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ମହାବିକାଶ ଅଘାଡ଼ି (ଏମଭିଏ) ପ୍ରାର୍ଥୀ ଜେଏମ୍ ଅଭୟଙ୍କର ତାଙ୍କ ନାମାଙ୍କନ ପ୍ରତ୍ୟାହାର କରିବା ପରେ ଅହିର୍ ସର୍ବସମ୍ମତିକ୍ରମେ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତେବେ ଏମଭିଏ ପ୍ରାର୍ଥୀ କାହିଁକି ନାମାଙ୍କନ ପ୍ରତ୍ୟାହାର କଲେ ତାହା ଜଣାପଡ଼ିନାହିଁ। ଉଦ୍ଧବ ଠାକରେ ନେତୃତ୍ୱାଧୀନ ଶିବସେନାର ୬ ଜଣ ସାଂସଦ ଦଳ ଛାଡ଼ି ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହେବା ପରେ ସଙ୍କଟ ଦେଇ ଗତି କରୁଛି। ଏପଟେ ଦଳର ଜଣେ ପ୍ରମୁଖ ନେତା ସଚିନ ଶିବସେନା (ୟୁବିଟି) ଛାଡ଼ି ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ମିଶିବା ଓ ବିଧାନ ପରିଷଦର ଉପାଧ୍ୟକ୍ଷ ନିର୍ବାଚିତ ହେବା ଉଦ୍ଧବଙ୍କ ପାଇଁ ଡବଲ ଝଟ୍‌କା ହୋଇଛି। ସଚିନ ଅହିର ୱର୍ଲିର ପୂର୍ବତନ ବିଧାୟକ ଓ ଆଦିତ୍ୟ ଠାକରେଙ୍କ ଜଣେ ଘନିଷ୍ଠ ଭାବେ ବିବେଚନା କରାଯାଉଥିଲେ। ତେଣୁ ତାଙ୍କର ଦଳ ଛାଡିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କଂଗ୍ରେସରେ ପ୍ରଥମ ଥର ପାଇଁ କାର୍ଯ୍ୟ କରିବା ପରେ ଅହିର ତା'ପରେ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନସିପି)କୁ ଚାଲି ଯାଇଥିଲେ ଓ ପରେ ଅବିଭକ୍ତ ଶିବସେନାରେ ଯୋଗଦେଇଥିଲେ।

## ରାଜନାଥଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଣିଲା କଂଗ୍ରେସ

ନୂଆଦିଲ୍ଲୀ,୧।୭ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବିରୋଧରେ ଆଜି କଂଗ୍ରେସ ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଣିଛି। ୨୦୨୫ରେ ଅପରେସନ୍ ସିନ୍ଦୂର ସମୟରେ କୌଣସି ବି ଜଣେ ଭାରତୀୟ ସୈନିକ ସହିଦ ହୋଇନାହାନ୍ତି କହି ରାଜନାଥ ଲୋକସଭାକୁ ବିଭ୍ରାନ୍ତ କରିଥିଲେ ବୋଲି କଂଗ୍ରେସ ଅଭିଯୋଗ କରିଛି ଏବଂ ସାଂସଦ କେସି ବେଣୁଗୋପାଳ ରାଜନାଥଙ୍କ ବିରୋଧରେ ଏଥିପାଇଁ ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଣିଛନ୍ତି। ଉଲ୍ଲେଖଯୋଗ୍ୟ ଗତ ସପ୍ତାହରେ କେନ୍ଦ୍ର ସରକାର ଅପରେସନ୍ ସିନ୍ଦୂର ସମୟରେ ୬ ଭାରତୀୟ ଯବାନ ସହିଦ ହୋଇଥିବା ସ୍ପଷ୍ଟ କରିବା ପରେ ଏହାକୁ ବିରୋଧୀମାନେ ପ୍ରସଙ୍ଗ କରିଛନ୍ତି। ଲୋକସଭାରେ ମନ୍ତ୍ରୀ ଭୁଲ୍ ସୂଚନା ଦେଇ ଗୃହକୁ ବିଭ୍ରାନ୍ତ କରିଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବେଣୁଗୋପାଳ ବାଚସ୍ପତିଙ୍କ ନିକଟରେ ଏନେଇ ଦାଖଲ କରିଥିବା ଏକ ଆବେଦନରେ ଲୋକସଭାରକାର୍ଯ୍ୟକ୍ରମକୁ ମଧ୍ୟ ଟ୍ୟାଗ୍ କରିଛନ୍ତି। ବେଣୁଗୋପାଳ କହିଛନ୍ତି, ମନ୍ତ୍ରୀଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନେଇ ବିଚାରଣ ଆରମ୍ଭ ହେବା ଉଚିତ। ବିର୍ଲାଙ୍କୁ ଏକ ଚିଠିରେ ବେଣୁଗୋପାଳ କହିଛନ୍ତି, ୨୦୨୫ ଜୁଲାଇ ୨୮ ତାରିଖରେ ସଂସଦରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର ସଂକ୍ରାନ୍ତରେ ଆଲୋଚନା ସମୟରେ ରାଜନାଥ କହିଥିଲେ ଯେ କୌଣସି ଜଣେ ହେଲେ ଭାରତୀୟ ସୈନିକଙ୍କର କିଛି କ୍ଷତି ହୋଇନାହିଁ। କିନ୍ତୁ ସରକାର ଏବେ ଏହାର ଠିକ୍ ବିପରୀତ କଥା ହୋଇଛନ୍ତି। ଅପରେସନ୍ ସିନ୍ଦୂର ସମୟରେ ୬ ଭାରତୀୟ ସୈନିକ ସହିଦ ହୋଇଯାଇଛନ୍ତି ବୋଲି ସରକାର ସ୍ପଷ୍ଟ କରିଛନ୍ତି।

## ଖେମିନିଙ୍କ ଶେଷକୃତ୍ୟ ପାଇଁ ନିତିନ ନବୀନ, ଖଡ଼ଗେ ନିମନ୍ତ୍ରିତ

ନୂଆଦିଲ୍ଲୀ,୧।୭:ଇରାନ ଏହାର ସ୍ୱର୍ଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ଶେଷକୃତ୍ୟରେ ଯୋଗ ଦେବାପାଇଁ ବିଜେପି ସଭାପତି ନିତିନ ନବୀନ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ନିମନ୍ତ୍ରଣ କରିଛି। ଫେବ୍ରୁଆରି ୨୮ ତାରିଖରେ ଆମେରିକା-ଇସ୍ରାଏଲ ଆକ୍ରମଣରେ ମୃତ୍ୟୁ ହୋଇଥିବା ଖେମିନିଙ୍କର ଶେଷ ସଂସ୍କାର ଆସନ୍ତା ସପ୍ତାହରେ କରାଯିବ। ଏଥିପାଇଁ ଇରାନ ନିତୀନ ନବୀନ ଏବଂ ଖଡ଼ଗେଙ୍କୁ ନିମନ୍ତ୍ରଣ କରିଛି। ଇରାନ ମଧ୍ୟ ଅନ୍ୟ କଂଗ୍ରେସ ନେତା ସଲମାନ ଖୁର୍ସିଦ ଏବଂ ପୱନ ଖେଡ଼ାଙ୍କୁ ଖେମିନିଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମ ପାଇଁ ଡାକିଛି। ସେହିପରି ବିଦେଶ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଏବଂ ବିହାର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ସୟଦ ଅତା ହାସନେନ୍ ଭାରତକୁ ଖେମିନିଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରିବେ ବୋଲି ଆଶା କରାଯାଉଛି।

## ୪ ଭାରତୀୟ କମ୍ପାନୀ ଉପରୁ ଆମେରିକା ହଟାଇଲା ପ୍ରତିବନ୍ଧକ

ଆମେରିକା,୧।୭: ଆମେରିକା ସରକାର ନିଜର ସାନକ୍ସନ ତାଲିକାରୁ ୪ଟି ଭାରତୀୟ କମ୍ପାନୀକୁ ବାଦ୍ ଦେଇଛନ୍ତି। ପ୍ରାୟ ଦୁଇ ବର୍ଷ ପୂର୍ବେ ରୁଷର ସାମରିକ-ଶିଳ୍ପ ନେଟୱାର୍କକୁ ସହାୟତା କରୁଥିବା ଅଭିଯୋଗରେ ଆମେରିକା ଏହି କମ୍ପାନୀଗୁଡ଼ିକ ଉପରେ କଟକଣା ଲଗାଇଥିଲା। ଆମେରିକାର ଟ୍ରେଜେରୀ ବିଭାଗ ଅଧୀନରେ ଥିବା 'Office of Foreign Assets Control' (OFAC) ଦ୍ୱାରା ଜାରି ସଦ୍ୟତମ ତାଲିକାରୁ ନିମ୍ନଲିଖିତ କମ୍ପାନୀଙ୍କୁ SD (Specially Designated Nationals) ତାଲିକାରୁ ବାହାର କରାଯାଇଛି। ଏହି ୪ କମ୍ପାନି ଗୁଡିକ ହେଲେ ଆରଆରଜି ଇଞ୍ଜିନିୟରିଂ ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍ (ହାଇଦ୍ରାବାଦ)। ଲୋକେଶ ମେସିନ୍ସ ଲିମିଟେଡ୍ (ହାଇଦ୍ରାବାଦ)। ଗାଲାକ୍ସି ବେରିଙ୍ଗ୍ସ ଲିମିଟେଡ୍ (ଅହମ୍ମଦାବାଦ)। ଶୌର୍ଯ୍ୟ ଏରୋନଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ଦିଲ୍ଲୀ)। ୨୦୨୪ରେ ଆମେରିକା ୨୧ଟି ଭାରତୀୟ ସଂସ୍ଥା (୧୯ କମ୍ପାନୀ ଓ ୨ ବ୍ୟକ୍ତି) ଉପରେ କଟକଣା ଲଗାଇଥିଲା। ରୁଷ-ୟୁକ୍ରେନ ଯୁଦ୍ଧ ପରେ ରୁଷକୁ ଆର୍ଥିକ, ବୈଷୟିକ ଏବଂ ସାମଗ୍ରୀକ ସହାୟତା ଦେଉଥିବା ଅଭିଯୋଗରେ 'Executive Order ୧୪୦୨୪' ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେହି ସମୟରେ ଭାରତ ସରକାର ଏହି ବିଷୟରେ ଆମେରିକା ସହ ଆଲୋଚନା କରିଥିଲେ। ଭାରତ ସ୍ପଷ୍ଟ କରିଥିଲା ଯେ, ଏହାର ଏକ ଦୃଢ଼ ନିୟାମକ ବ୍ୟବସ୍ଥା ରହିଛି ଏବଂ କୌଣସି କମ୍ପାନୀ ଆନ୍ତର୍ଜାତୀୟ ନିୟମ ଉଲ୍ଲଂଘନ କରୁନାହିଁ।

## ଗୋହତ୍ୟା ନିଷେଧ ପ୍ରସଙ୍ଗ

## ମାଡ୍ରାସ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ତାମିଲନାଡୁ ସରକାର



ନୂଆଦିଲ୍ଲୀ,୧।୭: ତାମିଲନାଡୁରେ ଗୋହତ୍ୟା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲଗାଇଥିବା ମାଡ୍ରାସ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ଦାଖଲ ହୋଇଥିବା ସ୍ପେସାଲ୍ ଲିଭ୍ ପିଟିସନ୍ (ଏସ୍ଏଲ୍ପି)ରେ କୁହାଯାଇଛି ଯେ, ହାଇକୋର୍ଟଙ୍କ ନିର୍ଦ୍ଦେଶ ରାଜ୍ୟର ପ୍ରଚଳିତ ଆଇନ ସହ ସଙ୍ଗତିପୂର୍ଣ୍ଣ ନୁହେଁ ଏବଂ ଏହା ଆଦାଲତର କ୍ଷମତା ପରିସରକୁ ଅତିକ୍ରମ କରିଛି। ଗତ ମେ ୨୭ ତାରିଖରେ ମାଡ୍ରାସ ହାଇକୋର୍ଟର ବିଚାରପତି ଜିଆର୍ ସ୍ୱାମୀନାଥନ ଓ ବିଚାରପତି ଭି ଲକ୍ଷ୍ମୀନାରାୟଣନଙ୍କ ଖଣ୍ଡପୀଠ ଏହି ରାୟ ଦେଇଥିଲେ। ବକ୍ରିଦ୍ ପୂର୍ବରୁ ହିନ୍ଦୁ ମକ୍କଲ କାଚ୍ଚିର ସାଧାରଣ ସମ୍ପାଦକ କେ ସୂର୍ଯ୍ୟ ପ୍ରଶାନ୍ତ ଦାଖଲ କରିଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ସେ କେବଳ ଅନୁମୋଦିତ କଂସେଇଖାନାରେ ପଶୁ ବଧ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ମାଗିଥିଲେ। କିନ୍ତୁ ହାଇକୋର୍ଟ ଏହାଠାରୁ ଆଗକୁ ବଢ଼ି ସମଗ୍ର ରାଜ୍ୟରେ ବକ୍ରିଦ୍ ଦିନ ସହ ଅନ୍ୟ ଯେକୌଣସି ଦିନ ମଧ୍ୟ ଗାଈ ଓ ବାଛୁରି ବଧ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲଗାଇଥିଲେ। ରାଜ୍ୟ ସରକାରଙ୍କ ଦାବି ହେଉଛି, ତାମିଲନାଡୁ ପଶୁ ସଂରକ୍ଷଣ ଆଇନ, ୧୯୫୮ ଅନୁସାରେ ୧୦ ବର୍ଷରୁ ଅଧିକ ବୟସର ଏବଂ କାମ କିମ୍ବା ପ୍ରଜନନ ପାଇଁ ଅଯୋଗ୍ୟ ବୋଲି କର୍ତ୍ତୃପକ୍ଷଙ୍କ ପ୍ରମାଣପତ୍ର ପାଇଥିବା ଗାଈଙ୍କୁ ନିର୍ଦ୍ଦିଷ୍ଟ ସର୍ତ୍ତରେ ବଧ କରିବାର ଅନୁମତି ରହିଛି। ଏହାଛଡ଼ା ପଶୁ ନିର୍ଯାତନା ନିବାରଣ ଆଇନ ୧୯୬୦, କଂସେଇଖାନା ନିୟମ ୨୦୦୧, ତାମିଲନାଡୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଆଇନ ୧୯୯୮ ଏବଂ ୨୦୨୩ର ନିୟମାବଳୀରେ ପଶୁ ବଧ ପାଇଁ ବିଭିନ୍ନ ସର୍ତ୍ତ ରହିଛି। କିନ୍ତୁ କୌଣସି ଆଇନରେ ସମ୍ପୂର୍ଣ୍ଣ ନିଷେଧର ବ୍ୟବସ୍ଥା ନାହିଁ। ତେଣୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସରକାରଙ୍କ ପ୍ରଣୀତ ଆଇନକୁ ପରିବର୍ତ୍ତନ କରିବା ସଦୃଶ ବୋଲି ସରକାର କହିଛନ୍ତି। ଆବେଦନରେ ଆହୁରି କୁହାଯାଇଛି ଯେ, ହାଇକୋର୍ଟ ୧୯୭୬ ମସିହାର ଏକ ସରକାରୀ ଆଦେଶକୁ ଆଧାର କରି ରାୟ ଦେଇଥିଲେ, ଯଦିଓ ସେହି ଆଦେଶର ଏବେ କୌଣସି ବୈଧତା କିମ୍ବା ପ୍ରାସଙ୍ଗିକତା ନାହିଁ।

## ମୋଦି-ଶରିଫଙ୍କୁ ୧୧୭ ନାଗରିକଙ୍କ ପତ୍ର

## ସ୍ୱାଭାବିକ କରନ୍ତୁ ଭାରତ-ପାକ୍ ଦ୍ୱୀପାକ୍ଷୀୟ ସମ୍ପର୍କ

ନୂଆଦିଲ୍ଲୀ,୧।୭: ଅପରେସନ ସିନ୍ଦୂରର ପାଖାପାଖି ବର୍ଷକ ପରେ ଭାରତ ଓ ପାକିସ୍ତାନର ୧୦୦ରୁ ଅଧିକ ରାଜନୈତିକ ଓ ସାର୍ବଜନିକ ବ୍ୟକ୍ତିତ୍ୱ ମିଳିତ ରୂପେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ପାକ୍ ସମକକ୍ଷ ଶହବାଜ ସରିଫଙ୍କୁ ଏକ ପତ୍ର ଲେଖିଛନ୍ତି। ଏଥିରେ ସେମାନେ ଦୁଇ ଦେଶଙ୍କ ମଧ୍ୟରେ ଶାନ୍ତି, ବାର୍ତ୍ତା ଓ ସ୍ୱାଭାବିକ ଦ୍ୱିପାକ୍ଷୀୟ ସମ୍ପର୍କ ପୁଣି ସ୍ଥାପିତ କରିବା ଦିଗରେ ମଜଭୁତ ଓ ନିରନ୍ତର ପଦକ୍ଷେପ ନେବାକୁ ଅପିଲ କରିଛନ୍ତି। ସେଣ୍ଟର ଫର ପିସ୍ ଆଣ୍ଡ ପ୍ରୋଗ୍ରେସ୍ ଦ୍ୱାରା ଭାରତର ୬୧ ଜଣ ଓ ପାକିସ୍ତାନର ୫୬ ଜଣ ମୋଟ ୧୧୭ ଜଣଙ୍କ ସ୍ୱାକ୍ଷରିତ ନିବେଦନରେ ଉଭୟ ସରକାରଙ୍କୁ ଦୀର୍ଘ ସମୟରୁ ଚାଲିଥିବା ଶତ୍ରୁତାକୁ ସମାପ୍ତ କରିବାକୁ ଆଗ୍ରହ କରାଯାଇଛି। ଏଥିରେ କୁହାଯାଇଛି ଯେ ସରକାରଙ୍କ ଏଭଳି ମନବୃତ୍ତି ଯୁବପିଢ଼ୀଙ୍କୁ ଅବସର, ସମୃଦ୍ଧି ଓ ଏକ ସୁରକ୍ଷିତ ଭବିଷ୍ୟରୁ ବଞ୍ଚିତ କରୁଛି। ଏଥିରେ ଭାରତୀୟ ସ୍ୱାକ୍ଷରକାରୀଙ୍କ ମଧ୍ୟରେ ନ୍ୟାସନାଲ କନଫରେନ୍ସ ନେତା ଫାରୁକ ଅବଦୁଲ୍ଲା, ବିଚ୍ଛିନ୍ନତାବାଦୀ ନେତା ମୀରୱାଇଜ ଉମର ଫାରୁକ, ପିଡିପି ମୁଖ୍ୟ ମେହବୁବା ମୁଫ୍‌ତି, ଆରଜେଡି ସାଂସଦ ମନୋଜ ଝା ଓ ପୂର୍ବତନ ଟିଏମସି ମନ୍ତ୍ରୀ ତଥା ବର୍ତ୍ତମାନର ଏଜେୟୁପି ନେତା ହୁମାୟୁନ କବୀର ଆଦି ଅଛନ୍ତି। ସେହିପରି ପାକିସ୍ତାନୀ ସ୍ୱାକ୍ଷରକାରୀଙ୍କ ମଧ୍ୟରେ ପୂର୍ବତନ ବିଦେଶ ମନ୍ତ୍ରୀ ଖୁର୍ସିଦ ମହମଦ କସୁରୀ, ପୂର୍ବତନ କୂଟନୀତିଜ୍ଞ ଅସରଫ ଜାହାଙ୍ଗୀର କାଜି, ନ୍ୟାସନାଲ ଆସେମ୍ବ୍ଲି ସଦସ୍ୟ ଇସଫନ୍ୟାର ଭଣ୍ଡାରା ଓ ପରମାଣୁ ଭୌତିକ ବୈଜ୍ଞାନିକ ତଥା ଲେଖକ ପରଭେଜ ହୁଡଭୋୟୋ ଆଦି ଅଛନ୍ତି।

## ମହୁଆ ମୋଇତ୍ରାଙ୍କ ଉପରକୁ ଅଣ୍ଡା ଓ ବାଇଗଣ ମାଡ



କୋଲକାତା,୧।୭: ବୁଧବାର ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୋଇତ୍ରା ଅଣ୍ଡା ଓ ବାଇଗଣ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ଏହି ଆକ୍ରମଣର ସେ ଫେସବୁକ୍ ଲାଇଭ କରି ଅଭିଯୋଗ କରିଛନ୍ତି ଯେ କୃଷ୍ଣ ନଗରର ଏକ ଭୋଜନାଳୟରେ ତାଙ୍କ ଉପରକୁ କିପରି ବିଜେପି ଗୁଣ୍ଡା ଆକ୍ରମଣ କରୁଛନ୍ତି । ତେବେ ସବୁଠୁ ମଜାଦାର କଥା ହେଉଛି ଏହି ଘଟଣା ସେହି ଦିନ ଘଟିଛି ଯେଉଁଦିନ କୋଲକାତା ଉଚ୍ଚନ୍ୟାୟାଳୟ ଟିଏମସି ନେତାଙ୍କ ଉପରକୁ ଅଣ୍ଡାମାଡ଼ ଘଟଣାକୁ ନେଇ ବିଜେପି ନେତୃତ୍ୱାଧୀନ ବେଙ୍ଗଲ ସରକାରଙ୍କୁ ତାଗିଦ କରିଛନ୍ତି। କୋର୍ଟ କହିଛନ୍ତି ଯେ ନେତାଙ୍କ ଉପରକୁ ଏପରି ଆକ୍ରମଣ ଏବେ ରାଜ୍ୟରେ ସାମାଜିକ ବିଦ୍ରୂପରେ ପରିଣତ ହୋଇଛି। ବୁଧବାର ପ୍ରଦର୍ଶନକାରୀଙ୍କ ଏକ ସମୂହ କୃଷ୍ଣନଗରର ସେହି ଭୋଜନାଳୟ ଆଗରେ ଠୁଳ ହୋଇଥିଲେ ଯେଉଁଠି ମହୁଆ ମୋଇତ୍ରା ଟିଏମସି ନେତାଙ୍କ ବୈଠକ କରୁଥିଲେ। ଭିଡିଓରେ ଠୁଳ ହୋଇଥିବା ଲୋକଙ୍କୁ ମୋଇତ୍ରାଙ୍କୁ ଲକ୍ଷ୍ୟ କରି ବିଲ୍ଡିଂ ଉପରକୁ ଅଣ୍ଡା ଓ ପରିବା ମାଡ଼ କରୁଥିବାର ଦେଖା ଯାଇଛି। ଉପର ମହଲାରୁ ମୋଇତ୍ରା ଲାଇଭ ପ୍ରସାରଣ କରି କହିଛନ୍ତି ଯେ ଏବେ ରାଜ୍ୟରେ ଆଇନ ବ୍ୟବସ୍ଥା ପରିସ୍ଥିତି ଏପରି। ଏମାନଙ୍କ ମଧ୍ୟରେ କେହି ବି ସାଧାରଣ ଜନତା ନାହାନ୍ତି। ଏମାନେ ସମସ୍ତେ ବିଜେପି ଗୁଣ୍ଡା।ଭିଡିଓରେ ଏହା ବି ଦେଖା ଯାଉଛି ଯେ ପ୍ରଦର୍ଶନକାରୀ ଅଣ୍ଡା ଓ ପରିବା ଫିଙ୍ଗୁଥିବା ବେଳେ ମୋଇତ୍ରା ପର୍ଦ୍ଦାର ସାହାରା ନେଇ ନିଜକୁ ବଞ୍ଚାଉଛନ୍ତି। ମୋଇତ୍ରା କହିଛନ୍ତି ଯେ ପୋଲିସ ଓ ସିଆରପିଏଫ ଘଟଣାର ୧୫ ମିନିଟ୍ ପରେ ପହଞ୍ଚିଥିଲେ। ଏ ବାବଦେ ସେ ଡିଜିପି ଓ ଅନ୍ୟମାନଙ୍କୁ ଫୋନ କରି ଜଣାଇଥିଲେ, ହେଲେ ସେମାନେ ତାମସା ଦେଖୁଥିଲେ। ଏଣୁ ମୁଁ ଚାହୁଁଛି ସାରା ଭାରତ ଘଟଣାକୁ ଦେଖୁ। କାରଣ ପୋଲିସ ଓ ସିଆରପି ପହଞ୍ଚିଥିଲେ ବି ଭିଡକୁ ଘଉଡେଇବା ବଦଳେ ଛିଡା ହୋଇଛନ୍ତି। ଭିଡିଓରେ ଅଣ୍ଡା ଓ ପରିବା ଫିଙ୍ଗୁଥିବା ଲୋକଙ୍କ ମୁହଁ ସ୍ପଷ୍ଟ ଦେଖା ଯାଉଛି।

## ତାମିଲନାଡୁରେ ବିଜୟଙ୍କ ସରକାର ଭାଙ୍ଗିବା ପାଇଁ ଚକ୍ରାନ୍ତ

## ବିଧାୟକଙ୍କୁ ୩୫ କୋଟିର ଅଫର, ୩ ଗିରଫ



ଚେନ୍ନାଇ,୧।୭: ତାମିଲନାଡୁରେ ନୂଆ ସରକାର ଗଠନ ହେଉ ହେଉ ପତନ ପାଇଁ ଷଡ଼ଯନ୍ତ୍ର ଆରମ୍ଭ ହୋଇଛି । ରାଜ୍ୟ ଗୁଇନ୍ଦା ବିଭାଗ ଏକ ବଡ଼ ରାଜନୈତିକ ଚକ୍ରାନ୍ତର ପର୍ଦ୍ଦାଫାଶ କରିଛି ।ଅଭିନେତାରୁ ନେତା ହୋଇଥିବା ଟିଭିକେ ମୁଖ୍ୟ ଥଲପତି ବିଜୟଙ୍କ ନୂଆ ସରକାରକୁ ଭାଙ୍ଗିବା ପାଇଁ ଏକ ଷଡ଼ଯନ୍ତ୍ର କରାଯାଇଥିବା ଦାବି ହେଉଛି । ଗୁଇନ୍ଦା ବିଭାଗ ଅନୁସାରେ, ଟିଭିକେର ୧୫ ଜଣ ବିଧାୟକ ଏକାସଙ୍ଗେ ଇସ୍ତଫା ପାଇଁ ଯୋଜନା କରାଯାଇଥିଲା ।ଉଥଙ୍ଗରଇରୁ ଟିଭିକେ ବିଧାୟକ ଏନ୍.ଇଲୈୟାରାଜା ଚେନ୍ନାଇ ପୋଲିସରେ ଅଭିଯୋଗ କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା । ବିଧାୟକଙ୍କ ଅଭିଯୋଗ ଅନୁସାରେ, ଆଇପିଡିଏସ୍ ନାମକ ଏକ କଂସଲଟେନ୍ସି ଫାର୍ମର ଜଣେ ବ୍ୟକ୍ତି ତାଙ୍କୁ ବିଧାନସଭା ବାଚସ୍ପତି ଜେ.ସି.ଡି. ପ୍ରଭାକରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ୩୫ କୋଟି ଟଙ୍କାର ଲାଞ୍ଚ ଯାଚିଥିଲେ । ଏହା ସହିତ ମୁହଁ ବନ୍ଦ ରଖିବାକୁ ତାଙ୍କୁ ଧମକ ମଧ୍ୟ ଦିଆଯାଇଥିଲା । ଏହି ଖବର ଆସିବା ପରେ ତାମିଲନାଡୁ ରାଜନୀତିରେ କମ୍ପନ ସୃଷ୍ଟି ହୋଇଛି ।ଏହି ହାଇ-ପ୍ରୋଫାଇଲ୍ ମାମଲାରେ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କୁ ଗିରଫ କରାଯାଇଛି । ଆଶ୍ଚର୍ଯ୍ୟଜନକ କଥା ହେଉଛି, ଗିରଫ ହୋଇଥିବା ବ୍ୟକ୍ତିମାନଙ୍କର ସମ୍ପର୍କ ଡିଏମକେ ସରକାରର ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସେନ୍ଥିଲ ବାଲାଜୀ ଏବଂ ତାଙ୍କ ଭାଇ ଅଶୋକଙ୍କ ସହ ଥିବା ଦାବି କରାଯାଉଛି । ଟିଭିକେ ବିଧାୟକଙ୍କ ଅଭିଯୋଗ ଆଧାରରେ ଚେନ୍ନାଇରୁ ଜଣେ ଏବଂ କରୁରରୁ ଅନ୍ୟ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ତଦନ୍ତରୁ ଜଣାପଡ଼ିଛି ଯେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ସେନ୍ଥିଲ ବାଲାଜୀ ଓ ତାଙ୍କ ଭାଇଙ୍କର ଅତି ନିକଟତର ।ଟିଭିକେ ସରକାରର ମନ୍ତ୍ରୀ ସି.ଟି. ନିର୍ମଳ କୁମାର ଡିଏମକେ ଉପରେ ସିଧାସଳଖ ଆକ୍ରମଣ କରିଛନ୍ତି ।

## ଆମେରିକା-ଇରାନ ଚୁକ୍ତିକୁ ମାନିବନି ଇସ୍ରାଏଲ ଆବଶ୍ୟକ ହେଲେ ଇରାନ ଉପରେ ପୁଣି ଆକ୍ରମଣ

ତେଲ୍ ଅଭିଭ୍,୧।୭: ଆମେରିକା-ଇରାନ ମଧ୍ୟରେ ଆଞ୍ଚଳିକ ଉତ୍ତେଜନା ହ୍ରାସ ପାଇଁ କୂଟନୈତିକ ସ୍ତରରେ ଆଲୋଚନା ଜାରି ରହିଥିବା ବେଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏକ ବଡ଼ ବୟାନ ଦେଇଛନ୍ତି। ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିବା ପାଇଁ ଇସ୍ରାଏଲ ଆବଶ୍ୟକ ପଡ଼ିଲେ ପୁଣି ଥରେ ସାମରିକ ଆକ୍ରମଣ କରିବାକୁ ପ୍ରସ୍ତୁତ ବୋଲି ସେ ଚେତାବନୀ ଦେଇଛନ୍ତି। ଏକ ସାକ୍ଷାତକାରରେ ନେତାନ୍ୟାହୁ କହିଛନ୍ତି ଯେ ଇସ୍ରାଏଲ ପୂର୍ବରୁ ନିଜକୁ ପରମାଣୁ ବୋମା ଆକ୍ରମଣରୁ ରକ୍ଷା କରିଛି ଏବଂ ସୁରକ୍ଷା ପ୍ରତି ବିପଦ ଦେଖାଦେଲେ ତୃତୀୟ ଥର ପାଇଁ ଆକ୍ରମଣ କରିବାକୁ ପଛାଇବ ନାହିଁ। ଆମେରିକା ଓ ଇରାନ ମଧ୍ୟରେ କତର ମଧ୍ୟସ୍ଥତାରେ ଏକ ଚୁକ୍ତିନାମା ସ୍ୱାଭାବିକ ହେବାକୁ ଯାଉଥିବା ସମୟରେ ଇସ୍ରାଏଲର ଏହି ଆଭିମୁଖ୍ୟ ପରିସ୍ଥିତିକୁ ଜଟିଳ କରିଦେଇଛି। ପ୍ରସ୍ତାବିତ ଆମେରିକା-ଇରାନ ଚୁକ୍ତି ଅନୁଯାୟୀ, ଉଭୟ ପକ୍ଷ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା, ହର୍ମୁଜ ପ୍ରଣାଳୀକୁ ପୁନଃ କାର୍ଯ୍ୟକ୍ଷମ କରିବା ଏବଂ କଟକଣା କୋହଳ କରିବା ସହ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ନିୟନ୍ତ୍ରଣ ରଖିବାକୁ ସହମତ ହୋଇଛନ୍ତି।

## ଭିବି-ଜି ରାମ୍ ଜି ଅଧିନିୟମ

# ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମଜୁରି ହାର ବୃଦ୍ଧି

ନୂଆଦିଲ୍ଲୀ,୧।୭(ପିଆଇବି): ଭାରତ ସରକାର 'ବିକଶିତ ଭାରତ – ନିଯୁକ୍ତି ଏବଂ ଜୀବିକା ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) : 'ଭିବି-ଜି ରାମ ଜି' ଅଧିନିୟମ, ୨୦୨୫ ଅଧୀନରେ ସଂଶୋଧିତ ମଜୁରୀ ହାର ଘୋଷଣା କରିଛନ୍ତି। ଏହି ହାରଗୁଡ଼ିକ ୧ ଜୁଲାଇ, ୨୦୨୬ରେ କାର୍ଯ୍ୟକାରୀ ହେବ, ଯେଉଁ ତାରିଖରେ ଏହି ଆଇନର ଦେଶବ୍ୟାପୀ ଶୁଭାରମ୍ଭ ହୋଇଥିଲା। ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଦିଗରେ ଏହି ସଂଶୋଧିତ ବିଜ୍ଞପ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାର ଲକ୍ଷ୍ୟ ହେଉଛି ଅଧିକ ମଜୁରୀ ସୁନିଶ୍ଚିତ କରିବା, ଆଞ୍ଚଳିକ ବୈଷମ୍ୟ ହ୍ରାସ କରିବା ଏବଂ ଶ୍ରମର ମର୍ଯ୍ୟାଦା ବୃଦ୍ଧି କରିବା। ଏହି ବିଜ୍ଞପ୍ତିର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ୩୦୦ ଟଙ୍କାର ଏକ ମଧ୍ୟବର୍ତ୍ତୀକାଳୀନ ମୂଳ ମଜୁରୀ ହାର ଲାଗୁ କରିବା, ଯାହାକି ଏହି କାର୍ଯ୍ୟକ୍ରମ ଅଧିନରେ ସର୍ବନିମ୍ନ ମଜୁରୀ ୩୦୦ ଟଙ୍କା ସୁନିଶ୍ଚିତ କରିବ। ଏ ସଂପର୍କରେ ମାନ୍ୟବର କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, "ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଆମ ସରକାର ପ୍ରତ୍ୟେକ ଗରିବ ପରିବାର ପାଖରେ ବିକାଶର ଲାଭ ପହଞ୍ଚାଇବା ପାଇଁ ପ୍ରତିବଦ୍ଧ। ଭିବି-ଜି ରାମ ଜି ଅଧିନିୟମର ଆରମ୍ଭ ସମୃଦ୍ଧ ଗ୍ରାମ ମାଧ୍ୟମରେ ଏକ ବିକାଶ ଭାରତ ଗଠନ ଦିଗରେ ଏକ ଐତିହାସିକ ପଦକ୍ଷେପ ଅଟେ। ନିଯୁକ୍ତି ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବିସ୍ତାର କରିବା ସହିତ, ଆମେ ଗ୍ରାମୀଣ ଶ୍ରମିକଙ୍କ ପାଇଁ ଉତ୍ତମ ମଜୁରୀ ସୁନିଶ୍ଚିତ କରିଛୁ। ଯେଉଁ



ରାଜ୍ୟଗୁଡ଼ିକରେ ମଜୁରୀ ପାରମ୍ପାରିକ ଭାବରେ କମ୍ ଥିଲା ସେଠାରେ ସର୍ବାଧିକ ବୃଦ୍ଧି ପ୍ରଦାନ କରାଯାଇଛି, ଯାହା ଦ୍ୱାରା ଯେଉଁମାନଙ୍କୁ ସର୍ବାଧିକ ସହାୟତାର ଆବଶ୍ୟକତା ଅଛି ସେମାନେ ସର୍ବାଧିକ ଲାଭ ପାଇବେ। ଏହି ଐତିହାସିକ ମଜୁରୀ ସଂଶୋଧନ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବ, କ୍ରୟ ଶକ୍ତି ବୃଦ୍ଧି କରିବ ଏବଂ ଗ୍ରାମୀଣ ଭାରତରେ ଅନ୍ତର୍ଭୁକ୍ତ ବିକାଶକୁ ତ୍ୱରାନ୍ୱିତ କରିବ।'ଦେଶବ୍ୟାପୀ ଐତିହାସିକ ମଜୁରୀ ବୃଦ୍ଧି ଏହି ସଂଶୋଧିତ ମଜୁରୀ ଅଧିସୂଚନାରେ ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ମଜୁରୀ କ୍ଷେତ୍ରଗୁଡ଼ିକରେ ମଜୁରୀ ହାର ବୃଦ୍ଧି କରାଯାଇଛି। ଏହାକୁ ଜାତୀୟ ଗ୍ରାମୀଣ ରୋଜଗାର କାର୍ଯ୍ୟକ୍ରମ ଅଧୀନରେ ଅନ୍ୟତମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମଜୁରୀ ସଂଶୋଧନ ବୋଲି କୁହାଯାଉଛି।

## ପାଉଁଶ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଉପବାଚସ୍ପତିଙ୍କ ଚିଠି

ଭୁବନେଶ୍ୱର(ନିପ୍ର): ପାଉଁଶ ମାପିଆଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନେବାକୁ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଚିଠି ଲେଖିଛନ୍ତି। ଚିଠିରେ ଉପ ବାଚସ୍ପତି ଲେଖିଛନ୍ତି ବେଆଇନ ପାଉଁଶ ପରିବହନ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ଏ ବାବଦରେ ତୁରନ୍ତ ହସ୍ତକ୍ଷେପ କରିବା ସହ ସ୍ପେଶାଲ ଟାସ୍କଫୋର୍ସ ଗଠନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଟାସ୍କଫୋର୍ସ ୨୪ ଘଂଟା ୩ ପାଳିରେ କାର୍ଯ୍ୟ କରି ନିୟମିତ ପାଟ୍ରୋଲିଂ କରୁ। ବିନା ଅନୁମତିରେ ପାଉଁଶ ପରିବହନ କରୁଥିବା ଗାଡ଼ିକୁ ଅଟକାଇବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟାସ୍କଫୋର୍ସ ପ୍ରତି ସପ୍ତାହରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦାଖଲ କରିବେ। ଜିଲ୍ଲା ସ୍ତରରେ ଏକ ମନିଟରିଂ ବ୍ୟବସ୍ଥା ଗଠନ କରିବାକୁ ଚିଠିରେ ପ୍ରସ୍ତାବ ଦେଇଇଛନ୍ତି ଉପବାଚସ୍ପତି ଭବାନୀ ଶଙ୍କର ଭୋଇ।

# ଦିଅର ଆକ୍ରମଣରେ ଭାଉଜ ମୃତ: ପୁତୁରା ଗୁରୁତର



ବେଲଗୁଣ୍ଠା(ନିପ୍ର): ଘରୋଇ ଅଶାନ୍ତିରୁ ଚାଲି ଯାଇଛି ମହିଳାଙ୍କ ଜୀବନ। ଏହିଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବେଲଗୁଣ୍ଠା ବ୍ଲକ୍ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମରେ। ଦୁଇ ପରିବାର ମଧ୍ୟରେ ହଣାକଟା ଘଟି ଜଣେ ମହିଳା ମୃତ୍ୟୁ ବରଣ କରିଥିବା ବେଳେ ତାଙ୍କ ପୁଅ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତ୍ୟୁ ବରଣ କରିଥିବା ମହିଳା ଜଣଙ୍କ ହେଲେ ପାଲକଷଣ୍ଡା ଗ୍ରାମର ଭାସି ପ୍ରଧାନ (୪୫)। ସେ ଗ୍ରାମରେ ଛେଳି ଚରାଇ ନିଜ ପରିବାରର ଜୀବିକା ନିର୍ବାହ କରୁଥିଲେ। ମିଳିଥିବା ଖବର ପ୍ରକାରେ କିଛି ଦିନ ହେବ ଭାସୀଙ୍କ ପରିବାର ଏବଂ ତାଙ୍କ ଦିଅର ମୁରଲୀ ପ୍ରଧାନଙ୍କ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। ଗ୍ରାମର କିଛି ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଗତ କାଲି ଅର୍ଥାତ୍ ମଙ୍ଗଳବାର ଦିନ ଭାସି ପ୍ରଧାନ ଏବଂ ମୁରଲୀ ପ୍ରଧାନଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ବୁଧବାର ଅପରାହ୍ନ ଚାରି ଘଣ୍ଟା ସମୟରେ ଭାସି ପ୍ରଧାନ ପାଲକଷଣ୍ଡା ଗ୍ରାମର ମନ୍ଦିର ନିକଟରେ ଥିବା ଜମିରେ ଛେଳି ଚରାଉ ଥିବା ବେଳେ ଛେଳି ପଲ ମୁରଲୀଙ୍କ ରାଶି କ୍ଷେତରେ ପଶିଯାଇଥିଲେ। ଏହାକୁ କେନ୍ଦ୍ର କରି ମୁରଲୀଙ୍କ ପରିବାର ଏବଂ ଭାସି ମଧ୍ୟରେ ପୁଣି ବଚସା ହେବା ସହିତ ଏହା ହଣାକଟାର ସୂତ୍ରପାତ ହୋଇଥିଲା। ଉଭୟ ପରିବାର ମଧ୍ୟରେ ହୋଇଥିଲା ହଣାକଟା। ଭାସିଙ୍କ ଟାଙ୍ଗିଆ ଚୋଟରେ ମୁରଲୀ ପ୍ରଧାନଙ୍କ ପରିବାର ଲୋକେ ସାମାନ୍ୟ ଆହତ ହୋଇଥିବା ବେଳେ ମୁରଲୀ ପ୍ରଧାନ, ତାଙ୍କ ସ୍ତ୍ରୀ ବିନି ଏବଂ ପୁଅର ମିଳିତ ଆକ୍ରମଣରେ ଭାସି ମୃତ୍ୟୁ ବରଣ କରିବା ସହ ତାଙ୍କ ପୁଅ ନାରାୟଣ (୨୨) ଗୁରୁତର ଆହତ ହୋଇଥିଲେ। କିନ୍ତୁ ଭାସି ମୃତ୍ୟୁ ବରଣ କରିଥିବା ମୁରଲୀ ପ୍ରଧାନଙ୍କ ପରିବାର ଲୁଚାଇ ସେମାନେ ଗାଙ୍ଗପୁର ଥାନାକୁ ଭାସିଙ୍କ ନାମରେ ଅଭିଯୋଗ କରିବାକୁ ଆସିଥିଲେ। କିନ୍ତୁ କୌଣସି ସୂତ୍ରରୁ ମୁରଲୀଙ୍କ ପରିବାର ଲୋକଙ୍କ ଆକ୍ରମଣରେ ଭାସି ମୃତ୍ୟୁ ବରଣ କରିଥିବା ଖବର ପୋଲିସ ଖବର ପାଇଯାଇଥିବାରୁ ପୋଲିସ୍ ବର୍ତ୍ତମାନ ମୁରଲୀ, ତାଙ୍କ ସ୍ତ୍ରୀ ଏବଂ ପୁଅକୁ ଥାନାରେ ଅଟକ ରଖିଥିବା ଜଣା ପଡ଼ିଛି। ଅନ୍ୟପଟେ ଭାସିଙ୍କ ମୃତ ଦେହ ଘଟଣା ସ୍ଥଳରେ ପଡ଼ି ରହିଥିବା ବେଳେ ଗୁରୁତର ନାରାୟଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡ଼ିକାଲକୁ ପଠାଇଥିବା ଜଣା ପଡ଼ିଛି। ଘଟଣା ସ୍ଥଳକୁ ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନଙ୍କ ସମେତ ଗାଙ୍ଗପୁର ପୋଲିସ ବାହିନୀ ଉପସ୍ଥିତ ରହି ଘଟଣାର ତଦନ୍ତ କରୁଛନ୍ତି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୃଦ୍ଧଙ୍କୁ ହତ୍ୟା ଅଭିଯୋଗ




ନୟାଗଡ଼(ନିପ୍ର): ନୟାଗଡ଼ ବ୍ଲକ ଇଟାମାଟି ଥାନା ଅନ୍ତର୍ଗତ ବିରୁଡା ଗ୍ରାମ ପଞ୍ଚାୟତର ପାଣ୍ଡେରିପାଟଣା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ପାଣ୍ଡେରିପାଟଣା ଗ୍ରାମର ପିତବାସ ଖଟୁଆ ଗ୍ରାମ ନିକଟସ୍ଥ ପୋଖରୀ ପାହାଚ ଉପରେ ବସିଥିବା ବେଳେ ବାଘରା ଗ୍ରାମର ବାନାମ୍ବର ପରିଡ଼ା ଓ ତାଙ୍କର ଦୁଇ ପୁଅ ମିଶି ତାଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେମାନେ ଏକ ପଥର ଦ୍ୱାରା ତାଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଥିବାରୁ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଇଟାମାଟି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ପିତବାସ ଖଟୁଆଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ମୃତଦେହର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କିଛି ଦିନ ପୂର୍ବରୁ ବିଲରେ ମଇଁଷି ଚରାଇବାକୁ ନେଇ ପିତବାସ ଖଟୁଆ ଓ ବାନାମ୍ବର ପରିଡ଼ାଙ୍କ ମଧ୍ୟରେ ବିବାଦ ହୋଇଥିଲା। ସେହି ଘଟଣାରେ ପିତବାସ ଖଟୁଆ ଇଟାମାଟି ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ପରେ ପୋଲିସ ଉଭୟ ପକ୍ଷକୁ ଡାକି ବୁଝାସୁଝା କରି ଛାଡ଼ି ଦେଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କ ମତରେ, ପୂର୍ବ ଅଭିଯୋଗର ସଠିକ୍ ତଦନ୍ତ କରି ଯଦି ଆଇନାନୁମୋଦିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା, ତେବେ ଏପରି ଦୁଃଖଦ ଘଟଣାକୁ ଏଡ଼ାଯାଇ ପାରିଥାନ୍ତା। ଘଟଣାର ତଦନ୍ତ ଜାରି ରହିଥିବାବେଳେ ପୋଲିସ ପକ୍ଷରୁ ଏନେଇ ଅଧିକ ତଥ୍ୟ ଅପେକ୍ଷା କରାଯାଇଛି ।

---

### ୩୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ

## ମନରେଗା ଟଙ୍କା ଆତ୍ମସାତ କରି ୨ ଯନ୍ତ୍ରୀ ଗିରଫ

କନ୍ଧମାଳ: କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକରେ ମହାଦୁର୍ନୀତିର ପର୍ଦାଫାସ୍। ବ୍ଲକର ଏଇ, ଜେଇ, ଏଡିଓ, ପିଇଓ ମିଳିମିଶି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିଲେ। କୋଟଗଡ଼ ବ୍ଲକ ଧରାକୋଟ ପଞ୍ଚାୟତରେ ମନରେଗାରେ ମିଥ୍ୟା ବିଲ କରି ୩୮ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ବ୍ଲକର ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାତ୍ର ଏବଂ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ଫୁଲବାଣୀ ଭିଜିଲାନ୍ସ ଟିମ୍ ଗିରଫ କରିଛି। ପୂର୍ବରୁ ଏହି ଦୁର୍ନୀତି ମାମଲାରେ ଧରାକୋଟ ପଂଚାୟତର ନିର୍ବାହୀ ଅଧିକାରୀ ସୁତନ୍ୟ ମହାକୁଡ଼ ଏବଂ କୋଟଗଡ଼ ବ୍ଲକର ସହକାରୀ ଉନ୍ନୟନ ଅଧିକାରୀ କଂଶିରାମ ଦିଗାଲଙ୍କୁ କନ୍ଧମାଳ ଜିଲ୍ଲାପାଳ ନିଲମ୍ବନ କରିଥିଲେ। ଦୁର୍ନୀତିର ଅଧିକ ତଦନ୍ତ ପାଇଁ ମାମଲାକୁ ଜିଲ୍ଲା ପରିଷଦ ପକ୍ଷରୁ ଭିଜିଲାନ୍ସକୁ ଦିଆଯାଇଥିଲା। ମାମଲାର ତଦନ୍ତ କରି ଫୁଲବାଣୀ ଭିଜିଲାନ୍ସ ଟିମ ଉଭୟ ଏଇ ଏବଂ ଜେଇଙ୍କୁ ଗିରଫ କରିଛି। ଏହି ସୂଚନା ଦେଇଛନ୍ତି ଫୁଲବାଣୀ ଭିଜିଲାନ୍ସ ଡିଏସପି ହେମନ୍ତ କୁମାର ମହାନ୍ତି।

### ୟୁକୋ ବ୍ୟାଙ୍କରେ ୩କୋଟି ୨୫ ଲକ୍ଷ ଠକେଇ

## ପୂର୍ବତନ ଶାଖା ପରିଚାଳକଙ୍କୁ ବାନ୍ଧିଲା ଇଓଡବ୍ଲ୍ୟୁ

କଟକ(ନିପ୍ର): ୟୁକୋ ବ୍ୟାଙ୍କରେ ଋଣ ଜାଲିଆତି କରି ୩ କୋଟି ୨୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଇଓଡବ୍ଲ୍ୟୁ ପୂର୍ବତନ ଶାଖା ପରିଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ୟୁକୋ ବ୍ୟାଙ୍କ, କଟକ ଓ୍ୱାଲ୍ଡ ସେକ୍ରେଟେରିଏଟ ଓ ସାଲେପୁର ଶାଖାର ପୂର୍ବତନ ମୁଖ୍ୟ ପରିଚାଳକ ତ୍ରିଶୂଳିଆର ଶିବ କୁମାର ଦାସ। ଇଓଡବ୍ଲ୍ୟୁ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଶିବ କୁମାର ଦାସ ଓ୍ୱାଲ୍ଡ ସେକ୍ରେଟାରୀଏଟ ଶାଖାର ମୁଖ୍ୟ ଭାବେ ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ଓ ପରେ ୨୦୨୪ରୁ ୨୦୨୫ ପର୍ଯ୍ୟନ୍ତ ସାଲେପୁର ଶାଖାର ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ଏହି ସମୟ ମଧ୍ୟରେ ସେ ଜାଲ ଦସ୍ତାବିଜ ପ୍ରସ୍ତୁତ କରି ୨୨ଟି କାର ଋଣ ଏବଂ ୨ଟି ବ୍ୟବସାୟ ଋଣ ବାବଦକୁ ମୋଟ ୩କୋଟି ୨୫ ଲକ୍ଷ ଟଙ୍କା ଋଣ ମଂଜୁର କରିଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ କଟକ ୟୁକୋ ବ୍ୟାଙ୍କ ଜୋନାଲ ମୁଖ୍ୟ ବର୍ଷା ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ଶ୍ରୀ ଦାସ କୋଟେସନ ଜାଲିଆତି କରି ନିଜ ନାମରେ ଖୋଲିଥିବା ଜମାଖାତାକୁ ସମସ୍ତ ଟଙ୍କା ପଠାଇ ଉଠାଇ ନେଇଥିବା ଜଣାପଡିଥିଲା । ଜାଲ ଚାକିରି ପ୍ରମାଣ ପତ୍ର, ଏପରିକି ପୂର୍ବରୁ କିଣାଯାଇଥିବା କାରକୁ ମଧ୍ୟ ନୂଆ ଦେଖାଇ ଋଣ ମଂଜୁର କରିଥିଲେ । ଅନ୍ୟମାନଙ୍କ ଅଗୋଚରରେ ସେମାନଙ୍କ ନାମରେ ଜମା ଖାତା ଖୋଲି ଚଳାଉଥିଲେ । ବୁଧବାର ତାଙ୍କୁ ଗିରଫ କରାଯାଇ ଓପିଆଇଡି କୋର୍ଟରେ ହାଜର କରାଯାଇଛି ।

---

## ଠକେଇ ମାମଲାରେ ଶିକାର ହୋଇଥିବା ଅଭିଯୋଗକାରୀଙ୍କୁ ସୁନା ଗହଣା ଫେରସ୍ତ କଲା ପୋଲିସ

ଜୟପୁର: ଠକେଇ ରେ ଶିକାର ହୋଇଥିବା ଅଭିଯୋଗକାରୀଙ୍କୁ ଆଜି ସୁନା ଗହଣା ଫେରସ୍ତ କରିଛି ପୋଲିସ । ଠକେଇରେ ଶିକାର ହୋଇଥିବା ୪ ଜଣଙ୍କୁ ଫେରସ୍ତ କରାଯାଇଛି । ଏନେଇ ଆଜି ଜୟପୁର ଏସଡ଼ିପିଓ ଅର୍ଚିତା ମିତଲ ସୂଚନା ଦେଇଛନ୍ତି । ଅଭିଯୋଗ ରେ ଶିକାର ହୋଇଥିବା ୯୦ ଫେରସ୍ତ ଦିଆଯାଇଛି । ମୁଖ୍ୟ ଅଭିଯୁକ୍ତକୁ ଗତ ମେ ୨୩ ତାରିଖରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବର୍ତମାନ ଅଭିଯୁକ୍ତ ଜଣକ ଜେଲରେ ଅଛି । ସୁନା ସବୁ ଯାଂଚ କରାଯାଇ ଫେରସ୍ତ କରାଯାଇଥିବା ବିଷୟ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି । ସୂଚନା ଅନୁଯାଇ ୨୦୨୬ ମସିହା ମେ ୧୧ ତାରିଖ ଦିନ, ଜୟପୁରର ନୂଆ ସାହିର ବାସିନ୍ଦାମାନେ ଅଭିଯୋଗ କରିଥିଲେ ଯେ ସେମାନଙ୍କ ଗଳିରେ ରହୁଥିବା ଲକ୍ଷ୍ମୀକାନ୍ତ ପଣ୍ଡା ନାମକ ଜଣେ ବ୍ୟକ୍ତି ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ନାମରେ ବ୍ୟାଙ୍କ ଖାତା ଖୋଲିବା, ରିହାତି ଦରରେ ଋଣ ଯୋଗାଇବା, ଶୀଘ୍ର ଋଣ ବଂଟନ କରିବା ଆଦି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଓ ଆଶ୍ୱାସନା ପାଇ ଲୋକମାନେ ତାଙ୍କୁ ନଗଦ ଟଙ୍କା ଓ ଅଳଙ୍କାର ଦେଇଥିଲେ। କିନ୍ତୁ ଦିନେ ସେମାନେ ଦେଖିଲେ ଯେ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ଫୋନ୍ ସ୍ୱିଚ୍ ଅଫ୍ ଅଛି ଏବଂ ସେ ଅଞ୍ଚଳରୁ ଫେରାର ହୋଇଯାଇଛନ୍ତି। ଏହି ମାମଲାକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଲା ଯେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କଟକ, ପୁରୀ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଭଳି ଜିଲ୍ଲାରେ ଅନେକ ଅଭିଯୋଗ ଦାଖଲ ହୋଇଛି। ସେ ଜଣେ ଫେରାର ଅଭିଯୁକ୍ତ ଥିଲେ ଏବଂ ବାଲେଶ୍ୱର ଜିଲ୍ଲାରେ ତାଙ୍କ ବିରୋଧରେ ଏନବିଡବ୍ଲୁ ପାଇଁ ମଧ୍ୟ ପ୍ରାର୍ଥନା କରାଯାଇଥିଲା। ବିଶ୍ୱସ୍ତ ଗୁଇନ୍ଦା ସୂଚନା ଏବଂ ସାଇବର ସେଲରୁ ତଥ୍ୟ ଆଧାରରେ ଟିମ୍ ଅଭିଯୁକ୍ତଙ୍କ ଜଣକ ରାଉରକେଲାରେ ଥିବା ଜାଣିବାକୁ ପାଇଥିଲା । ସୂଚନା ଆଧାରରେ ଏକ ଟିମ ଅଭିଯୁକ୍ତ କୁ ଗିରଫ ପାଇଁ ରାଉରକେଲା ଯାଇ ଗିରଫ କରିଥିଲା । ଅଭିଯୁକ୍ତ ଠାରୁ ପୋଲିସ ମୋଟ ୨୦ ଲକ୍ଷ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଜବତ କରାଯାଇଥିଲା, ଯେଉଁଥିରେ ୩.୯୨ ଲକ୍ଷ ଟଙ୍କା ନଗଦ, ୧୩ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର, ଗୋଟିଏ ହେରା ଗ୍ଲାମର ମୋଟରସାଇକେଲ, ଏବଂ ଅପରାଧରୁ ଅର୍ଜିତ ଟଙ୍କାରେ କିଣାଯାଇଥିବା ଅନ୍ୟାନ୍ୟ ସାମଗ୍ରୀ ଯେପରିକି ଏସି, ଫର୍ଣ୍ଣିଚର, କମ୍ପ୍ୟୁଟର ଆଦି ରହିଛି ଏହା ସହିତ ୧୭ ଟି ଥିବାଆଇଏମଇ ଆଇ ୯ ଟି ମୋବାଇଲ୍ ହ୍ୟାଣ୍ଡସେଟ୍ ଏବଂ ୭ ଟି ସିମ୍ କାର୍ଡ ମଧ୍ୟ ଜବତ କରାଯାଇଥିଲା। ପୋଲିସ ତାଙ୍କ ଘରୁ ୩୧ ଟି ଅତିରିକ୍ତ ସିମ୍ କାର୍ଡ ସହିତ ୩ ଟି ମେମୋରୀ କାର୍ଡ ମଧ୍ୟ ପାଇଥିଲା।

### ଜିଆରପି କନଷ୍ଟେବଲ ସୌମ୍ୟ ହତ୍ୟା ମାମଲା

## ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା କ୍ରାଇମ ବ୍ରାଞ୍ଚ

କଟକ(ନିପ୍ର): ଖୋଲିବ କି ବହୁ ଚର୍ଚ୍ଚିତ ବାଲିଅନ୍ତା ସୌମ୍ୟ ରଞ୍ଜନ ସ୍ୱାଇଁ ମୃତ୍ୟୁ ପଛର ଅସଲ ରହସ୍ୟ ? ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ କ୍ରାଇମବ୍ରାଞ୍ଚ ଟିମ୍ । ଦୁଇ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟ ଅନୁମତି ଦେଇଛନ୍ତି । ସ୍ୱାଏଲାବ ପତି, ବିସ୍ମୟ ମହାନ୍ତି, ପଞ୍ଚାନନ ବଡ଼ଜେନାଙ୍କୁ ରିମାଣ୍ଡରେ ନେବ କ୍ରାଇମବ୍ରାଞ୍ଚ । ବାଲିଅନ୍ତା ପୋଲିସ ଦ୍ୱାରା ଗିରଫ ହୋଇଥିଲେ ଏହି ୩ ଅଭିଯୁକ୍ତ। ତଦନ୍ତ ବେଳେ ୩ ଅଭିଯୁକ୍ତଙ୍କ ଭୂମିକା ନେଇ ଯାଞ୍ଚ କରିଥିଲା କ୍ରାଇମବ୍ରାଞ୍ଚ। ମାମଲାରେ ୩ ମୁଖ୍ୟ ଅଭିଯୁକ୍ତ ବୋଲି କ୍ରାଇମବ୍ରାଞ୍ଚ ପ୍ରମାଣ ପାଇଥିଲା । ଏମାନଙ୍କୁ ନେଇ ପଚରାଉଚରା ପରେ କ୍ରାଇମବ୍ରାଞ୍ଚ ହାତରେ ଅନେକ ତଥ୍ୟ ଲାଗିବ ବୋଲି ଅନୁମାନ କରାଯାଉଛି । ଝାରପଡା ଜେଲ୍‌ରୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ କ୍ରାଇମବ୍ରାଞ୍ଚ । ଉଲ୍ଲେଖଯୋଗ୍ୟ ଯେ, ସୌମ୍ୟ ହତ୍ୟା ମାମଲାରେ ଏବେସୁଦ୍ଧା ୨୦ ଅଭିଯୁକ୍ତ ଗିରଫ ହୋଇଛନ୍ତି । ଭିଡ଼ ହିଂସା ସହ ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ଅଭିଯୋଗ ଦିଗରେ ତଦନ୍ତ ଚାଲିଛି ।

---

## ଚନ୍ଦ୍ରଶେଖରପୁର ପ୍ରଗତି ବିହାରରେ ଅଗ୍ନିକାଣ୍ଡ

ଭୁବନେଶ୍ୱର(ନି.ପ୍ର): ରାଜଧାନୀ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ପ୍ରଗତି ବିହାରରେ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏକ ୩ ମହଲା ଘରରେ ଲାଗିଥିବା ନିଆଁ ଦେଖି ଆଖପାଖର ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଅଗ୍ନିଶ୍ରମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ରାତିରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ଧୂଆଁ ଓ ନିଆଁ ଆକାଶକୁ ଉଠୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଅଗ୍ନିଶମ କର୍ମୀ ନିଆଁ ଲିଭାଇଥିଲେ। ପ୍ରାରମ୍ଭିକ ସୂଚନା ଅନୁସାରେ, ବିଦ୍ୟୁତ୍ ସର୍କିଟ୍ ଲାଗି ନିଆଁ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଦୁର୍ଘଟଣାରେ କେହି କ୍ଷତାହତ ହୋଇ ନଥିବାବେଳେ ଅଗ୍ନିଶମ ଓ ସ୍ଥାନୀୟ ପୋଲିସ୍ ସହଯୋଗରେ ନିଆଁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିବା ସୂଚନା ମିଳିଛି।

---

## ମନ୍ଦିର ପୂଜକଙ୍କୁ ଆଜୀବନ କାରାଦଣ୍ଡ

### ମହିଳାଙ୍କୁ ଯୌନ ଶୋଷଣ ଓ ହତ୍ୟା କରିଥିଲେ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱର ଏସଡିଜେଏମ୍ କୋର୍ଟ ଏକ ମାମଲାରେ ଜଣେ ମନ୍ଦିର ପୂଜକଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ବିଜୁ ପଣ୍ଡା କଳାରାହଙ୍ଗ ଶିବ ମନ୍ଦିରର ପୂଜକ ଥିଲେ। ସେ ଜଣେ ମହିଳାଙ୍କୁ ଯୌନ ଶୋଷଣ କରିବା ସହ ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ଘଟଣା ୨୦୨୩ ମେ ୧୩ ତାରିଖର ଘଟିଥିବାବେଳେ ମହିଳା ଓ ତାଙ୍କ ସ୍ୱାମୀ ଦୀର୍ଘ ଦିନ ଧରି ସନ୍ତାନ ସୁଖ ପାଇଁ ବ୍ୟାକୁଳ ହୋଇ ମନ୍ଦିରକୁ ଯାଇଥିଲେ। ଆସାମୀ ବିଜୁ ସେମାନଙ୍କ ଦୁର୍ବଳତାର ସୁଯୋଗ ନେଇ ଯଦି ସେ ମନ୍ଦିରରେ ବସବାସ କରି ଧାର୍ମିକ ପ୍ରତିଜ୍ଞା କରନ୍ତି ତେବେ ସନ୍ତାନ ଲାଭ ହେବ ବୋଲି ମହିଳାଙ୍କୁ କହିଥିଲେ। ଦମ୍ପତି ଏହି କଥାରେ ରାଜି ହେବା ପରେ ମହିଳା ମନ୍ଦିରରେ ରହିବାକୁ ଲାଗିଲେ। ସେଠାରେ ରହିବା ସମୟରେ ମହିଳା ଗର୍ଭବତୀ ହୋଇଥିଲେ। ସେ ନିୟମିତ ଭାବେ ସ୍ୱାମୀ ଓ ପରିବାର ସହ ଯୋଗାଯୋଗରେ ରହୁଥିଲେ। କିନ୍ତୁ ପୂଜକ ଏହାକୁ ପସନ୍ଦ କରୁନଥିଲେ ଏବଂ ଫୋନ୍ କଥାବାର୍ତ୍ତା ପାଇଁ ଅସନ୍ତୋଷ ଜାହିର କରିଥିଲେ। ଗର୍ଭାବସ୍ଥାର ୯ ମାସରେ ମହିଳା ପରିବାର ପାଖକୁ ଯିବାକୁ ଚାହୁଁଥିଲେ। ପୂଜକ ଏହାକୁ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ବାକବଚସା ଆରମ୍ଭ ହୋଇଥିଲା। କ୍ରୋଧରେ ଉତ୍ତେଜିତ ହୋଇ ଆସାମୀ ମହିଳାଙ୍କ ଉପରେ କେରୋସିନ୍ ଢାଳି ନିଆଁ ଲଗାଇ ଦେଇଥିଲା। ଆଖପାଖରେ ଯାତ୍ରା ଦେଖୁଥିବା ଲୋକେ ଚିତ୍କାର ଶୁଣି ଦୌଡ଼ି ଆସିଥିଲେ। ମହିଳାଙ୍କୁ ଉଦ୍ଧାର କରି ହସ୍ପିଟାଲ୍ ନେଇଯାଇଥିଲା, କିନ୍ତୁ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ ମଞ୍ଚେଶ୍ୱର ଥାନା ପୋଲିସ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ, ଭୀମସାର ୨ ଅଧିକାରୀ ଗିରଫ

ଭୁବନେଶ୍ୱର: ଆୟଠାରୁ ଅଧିକ ସମ୍ପତ୍ତି ଠୁଳ ଅଭିଯୋଗରେ ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ୍ ରିସର୍ଚ୍ଚର ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ଭିଜିଲାନ୍ସ, ଗିରଫ କରିଛି। ସେମାନେ ହେଲେ ଏଷ୍ଟାବ୍ଲିସମେଣ୍ଟ ଅଫିସର ଧନୁର୍ଦ୍ଧର ବିଶ୍ୱାଳ ଏବଂ ଷ୍ଟିଓ୍ୱାର୍ଡ ସୁପରିଣ୍ଟେଣ୍ଡେଣ୍ଟ ଅଶ୍ୱିନୀ ମେହେର। ଭିଜିଲାନ୍ସ ବିଭାଗ ସମ୍ବଲପୁର ଓ ବରଗଡ଼ ଜିଲାର ଏକାଧିକ ସ୍ଥାନରେ ଚଢ଼ଉ କରିଥିଲା । ଏହି ଅଧିକାରୀଙ୍କ ଠାରୁ ବହୁମହଲା କୋଠା,




ମୂଲ୍ୟବାନ ପ୍ଲଟ, ସୁନା ଗହଣା ଏବଂ ନଗଦ ଟଙ୍କା ଠାବ କରିଛି ଭୀମସାର ଏଷ୍ଟାବ୍ଲିଶମେଣ୍ଟ ଅଫିସର ତଥା ଅଫିସ ସୁପରିଟେଣ୍ଡଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ନାମରେ ଆୟ ବର୍ହିଭୂତ ସମ୍ପତ୍ତି ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଟିମ୍ ତାଙ୍କ ଘରେ ଚଢାଉ କରିଥିଲା। ଭିଜିଲାନ୍ସକୁ ପୁଳା ପୁଳା ଟଙ୍କା ଓ ଲକ୍ଷାଧୀକ ଟଙ୍କାର ସୁନା ଅଳଙ୍କାର ଜବତ କରିଥିଲା। ସେହିପରି ଷ୍ଟେଓ୍ୱାର୍ଡ ଅଶ୍ୱିନୀ ମେହେରଙ୍କ ଘରେ ମଧ୍ୟ ଭିଜିଲାନ୍ସ ଚଢାଉ କରିଥିଲା। ଅଶ୍ୱିନିଙ୍କ ବୁର୍ଲା କାର୍ଯ୍ୟାଳୟ ଓ ବରଗଡ ଗୋବିନ୍ଦପାଲି ସ୍ଥିତ ଘର ସମେତ ୫ଟି ଠିକଣାରେ ଭିଜିଲାନ୍ସ ଚଢାଉ କରିଥିଲା।

## ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ରେକର୍ଡ ସଂଖ୍ୟକ ଜରିମାନା ଆଦାୟ



ଜଟଣୀ(ନିପ୍ର): ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ତ୍ରୈମାସିକ (ଅପ୍ରେଲ-୨୦୨୬ରୁ ଜୁନ୍-୨୦୨୬) ମଧ୍ୟରେ ଟିକେଟ ଯାଞ୍ଚ ପ୍ରକ୍ରିୟାରୁ ସର୍ବକାଳୀନ ରେକର୍ଡ ସଂଖ୍ୟକ ୧୫.୬୩ କୋଟି ଟଙ୍କା ରାଜସ୍ୱ ଆଦାୟ କରି ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ଅବଧିରେ ମଧ୍ୟରେ ବିନା ଟିକେଟ ଯାତ୍ରା, ଅନିୟମିତ ଯାତ୍ରା ଏବଂ ବିନା ବୁକିଂରେ ସାମଗ୍ରୀ ପରିବହନ କରୁଥିବା ପ୍ରାୟ ୨.୩୭ ଲକ୍ଷ ମାମଲା ଚିହ୍ନଟ କରାଯାଇ ଜରିମାନା କରାଯାଇଛି, ଯାହା ଗତ ବର୍ଷ ଏହି ସମୟ ମଧ୍ୟରେ ୧.୯ ଲକ୍ଷ ଥିଲା। ଏହି ସଫଳତା ବିନା ଟିକେଟ ଯାତ୍ରାକୁ ରୋକିବା ଏବଂ ରେଳବାଇର ରାଜସ୍ୱକୁ ସୁରକ୍ଷିତ ରଖିବା ଦିଗରେ ରେଳ ମଣ୍ଡଳର ନିରନ୍ତର ପ୍ରୟାସକୁ ଦର୍ଶାଉଛି। ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏସ୍. ଏହି ଉଲ୍ଲେଖନୀୟ ସଫଳତାର ସମ୍ପୂର୍ଣ୍ଣ ଶ୍ରେୟ ଟିକେଟ୍ ଯାଞ୍ଚ କର୍ମଚାରୀଙ୍କ ନିଷ୍ଠା, ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠାକୁ ଦେଇଛନ୍ତି। ପ୍ରମୁଖ ରେଳ ଷ୍ଟେସନ ଓ ଚଳନ୍ତା ଟ୍ରେନଗୁଡ଼ିକରେ ନିୟମିତ ଭାବେ ପରିଚାଳିତ ସଘନ ଫୋଟରେସ୍ ଚେକିଂ ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ, ଆକସ୍ମିକ ଯାଞ୍ଚ ଏବଂ ମଧ୍ୟବର୍ତ୍ତୀ ସେକ୍ସନରେ କରାଯାଇଥିବା ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ଏହି ସଫଳତାର ମୂଳ ଆଧାର ବୋଲି ସେ କହିଛନ୍ତି। ସମସ୍ତ ଯାତ୍ରୀଙ୍କୁ ସର୍ବଦା ବୈଧ ଟିକେଟ କିମ୍ବା ଉପଯୁକ୍ତ ପ୍ରମାଣପତ୍ର ସହିତ ଯାତ୍ରା କରିବାକୁ ଅନୁରୋଧ କରିଛନ୍ତି ଏବଂ ପ୍ରକୃତ ଯାତ୍ରୀମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବାରେ ରେଳବାଇକୁ ସହଯୋଗ କରିବାକୁ କହିଛନ୍ତି। ଏଥିସହିତ ଦୈନିକ ଯାତ୍ରୀମାନଙ୍କୁ ମେମୁ / ଲୋକାଲ୍ ଟ୍ରେନ୍‌ରେ ନିୟମିତ ଯାତ୍ରା ପାଇଁ ସିଜିନ ଟିକଟ ପରି ରିଆତି ସୁବିଧା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ପକ୍ଷରୁ ଟିକେଟ୍ ଯାଞ୍ଚ ଅଭିଯାନକୁ ଆହୁରି ଜୋରଦାର କରାଯାଇଛି।

### ନିଶା ମାଫିଆଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିବ ଓଡ଼ିଶା ପୋଲିସ

# ଖୋଲିବ ଏଏନଟିଏଫ: ୪ଟି ଜିଲ୍ଲାରେ ହେବ ସ୍ୱତନ୍ତ୍ର ଏନଡିପିଏସ କୋର୍ଟ

କଟକ(ନିପ୍ର): ଓଡ଼ିଶାକୁ ସମ୍ପୂର୍ଣ୍ଣ 'ନିଶାମୁକ୍ତ' କରିବା ପାଇଁ ରାଜ୍ୟ ପୋଲିସ ଏକ ବଡ଼ ରଣନୀତି ପ୍ରସ୍ତୁତ କରିଛି । ଏଥର କେବଳ ଛୋଟ ନିଶା ବେପାରୀ ନୁହେଁ, ବରଂ ନିଶା ସିଣ୍ଡିକେଟ୍ ?ର ଟପ୍ ଲେବଲ୍ ଅର୍ଗାନାଇଜର ଏବଂ ଅର୍ଥଦାତାମାନଙ୍କୁ ସିଧାସଳଖ ଟାର୍ଗେଟ୍ କରାଯିବ। 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ସମ୍ପର୍କରେ ଏଭଳି ସୂଚନା ଦେଇଛନ୍ତି ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ । ନିଶା କାରବାର ସମ୍ପର୍କିତ ମାମଲାର ତ୍ୱରିତ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର, ଖୋର୍ଦ୍ଧା, ଅନୁଗୁଳ ଓ ସମ୍ବଲପୁରରେ ୪ଟି ସ୍ୱତନ୍ତ୍ର ଏନଡିପିଏସ କୋର୍ଟ ସ୍ଥାପନ କରିବାକୁ ରାଜ୍ୟ ସରକାର ଅନୁମୋଦନ କରିଥିବା ଡିଜିପି ସୂଚନା ଦେଇଛନ୍ତି । ସେହିପରି, ଜଣେ ଏଡିଜିପି ପାହ୍ୟାର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆଣ୍ଟି ନାରକୋଟିକ୍ସ ଟାସ୍କ ଫୋର୍ସ ବା ଏଏନଟିଏଫ ଗଠନ କରାଯିବ ଓ ଏହା ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ଟି ୟୁନିଟ୍ ଏବଂ ୧୯ଟି ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ୟୁନିଟ୍ କାର୍ଯ୍ୟ କରିବ । ପ୍ରତିବର୍ଷ ଅତିକମରେ ୧୦୦ ଜଣ ପ୍ରମୁଖ ଡ୍ରଗ୍ ମାଫିଆଙ୍କ ବିରୋଧରେ ଏନଡିପିଏସ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରିଯିବା ବୋଲି ଡିଜିପି ସୂଚନା ଦେଇଛନ୍ତି । ଏହାବ୍ୟତୀତ ସମସ୍ତ ଡ୍ରଗ୍ ହଟସ୍ପଟ୍‌ଗୁଡ଼ିକୁ ଚିହ୍ନଟ କରାଯାଇ ନିଷ୍କ୍ରିୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୦୨୪ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ରାଜ୍ୟବ୍ୟାପୀ ଅଭିଯାନରେ ୬୩,୭୨୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ, ଯାହାର ଆନୁମାନିକ ମୂଲ୍ୟ ୧,୯୧୧ କୋଟି ଟଙ୍କା, ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି । ସେହି ସମୟ ମଧ୍ୟରେ ୨,୪୪୫ଟି ଏନଡିପିଏସ ମାମଲା ରୁଜୁ କରାଯାଇ ୨୧୦୬ କୋଟି ଟଙ୍କାର ୪୨୧ ଟନ୍ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩,୫୦୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ନିଶା କାରବାର, ଚୋରାଚାଲାଣ ଓ ମାଦକ ମାଫିଆଙ୍କ ବିରୋଧରେ ଏହି ଲଢ଼େଇ ଆଗାମୀ ଦିନରେ ଆହୁରି ତୀବ୍ର ହେବ। ଆଇନ ଉଲ୍ଲଂଘନକାରୀଙ୍କ ପ୍ରତି କୌଣସି ପ୍ରକାର କୋହଳ ମନୋଭାବ ପ୍ରଦର୍ଶନ କରାଯିବ ନାହିଁ ବୋଲି ଡିଜିପି ଶ୍ରୀ ଖୁରାନିଆ ସତର୍କ କରାଇ ଦେଇଛନ୍ତି ।

### ବନ ବିଭାଗର ବଡ଼ ଆକ୍ସନ୍

## ଧରାପଡିଲେ ପକ୍ଷୀ ଶିକାରୀ, ୨୯୭ ଜୀବନ୍ତ ପକ୍ଷୀ ଉଦ୍ଧାର



ବାଲେଶ୍ୱର: ବାଲେଶ୍ୱର କୀର୍ତ୍ତନିଆ ସମୁଦ୍ର ମଝିରେ ଉଦୟପୁର ବନ ବିଭାଗର ବଡ଼ ଚଢ଼ାଉ । ଧରା ପଡିଲେ ପକ୍ଷୀ ଶିକାରୀ । ୨୯୭ ଜୀବନ୍ତ ପକ୍ଷୀ ଉଦ୍ଧାର ହୋଇଥିବା ବେଳେ ୧୧୩ ପକ୍ଷୀ ମୃତ ଓ ଇଞ୍ଜିନ ଚାଳିତ ଡଙ୍ଗା ଜବତ, ଜଣେ ଅଭିଯୁକ୍ତ ଯୁବକ ଗିରଫ । ସୂଚନା ଅନୁଯାୟୀ, ବାଲିଆପାଳ ଅଞ୍ଚଳର କାଳିଚରଣ ମଣ୍ଡଳ ଓ ତାଙ୍କ ସହଯୋଗୀ ମାନେ ସବୁଦିନ ସୁବର୍ଣ୍ଣରେଖା ନଦୀ ପାର ହୋଇ ପକ୍ଷୀ ଧରିବାକୁ ଆସିଥାନ୍ତି । ଗତକାଲି ରାତିରେ ଖବର ପାଇବା ପରେ ବନବିଭାଗ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଛକି ରହିଥଲା । ଭୋର ୪ଟାରେ ପକ୍ଷୀ ଶିକାରୀକୁ ଧରିବାରେ ସଫଳ ହୋଇଥିଲା ।

# କଫିଟେବୁଲ ବୁକ୍ ଓ ଫିଜିଓଥେରାପି ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର, ୧/୭(ନିପ୍ର):** ବୁଧବାର ଓଡ଼ିଶା ବିଧାନ ସଭା ପକ୍ଷରୁ ପ୍ରସ୍ତୁତ ଦୁଇଟି ମୂଲ୍ୟବାନ ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ବାଚସ୍ପତି ସୁରମା ପାଢ଼ୀ ଓ ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଫିଟେବୁଲ ବୁକ 'ଉଦ୍ଦେଶ୍ୟ ସହିତ ଅଧ୍ୟକ୍ଷତା – ବାଚସ୍ପତି ସୁରମା ପାଢୀଙ୍କ ଦୁଇ ବର୍ଷର ବିଧାନସଭା ଯାତ୍ରା' ।ଏବଂ 'ବାଚସ୍ପତି ସୁରମା ପାଢୀଙ୍କ ଅଧୀନରେ ଦୁଇ ବର୍ଷର ପରିବର୍ତ୍ତନକାରୀ ନେତୃତ୍ୱ' ଉନ୍ମୋଚନ କରିବା ସହିତ ଗୋଟିଏ ନୂଆ ଫିଜିଓଥେରାପି ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ବାଚସ୍ପତି ସୁରମା ପାଢ଼ୀଙ୍କ ନେତୃତ୍ୱରେ ବିଗତ ଦୁଇ ବର୍ଷ ଭିତରେ ବିଧାନ ସଭାରେ ଅନେକ ଐତିହାସିକ ଘଟଣା ଘଟି ଯାଇଛି । ଅନେକ ପ୍ରଭାବଶାଳୀ ଆଇନ ପାରିତ ହେବା ସହ ବିଧାନସଭାର ସମସ୍ତ ପ୍ରକ୍ରିୟା ଡିଜିଟାଇଜ କରାଯାଇପାରିଛି । ତାଙ୍କର ଜ୍ଞାନ, ଅନୁଭବ ଓ ସଂସଦୀୟ ଗଣତନ୍ତ୍ରର ଗରିମା ପ୍ରତି ତାଙ୍କର ନିଷ୍ଠା ଆମ ଓଡ଼ିଶା ବିଧାନ ସଭାର ଦୁଇ ବର୍ଷର ଇତିହାସକୁ ଆହୁରି ଋଦ୍ଧିମନ୍ତ କରିଛି ବୋଲି ସେ କହିଥିଲେ । ଆଗାମୀ ଦିନରେ ତାଙ୍କ ନେତୃତ୍ୱରେ ଓଡ଼ିଶା ବିଧାନସଭା ଏକ ଆଦର୍ଶ ବିଧାନ ସଭା ଭାବରେ ସବୁ ରାଜ୍ୟର ବିଧାନ ସଭା ପାଇଁ ଅନୁକରଣୀୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁଣି କହିଥିଲେ ଯେ ଆଜି ଉନ୍ମୋଚିତ ହୋଇଥିବା ପୁସ୍ତକରେ ବିଧାନ ସଭାର ଦୁଇ ବର୍ଷର କାର୍ଯ୍ୟକଳାପକୁ ନିଖୁଣ ଭାବରେ ଫଟୋଚିତ୍ର ମାଧ୍ୟମରେ ପ୍ରକାଶ କରାଯାଇଛି ଏବଂ ଏହି ଦୁଇଟି ପୁସ୍ତକରେ ବିଧାନ ସଭାର ବିଭିନ୍ନ କାର୍ଯ୍ୟକ୍ରମ ସଠିକ୍ ଭାବେ ଚିତ୍ରଣ କରାଯାଇଛି । ସାଧାରଣ ଜନତା, ବୁଦ୍ଧିଜୀବୀ, ଗବେଷକ, ବିଶେଷକରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣତନ୍ତ୍ର ପ୍ରତି ଆଗ୍ରହ ବଢାଇବା ସହିତ ଆମ ବିଧାନ ସଭାର ଗରିମାକୁ ଏହି ପୁସ୍ତକଦ୍ୱୟ ଆହୁରି ଉଜ୍ଜ୍ୱଳ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ପୁସ୍ତକ ସଂପର୍କରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ବିଗତ ଦୁଇ ବର୍ଷ ମଧ୍ୟରେ ନୂତନ ବିଧାୟକମାନଙ୍କ ପାଇଁ ଆୟୋଜିତ ପ୍ରଶିକ୍ଷଣ ଶିବିର ଓ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀର ସୁନ୍ଦର ଚିତ୍ର ଏଥିରେ ସ୍ଥାନ ପାଇଛି । ମହାମହିମ ରାଷ୍ଟ୍ରପତିଙ୍କ ଓଡ଼ିଶା ଆଗମନ ଏବଂ ବିଧାନସଭାରେ ତାଙ୍କର ପ୍ରଥମ ଅଭିଭାଷଣ ଓଡ଼ିଶାର ସଂସଦୀୟ ଇତିହାସର ଏକ ବିରଳ ଓ ଚିରସ୍ମରଣୀୟ ଘଟଣା । ଏହି ପୁସ୍ତକରେ ସନ୍ନିବେଶିତ ହୋଇଥିବା ତାଙ୍କର ପ୍ରେରଣାଦାୟୀ ଅଭିଭାଷଣର ଫଟୋଚିତ୍ର ସମସ୍ତଙ୍କୁ ନିଶ୍ଚିତ ରୂପେ ଉତ୍ସାହିତ କରିବ । ଆଗାମୀ ଦିନରେ ଏହି ପୁସ୍ତକ ଆମ ଯୁବପିଢ଼ି ଓ ଗବେଷକମାନଙ୍କ ପାଇଁ ଏକ ଅମୂଲ୍ୟ ପୁସ୍ତକ ହେବା ସହିତ ଓଡ଼ିଶା ବିଧାନସଭାର ଯଶ ଓ ଗୌରବକୁ ଏହା ଆହୁରି ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



## ଏମସିଏଲର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନେଲେ ବିରଞ୍ଚି ଦାସ

ସମ୍ବଲପୁର, ୧/୭(ନିପ୍ର): ବିରଞ୍ଚି ଦାସ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡର ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ ୧ ଜୁଲାଇ ୨୦୨୬ ରୁ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ମାର୍ଚ୍ଚ ୨୦୨୪ ରୁ ସାଉଥ୍ ଇଷ୍ଟର୍ଣ୍ଣ କୋଲ୍‌ଫିଲ୍ଡସ୍ ଲିମିଟେଡ୍‌ରେ ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ମାନବ ସମ୍ବଳ ପରିଚାଳନା, ଶିଳ୍ପ ସମ୍ପର୍କ (ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ସ) ଓ କର୍ମଚାରୀ କଲ୍ୟାଣ କ୍ଷେତ୍ରରେ ତାଙ୍କର ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଶ୍ରୀ ଦାସ ବ୍ୟକ୍ତିଗତ ପରିଚାଳନା ଏବଂ ଶ୍ରମିକ-ନିଯୋଜକ ସମ୍ପର୍କରେ ସ୍ନାତକୋତ୍ତର (ପିଜି) ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୯୪ ମସିହାରେ ଏମସିଏଲ୍‌ରୁ ହିଁ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏମସିଏଲ୍‌ରେ ନିଜର ପୂର୍ବ କାର୍ଯ୍ୟକାଳ ମଧ୍ୟରେ ସେ ଶିଳ୍ପ ସମ୍ପର୍କ ଏବଂ ମାନବ ସମ୍ବଳ ନୀତି ପ୍ରଣୟନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି ଏବଂ ବର୍ତ୍ତମାନ ସେ ସିଇଆରଏଲ ଓ ସିଇଡବ୍ଲ୍ୟୁଆରଏଲର ବୋର୍ଡ ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି। ଏସଇସିଏଲ୍‌ରେ କାର୍ଯ୍ୟ କରିବା ସମୟରେ ଶ୍ରୀ ଦାସ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି, ଯେଉଁଥିରେ ସିଏସଆର କାର୍ଯ୍ୟକ୍ରମ 'ଏସଇସିଏଲ୍ କି ଧଡ଼କନ୍' ସାମିଲ ରହିଛି।




## ପ୍ରମାଣଭିତ୍ତିକ ନୀତି ପ୍ରଣୟନ, କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଉପରେ ସମୀକ୍ଷା

ଭୁବନେଶ୍ୱର, ୭।୧ : ରାଜ୍ୟରେ ସୁଶାସନକୁ ଅଧିକ ଫଳପ୍ରଦ, ସ୍ୱଚ୍ଛ ଓ ନାଗରିକକୈନ୍ଦ୍ରିକ କରିବା, ପ୍ରଯୁକ୍ତି ଓ ପ୍ରମାଣଭିତ୍ତିକ ନୀତି ନିର୍ମାଣକୁ ପ୍ରୋତ୍ସାହନ ଦେବା, ବିଭାଗୀୟ କାର୍ଯ୍ୟଦକ୍ଷତାର ସମୀକ୍ଷା ସହ ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ଅରବିନ୍ଦ କୁମାର ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ ଓ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଯୋଗ ଦେଇଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟ ସରକାରଙ୍କ ବିଭିନ୍ନ ଉଲ୍ଲେଖନୀୟ ଯୋଜନା ଓ କାର୍ଯ୍ୟକ୍ରମର ସଫଳତା ଯଥା ମହିଳା ଉଦ୍ୟୋଗୀ ପ୍ଲାଟଫର୍ମ ( ଡବ୍ଲୁଇପି)ର ଶୁଭାରମ୍ଭ, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ, ଯାନ୍ତ୍ରିକ ଓ ବୈଷୟିକ ଶିକ୍ଷାରେ ସଂରକ୍ଷଣ ବୃଦ୍ଧି ଏବଂ ରାଜ୍ୟର କ୍ରୀଡ଼ା, ଶିଳ୍ପ ଓ ଷ୍ଟାର୍ଟଅପ୍ କ୍ଷେତ୍ରର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ବୈଜ୍ଞାନିକ ଗବେଷଣା, ତଥ୍ୟ ବିଶ୍ଳେଷଣ ଏବଂ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ସରକାରୀ ଯୋଜନାର ପ୍ରଭାବକୁ ଅଧିକ ସୁଦୃଢ଼ କରିବା ସହ ସମ୍ବଳର ସଠିକ୍ ବ୍ୟବହାର ଓ ଉତ୍ତମ ନୀତି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।



## ଏସ୍‌ଆଇଆର୍: ଜୁଲାଇ ୫ ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

ଭୁବନେଶ୍ୱର, ୧।୭: ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ର ଚିଠା ତାଲିକା ଜୁଲାଇ ୫ରେ ପ୍ରକାଶ ପାଇବ। ଏହା ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ୪ ଅଗଷ୍ଟ ଯାଏଁ ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ। ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ।ଏହି ପ୍ରସଙ୍ଗରେ ବୁଧବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ୍ ଗୋପାଳନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟର ସଫଳ ସମାପ୍ତି, ଡିଜିଟାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। କୌଣସି ମଧ୍ୟ ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି ।

## ବିଜେପିରେ ଯୋଗ ଦେଲେ ମଣ୍ଡଳ ଦମ୍ପତି

**ଭୁବନେଶ୍ୱର, ୧।୭(ନିପ୍ର):** ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ବୁଧବାର ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଧାମନଗର ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବିଜେଡି ରାଜ୍ୟ ସମ୍ପାଦକ ତଥା ଭଦ୍ରକ ଜିଲ୍ଲାର ବରିଷ୍ଠ ନେତା ଶଶୀ କୁମାର ସାହୁ ପ୍ରମୁଖ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଏହି ଅବସରରେ ବିଜେଡିର ପୂର୍ବତନ ଭଦ୍ରକ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଗତ ସାଧାରଣ ନିର୍ବାଚନରେ ବିଜେଡିରୁ ସିମୁଳିଆ ବିଧାନସଭା ପ୍ରାର୍ଥିନୀ ସୁବାସିନୀ ସାହୁ, ବାସୁଦେବପୁର ପୌରପରିଷଦ ପୂର୍ବତନ ପୌରାଧ୍ୟକ୍ଷା ଅଂଜୁଳତା ମହାନ୍ତି, ବାସୁଦେବପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷା ପ୍ରଭାତୀ ମଣ୍ଡଳ, ଚାନ୍ଦବାଲୀ ନିର୍ବାଚନମଣ୍ଡଳୀର ପ୍ରତାପ ଚନ୍ଦ୍ର ବେହେରା, ଅଲେଖ ଚନ୍ଦ୍ର ବଳ, ଆଲୋକ ବଳ, ଅଭିମନ୍ୟୁ ବଳ, ଉତ୍ତମ କୁମାର ବଳ, ସବୀନ ନାୟକଙ୍କ ସମେତ ଜିଲ୍ଲାର ବାସୁଦେବପୁର, ତିହିଡି, ଧାମନଗର, ବ୍ଲକର ଶତାଧିକ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି ।

## ୩୦୦ ଫୁଟ ତଳକୁ ଖସିଲା କାର୍, ଜଣେ ମୃତ



କୋରାପୁଟ, ୧/୭ : ତଳ ମିଟିଙ୍ଗ ପର୍ଯ୍ୟଟନ ସ୍ଥଳ ବୁଲିବା ହେଲା କାଳ । ତିନିଶହ ଫୁଟ ତଳକୁ ଖସିଲା କାର ଜଣେ ମୃତ, ଚାରି ଆହତ । କୋରାପୁଟ ଜିଲ୍ଲା କାକିରିଗୁମା ଥାନା ଅନ୍ତର୍ଗତ ଲଛମଣି ଘାଟିରେ ତିନି ଶହ ଫୁଟ ତଳକୁ ଖସିଲା କାର । ତଳ ମିଟିଙ୍ଗ ପର୍ଯ୍ୟଟନ ସ୍ଥଳକୁ ବୁଲିବାକୁ ଯାଉ ଥିବା ବେଳେ ଅଘଟଣ ଘଟିଛି। ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ଗ୍ରାମର ଦିଲ୍ଲୀପ ବିଶୋଇ ଓ ତାଙ୍କ ପରିବାର ତଳ ମିଟିଙ୍ଗ ପର୍ଯ୍ୟଟନ ସ୍ଥଳ ବୁଲିବାକୁ ବାହାରିଥିଲେ । ପର୍ଯ୍ୟଟନ ସ୍ଥଳକୁ ପହଂଚିବା ପୂର୍ବରୁ ଲଛମଣି ଘାଟିରେ କାର ଭାରସାମ୍ୟ ହରାଇ ପାହାଡ଼ରୁ ତିନିଶହ ଫୁଟ ତଳକୁ ଖସି ପଡିଥିଲା । ଲଛମଣି ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି କାକିରିଗୁମା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ଆହତଙ୍କୁ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା ।

## ୧୦ ଦଫା ଦାବି ନେଇ ଡାକ୍ତରଙ୍କ ଆନ୍ଦୋଳନ, କଳାବ୍ୟାଜ ପିନ୍ଧି ଦେଖୁଛନ୍ତି ରୋଗୀ

ଭୁବନେଶ୍ୱର, ୧/୭: ବୁଧବାରଠାରୁ ଡାକ୍ତରଙ୍କ ଆନ୍ଦୋଳନ ଆରମ୍ଭ ହୋଇଛି । ଜାତୀୟ ଡାକ୍ତର ଦିବସରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଡାକ୍ତର । ଅନିର୍ଦ୍ଦିଷ୍ଟକାଳ ପାଇଁ ରାଜ୍ୟରେ ରୋଗୀ ସେବା ବନ୍ଦ । କଟକ ଏସିବି ମେଡିକାଲ କଲେଜରେ କଳା ବ୍ୟାଜ ପିନ୍ଧି କାର୍ଯ୍ୟକୁ ଓହ୍ଲାଇଛନ୍ତି ଜୁନିୟର ଡାକ୍ତର ଓ ଆରଡିଏ ଡାକ୍ତର ସଂଘ । ଗୋଟିଏ ପଟେ ଡାକ୍ତର ଦିବସ ଥିବା ବେଳେ ଅନ୍ୟପଟେ ଓମସାର ଡାକରାରେ ସମଗ୍ର ଓଡିଶାର ଡାକ୍ତରମାନେ କଳାବ୍ୟାଜ ପିନ୍ଧି ରୋଗୀ ଦେଖୁଛନ୍ତି । ସରକାର ଦାବି ପୂରଣ ନକଲେ ଆଗକୁ ସମ୍ପୂର୍ଣ୍ଣ ରୋଗୀ ସେବା ଠପ କରାଯିବ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି । ସେପଟେ ଦଶ ଦଫା ଦାବୀ ପୂରଣ ନେଇ ସିଡିଏମଓଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଉଛନ୍ତି ବ୍ରହ୍ମପୁର ସିଟି ହସ୍ପିଟାଲର ଡାକ୍ତର । ଆଜି ଡାକ୍ତର ଦିବସ ଗୋଟିଏ ପଟେ ଥିବା ବେଳେ ଅନ୍ୟପଟେ ଓମସାର ଡାକରାରେ ସମଗ୍ର ଓଡିଶାରେ ଡାକ୍ତର ମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ବ୍ରହ୍ମପୁର ସିଟି ହସ୍ପିଟାଲର ଡାକ୍ତରମାନେ ଦାବୀ ପୂରଣ ନେଇ ସିଡିଏମଓ କାର୍ଯ୍ୟାଳୟ ପରିସରରେ ଧାରଣା ଦେଉଛନ୍ତି । ସେପଟେ ଗଜପତି ମେଡିକାଲ କଲେଜର ଜୁନିଅର ଡାକ୍ତର ସଙ୍ଘ ସମର୍ଥନ ଜଣାଇଛି । ଏଣୁ ଆଗକୁ ଧୀରେ ଧୀରେ ରୋଗୀ ସେବା ପ୍ରଭାବିତ ହେବାର ଆଶଙ୍କା ରହିଛି ।



## ରୀତିନୀତି ପାଳନ ବିନା ହିନ୍ଦୁ ବିବାହ ବୈଧ ନୁହେଁ: ଗୁଜରାଟ ହାଇକୋର୍ଟ

ନୂଆଦିଲ୍ଲୀ,୧।୭: ହିନ୍ଦୁ ବିବାହକୁ କେବଳ ବିବାହ ପ୍ରମାଣପତ୍ର ଆଧାରରେ ବୈଧ ବୋଲି ଧରାଯାଇପାରିବ ନାହିଁ। ହିନ୍ଦୁ ବିବାହ ଆଇନରେ ନିର୍ଦ୍ଧାରିତ ଆବଶ୍ୟକ ରୀତିନୀତି ପାଳନ ହୋଇଥିଲେ ହିଁ ବିବାହ ବୈଧ ହେବ । ଗୁଜରାଟ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟରେ ଏହା ସ୍ପଷ୍ଟ କରିଛନ୍ତି। ଯେଉଁ ସମ୍ପ୍ରଦାୟରେ ସପ୍ତପଦୀ କିମ୍ବା ସାତ ଫେରା ପରମ୍ପରା ରହିଛି, ସେଠାରେ ଏହି ରୀତି ପାଳନ ନ ହେଲେ ବିବାହକୁ ସମ୍ପୂର୍ଣ୍ଣ ଏବଂ ବୈଧ ବୋଲି ବିବେଚନା କରାଯାଇପାରିବ ନାହିଁ। ବିଚାରପତି ଇଲେଶ ଜେ. ଭୋରା ଏବଂ ବିଚାରପତି ଆର.ଟି. ଭାଚାନିଙ୍କ ଖଣ୍ଡପୀଠ କହିଛନ୍ତି ଯେ ବିବାହ ପ୍ରମାଣପତ୍ର କେବଳ ପୂର୍ବରୁ ସମ୍ପନ୍ନ ହୋଇଥିବା ବିବାହର ଏକ ରେକର୍ଡ ମାତ୍ର। ଏହା ସ୍ୱୟଂଚାଳିତ ଭାବେ ବିବାହକୁ ବୈଧ କରେ ନାହିଁ।ଏହି ମାମଲା ବ୍ରିଟେନରେ ବସବାସ କରୁଥିବା ଜଣେ ବ୍ୟକ୍ତିଙ୍କ ଆବେଦନ ସହ ଜଡିତ। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ଅହମଦାବାଦର ଜଣେ ମହିଳା ଚାକିରି ଦେବାର ପ୍ରଲୋଭନ ଦେଇ ତାଙ୍କ ଦସ୍ତଖତ ସଂଗ୍ରହ କରିଥିଲେ

## କାର ପାର୍କିଂକୁ ନେଇ ହୋମଗାର୍ଡଙ୍କୁ ଆକ୍ରମଣ : ୨ ଗିରଫ

**କଟକ, ୧/୭(ନିପ୍ର):** ଜଗତପୁର ଗୋଲେଇ ଛକରେ ରାସ୍ତା ଉପରେ କାର ପାର୍କିଙ୍ଗକୁ ନେଇ ଟ୍ରାଫିକ ଦାୟିତ୍ୱରେ ଥିବା ହୋମଗାର୍ଡକୁ ଆକ୍ରମଣ କରି ରକ୍ତାକ୍ତ କରିଥିବା ଅଭିଯୋଗରେ ଜଗତପୁର ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ସିହୋପଡ଼ାର ଆଲୋକ ବେହୁରିଆ ଓରଫ ବାବା (୨୯) ଏବଂ ଦୀପକ କୁମାର ବେହୁରିଆ (୨୬) । ମିଳିଥିବା ସୂଚନା ଅନୁଯାୟୀ ସ୍ଥାନୀୟ ପଶ୍ଚିମକଛ ଡିହସାହିର ଦୁର୍ଗାମାଧବ ପଦାରବିନ୍ଦ ସ୍ୱାଇଁ ଜଗତପୁର ଥାନାରେ ହୋମଗାର୍ଡ ଭାବରେ କାର୍ଯ୍ୟରତ । ବୁଧବାର ସନ୍ଧ୍ୟାରେ ଜଗତପୁର ଗୋଲେଇ ଛକ ଫଳ ଦୋକାନ ନିକଟରେ ଅଭିଯୁକ୍ତମାନେ ରାସ୍ତା ଉପରେ ସେମାନଙ୍କ କାର ପାର୍କିଂ କରିଥିଲେ । କାର ପାର୍କିଂ ହେତୁ ଟ୍ରାଫିକ ସମସ୍ୟା ହେଉଥିବାରୁ ଟ୍ରାଫିକ ଦାୟିତ୍ୱରେ ଥିବା ହୋମଗାର୍ଡ ଶ୍ରୀ ସ୍ୱାଇଁ ସେମାନଙ୍କୁ ସେଠାରୁ କାର ହଟାଇବା ପାଇଁ କହିବାରୁ ସେମାନେ କାର ହଟାଇବାକୁ ମନାକରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଭିଡିଓ ଉତ୍ତୋଳନ କରିଥିଲେ ।

## ଅମିତ୍ ଶାହ ଦେବେ ବଡ଼ ଭେଟି



ଭୁବନେଶ୍ୱର,୧।୭: ଦିନକ ପରେ ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ । ବରଗଡ଼ ଓ ସମ୍ବଲପୁରରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରି ପଶ୍ଚିମ ଓଡ଼ିଶାବାସୀଙ୍କୁ ଦେବେ ବଡ଼ ଭେଟି । ସରକାରୀ କାର୍ଯ୍ୟକ୍ରମର ଭିଡ଼ ଭିତରେ ସମୟ କାଢ଼ି ରାଜ୍ୟ ବିଜେପି ମୁଖ୍ୟ କାର୍ଯ୍ୟାଳୟକୁ ଆସିପାରନ୍ତି ଶାହା ବୋଲି ଚର୍ଚ୍ଚା ହେଉଛି। ବରଗଡ଼ ଓ ସମ୍ବଲପୁରରେ ସେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ, ପଶ୍ଚିମ ଓଡ଼ିଶାବାସୀଙ୍କୁ ଦେବେ ବଡ଼ ଭେଟି । ବରଗଡ଼ରେ ଇଥାନଲ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରାଯିବ । ଏହାଦ୍ୱାରା ପଶ୍ଚିମ ଓଡ଼ିଶା ବିଶେଷ କରି ବରଗଡ଼ର ଚାଷୀ ଉପକୃତ ହେବେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ୍ ମନ୍ତ୍ରାଳୟ ଦାୟିତ୍ୱରେ ଥିବା ସମୟରେ ପ୍ରକଳ୍ପ ହାତକୁ ନେଇଥିଲେ କେନ୍ଦ୍ର ସରକାର । ୨୦୧୭ ଆରମ୍ଭ ହୋଇଥିଲା ୧୭୫୦ କୋଟିର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ।

## ସି-ଲିପ୍ସ ମାଧ୍ୟମରେ ଲକ୍ଷପତି ଦିଦିଙ୍କୁ ମିଳିବ ଡିଜିଟାଲ୍ ସଶକ୍ତୀକରଣ

**ନୂଆଦିଲ୍ଲୀ, ୧/୭(ପିଆଇବି):** ଆର୍ଥିକ କାରବାର, ଜୀବିକା ସମ୍ବନ୍ଧୀୟ ଅଭିଲେଖ ସଂରକ୍ଷଣ ଏବଂ ବିଭିନ୍ନ ସମନ୍ୱୟମୂଳକ ପଦକ୍ଷେପର ଅଗ୍ରଗତିର ଅନୁଧ୍ୟାନ ସମେତ ସିବିଓଗୁଡ଼ିକର କାର୍ଯ୍ୟକଳାପକୁ ଡିଜିଟାଲ ରୂପ ଦେବାରେ ସହାୟତା କରିଥାଏ। ସି-ଲିପ୍ସ ମୋବାଇଲ୍ ଆପ୍ଲିକେସନକୁ ଡିଜିଟାଲ ଇଣ୍ଡିଆ କର୍ପୋରେସନ ଦ୍ୱାରା ବିକଶିତ କରାଯାଇଛି ଏବଂ ଏହାକୁ ଲୋକଓଏସ୍ ପ୍ଲାଟଫର୍ମ ଅଧୀନରେ କାର୍ଯ୍ୟକାରୀ କରାଯାଇଛି। ଲୋକଓଏସ୍ ହେଉଛି ଏକ ଡିଜିଟାଲ ବ୍ୟବସ୍ଥା, ଯାହା ଦେଶବ୍ୟାପୀ ସମୁଦାୟଭିତ୍ତିକ ସଂଗଠନର କାର୍ଯ୍ୟକଳାପକୁ ଅଭିଲେଖଭୁକ୍ତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ସଂଗଠନ ଏବଂ କ୍ଲଷ୍ଟର ସ୍ତରୀୟ ସଂଘ ଅନ୍ତର୍ଭୁକ୍ତ। ଲୋକଓଏସ୍ ସଦସ୍ୟମାନଙ୍କର ଅଭିଲେଖ, ଆର୍ଥିକ କାରବାର, ଜୀବିକା ସମ୍ବନ୍ଧୀୟ ଅଭିଲେଖ ସଂରକ୍ଷଣ ଏବଂ ବିଭିନ୍ନ ସମନ୍ୱୟମୂଳକ ପଦକ୍ଷେପର ଅଗ୍ରଗତିର ଅନୁଧ୍ୟାନ ସମେତ ସିବିଓ ଗୁଡ଼ିକର କାର୍ଯ୍ୟକଳାପକୁ ଡିଜିଟାଲ ରୂପ ଦେବାରେ ସହାୟତା କରିଥାଏ। ଲୋକଓଏସ୍ ସଦସ୍ୟମାନଙ୍କର ଅଭିଲେଖ, ଆର୍ଥିକ କାରବାର, ଜୀବିକା ସମ୍ବନ୍ଧୀୟ ଅଭିଲେଖ ସଂରକ୍ଷଣ ଏବଂ ବିଭିନ୍ନ ସମନ୍ୱୟମୂଳକ ପଦକ୍ଷେପର ଅଗ୍ରଗତିର ଅନୁଧ୍ୟାନ ସମେତ ସିବିଓଗୁଡ଼ିକର କାର୍ଯ୍ୟକଳାପକୁ ଡିଜିଟାଲ ରୂପ ଦେବାରେ ସହାୟତା କରିଥାଏ।

## ପଦକ ବିଜେତା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

**ଝାରସୁଗୁଡ଼ା, ୧/୭(ନିପ୍ର):** ଜିଲ୍ଲା ପ୍ରଶାସନର ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ବିଭିନ୍ନ କ୍ରୀଡ଼ା ବିଭାଗରେ ଜାତୀୟ ଓ ରାଜ୍ୟ ସ୍ତରରେ ପଦକ ହାସଲ କରିଥିବା କ୍ରୀଡ଼ାବିତମାନଙ୍କୁ ଉତ୍ତରୀୟ ଏବଂ ଚାରା ଦେଇ ସମ୍ବର୍ଦ୍ଧିତ କରିଥିଲେ ଜିଲ୍ଲାପାଳ କୁଣକ୍ଷଲ ମୋତିରାମ ଚଓ୍ୱାଣ । ଏହି ଅବସରରେ ଜିଲ୍ଲାପାଳ କ୍ରୀଡ଼ାବିତମାନଙ୍କ ସହ ଆଲୋଚନା କରି ସେମାନଙ୍କର ଅଭ୍ୟାସ, ପ୍ରତିଯୋଗିତାର ଅନୁଭୂତି, ସଫଳତା ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। କ୍ରୀଡ଼ାବିତମାନଙ୍କ ପ୍ରତିଭାକୁ ଆହୁରି ବିକଶିତ କରିବା ସହ ସେମାନଙ୍କୁ ଆବଶ୍ୟକ ସୁବିଧା ଓ ସହଯୋଗ ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ଜିଲ୍ଲାପାଳ ଶ୍ରୀ ଚଓ୍ୱାଣ ପ୍ରକାଶ କରିଥିଲେ। ଏଥିସହ କ୍ରୀଡ଼ା କେବଳ ଶାରୀରିକ ଦକ୍ଷତାର ବିକାଶ କରେ ନାହିଁ, ବରଂ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ନେତୃତ୍ୱ ଗୁଣର ବିକାଶରେ ମଧ୍ୟ ସହାୟକ ହୋଇଥାଏ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଜିଲ୍ଲାର କ୍ରୀଡ଼ାବିତମାନେ ରାଜ୍ୟ ଓ ଜାତୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଝାରସୁଗୁଡ଼ାର ଗୌରବ ବୃଦ୍ଧି କରୁଥିବାରୁ ସେ ସେମାନଙ୍କୁ ପ୍ରଶଂସା କରିଥିଲେ। ଭବିଷ୍ୟତରେ ଆହୁରି ନିଷ୍ଠା ଓ ପରିଶ୍ରମ ସହ ଅଭ୍ୟାସ ଜାରି ରଖି ଉଚ୍ଚତର ସଫଳତା ହାସଲ କରିବାକୁ ସେ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ାବିତମାନେ ମଧ୍ୟ ସେମାନଙ୍କର ଅଭ୍ୟାସ ପ୍ରକ୍ରିୟା, ଆବଶ୍ୟକତା ଏବଂ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ସମ୍ପର୍କରେ ନିଜ ମତାମତ ରଖିଥିଲେ। ଜିଲ୍ଲାପାଳ ଶ୍ରୀ ଚଓ୍ୱାଣ ସେମାନଙ୍କ ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ (ଉଇଇ)-ର ସଭ୍ୟ, ସଭ୍ୟା , କ୍ରୀଡ଼ା ପ୍ରଶିକ୍ଷକ, ବିଭିନ୍ନ କ୍ରୀଡ଼ା ବିଭାଗର ପଦକ ବିଜେତା କ୍ରୀଡ଼ାବିତ ଉପସ୍ଥିତ ଥିଲେ।

## ପାଞ୍ଚ ଡକାୟତ ଗିରଫ, ମାରଣାସ୍ତ୍ର ଜବତ

**ଜଟଣୀ, ୧/୭(ନିପ୍ର):** ଜଟଣୀ ଥାନା ପୁଲିସ ପକ୍ଷରୁ ରାତ୍ର କାଳୀନ ପେଟ୍ରୋଲିଂ କରାଯାଉଥିବା ବେଳେ ଗତ କାଲି ବିଳମ୍ବିତ ରାତିରେ ଏକ ବଡଧରଣର ଡକାୟତି ଯୋଜନା ପାଇଁ ପ୍ରସ୍ତୁତ କରାଯାଉଥିବା ବେଳେ ଖବର ପାଇ ପୁଲିସ ପଣ୍ଡ କରିବା ସହିତ ପାଞ୍ଚଜଣ ଅଭିଯୁକ୍ତଙ୍କୁ ଘଟଣା ସ୍ଥଳରୁ ଗିରଫ କରି ବୁଧବାର କେଶ ନମ୍ବର ୩୬୯/୨୬ ଆଧାରରେ କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ ଜଟଣୀ ଥାନାଧିକାରୀ ଷାଲିନ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ସ୍ୱତନ୍ତ୍ର ଟିମ ଗତକାଲି ରାତ୍ରିକାଳୀନ ପେଟ୍ରୋଲିଂ କରୁଥିବା ବେଳେ, ରାତି ପ୍ରାୟ ୧.୩୦ ମିନିଟ୍ ସମୟରେ ଜଟଣୀର ଚିନ୍ତାମଣି ନଗର ଛକ ନିକଟସ୍ଥ କାଜୁ ପଡ଼ିଆରେ କିଛି ଦୁର୍ବୃତ୍ତ ଏକତ୍ରିତ ହୋଇ ପ୍ଲାଣ୍ଟ ଅଞ୍ଚଳକୁ ଯାଉଥିବା ଯାନବାହାନ ସହ ପଥଚାରୀ ମାନଙ୍କୁ ବଡଧରଣର ଡକାୟତି କରିବା ପାଇଁ ଯୋଜନା କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ସେହି ପାଞ୍ଚ ଡକାୟତମାନେ ହେଲେ ଗଜପତି ନଗର ଅଞ୍ଚଳର ସୋମନାଥ ଜେନା ଓରଫ ଲଣ୍ଡୁ (୧୯), ଏସ ଶେଖର ରାଓ ଓରଫ ଶିବା (୨୨), ରାଜାବଜାରର ଓ୍ୱାହିଦ ଶାହା ଓରଫ ଓ୍ୱାଉ (୨୨), ଗଜପତି ନଗରର ଅବଦୁଲ ମୁଜାଫର ଅଲ୍ଲୀ ଓରଫ ଗାଜା (୨୦) ଏବଂ ବିଶାଳ ଦାସ ଓରଫ ସୋନୁ (୨୨) । ମିଳିଥିବା ସୂଚନାକୁ ଆଧାର କରି ପୁଲିସ ଟିମ ଅବିଳମ୍ବେ ଘଟଣା ସ୍ଥଳ ଅଭିମୁଖେ ଯାଇ ଚିନ୍ତାମଣି ନଗର ଛକ ନିକଟରେ ଗାଡ଼ି ରଖି ସମସ୍ତେ ଚାଲିଚାଲି କାଜୁ ପଡ଼ିଆ ଅଭିମୁଖେ ଯାଇଥିଲେ ।

**AFFIDAVIT**

By virtue of an affidavit sworn before The Executive Magistrate, Phulbani affidavit no.324 dated on 19.02.2026, I Miss Aliva D/o-Abhimanyu Sahani, Resident of Ashrisahi, Po-Bisipada, Ps-Phulbani Sadar, Dist-Kandhamal, Odisha, Pin-762011 do hereby declare that I have changed my name from Aliva Sahani to Miss Aliva. Henceforth I shall be known as Miss Aliva for all purposes.

Sd/-MISS ALIVA

# ୩ରେ ଆରମ୍ଭ ହେବ ଅମରନାଥ ଯାତ୍ରା

ଜମ୍ମୁ,୧/୭: ବାର୍ଷିକ ଅମରନାଥ ଯାତ୍ରା ଜୁଲାଇ ୩ ରେ ଆରମ୍ଭ ହେବାକୁ ଯାଉଛି, ଏବଂ ବହୁ ସଂଖ୍ୟକ ତୀର୍ଥଯାତ୍ରୀ ତାୱି ନଦୀ କୂଳରେ ପହଞ୍ଚି ସାରିଛନ୍ତି, ଯେଉଁଠାରେ ଯାତ୍ରା ପାଇଁ ଘଟଣାସ୍ଥଳରେ ପଞ୍ଜୀକରଣ ଚାଲିଛି ।ଅମରନାଥ ମନ୍ଦିର ବୋର୍ଡ ତୀର୍ଥଯାତ୍ରୀଙ୍କ ସୁଗମ ଗତିବିଧି ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିଛି। ଭକ୍ତମାନେ ସେମାନଙ୍କର ପାଳି ଅପେକ୍ଷା କରି ଉତ୍ସାହରେ ପୂର୍ଣ୍ଣ ଅଛନ୍ତି ଏବଂ ପବିତ୍ର ଗୁମ୍ଫା ମନ୍ଦିରକୁ ଯାତ୍ରା କରିବାକୁ ପ୍ରସ୍ତୁତ ଅଛନ୍ତି। ପ୍ରଥମ ଥର ପାଇଁ ଆସିଥିବା ଜଣେ ତୀର୍ଥଯାତ୍ରୀ କହିଛନ୍ତି, 'ଆମେ ପ୍ରଥମ ଥର ପାଇଁ ଯାଉଛୁ ଏବଂ ବହୁତ ଖୁସି। ଆମେ ଏହି ତୀର୍ଥଯାତ୍ରା କରିବାକୁ ମନ ସ୍ଥିର କରିଛୁ। ଲମ୍ବା ଧାଡ଼ିରେ ଅପେକ୍ଷା କରିବା ପରେ, ଆମର ଏକମାତ୍ର ଲକ୍ଷ୍ୟ ହେଉଛି ଦର୍ଶନ କରିବା। ବର୍ତ୍ତମାନ, ଆମର ଏକମାତ୍ର ଇଚ୍ଛା ହେଉଛି ବାବାଙ୍କ ବାସସ୍ଥାନରେ ପହଞ୍ଚିବା। ମୁଁ ବର୍ଷ ବର୍ଷ ଧରି ଯିବାକୁ ଚାହୁଁଥିଲି, ଏବଂ ଆଜି ଶେଷରେ ମୋତେ ସୁଯୋଗ ମିଳିଛି।' ବିକାନେରର ଆଉ ଜଣେ ତୀର୍ଥଯାତ୍ରୀ ଚନ୍ଦ୍ରଶେଖର ଚାଙ୍ଗାନି ଅମରନାଥ ମନ୍ଦିର ବୋର୍ଡର ସୁରକ୍ଷା ଏବଂ ଲଜିଷ୍ଟିକ୍ ବ୍ୟବସ୍ଥାର ପ୍ରଶଂସା କରିଛନ୍ତି। ଚଳିତ ବର୍ଷ, ୫୭ ଦିନିଆ ତୀର୍ଥଯାତ୍ରା ଜୁଲାଇ ୩ ତାରିଖରେ ଅନନ୍ତନାଗ ଜିଲ୍ଲାର ପାରମ୍ପରିକ ୪୮ କିଲୋମିଟର ଲମ୍ବା ନୂନୱାନ-ପହଲଗାମ ମାର୍ଗ ଏବଂ ଗଣ୍ଡେରବାଲ ଜିଲ୍ଲାର ୧୪ କିଲୋମିଟର ଲମ୍ବା ବାଲତାଲ ମାର୍ଗ ଦେଇ ଏକକାଳୀନ ଆରମ୍ଭ ହେବ। ଏହି ଯାତ୍ରା ଅଗଷ୍ଟ ୨୮ ତାରିଖରେ ରକ୍ଷା ବନ୍ଧନ ପର୍ବ ସହିତ ଶେଷ ହେବ।



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-289

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର 20Kରୁ ଅଧିକ TVU ଥିବା 04ଟି ଲେଭେଲ କ୍ରସିଂ ଗାଟକ (JT-27, RV-47, RV-59 ଓ RV-90)ଗୁଡ଼ିକର ଇଣ୍ଟରଲକିଂ କାର୍ଯ୍ୟ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 12,76,191.00, EMD : ₹ 25,500/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ (06) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.17.07.2026ରିଖ 1530 ଘଣ୍ଟିକାରେ ।

[illegible] (Firm) [illegible] www.ireps.gov.in [illegible]

ଦ୍ରଷ୍ଟବ୍ୟ : [illegible] 15 (ପନ୍ଦର) [illegible] IREPS [illegible]

ମଣ୍ଡଳ ରେଳ ପ୍ରବନ୍ଧକ (ବିଦ୍ୟୁତ-ସାମାନ୍ୟ)/ ସମ୍ବଲପୁର

PR-273/R/26-27

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ